

RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ବାସ୍ତବତାର୍ ପରିପ୍ରକାଶ

# ପ୍ରାଚୀ
# PRACHEE

ଅକ୍ଟୋବର ୨୦୧୯
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

ଜୀବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ପଞ୍ଚମ ବର୍ଷର ସପ୍ତମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# 'ପ୍ରାଚୀ'ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଚିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.-5, October 2019, Issue No. VII
**RNI No. : ODIODI/2015/64435**
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**
ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
ସହ ସମ୍ପାଦକ :
**ଡ. ନିରୋଦ କୁମାର ମନ୍ତ୍ରୀ**
**ବନଲତା ସିଂହ**
**ଡକ୍ଟର ବିଦ୍ୟୁତ୍‌ପ୍ରଭା ମିଶ୍ର**
**ପ୍ରସନଜିତ୍ ସାହୁ**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ମନୋଜ କୁମାର ଦାସ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ରାମଚନ୍ଦ୍ର ବିଶ୍ୱାଳ**
ବିତରଣ ଅଧିକାରୀ :
**ପ୍ରଦୀପ୍ତ କୁମାର ପାଢ଼ୀ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

**ପ୍ରାଚୀ ସାହିତ୍ୟ ସମାଜ**
ସଭାପତି :
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**

ପ୍ରାଚୀ ସାହିତ୍ୟ ସମାଜର ସଭ୍ୟ ହେବା ପାଇଁ
www.pracheevoice.in ରେ
ଲଗ୍‌ଇନ୍ କରନ୍ତୁ ।

**Declaration**
**Edited, Published & Owned by :**
**Dr. Bibhudatta Khandayatray**

**Niladri Vihar, Cuttack - 4**
**E-mail :**
**pracheepatrika@rediffmail.com**
**Web Site :**
**www.pracheevoice.in**

## ଏଇ ସଂଖ୍ୟାରେ...

ବିଶ୍ୱବିଜୟୀ ଗାନ୍ଧୀ
- ଡଃ ପାବକ କାନୁନ୍‌ଗୋ ୦୭

ସ୍ୱାଧୀନତା ବନାମ୍ ବ୍ୟକ୍ତିଚେତନା
- ପ୍ରଫେସର ଡକ୍ଟର ନୃସିଂହ ଷଡ଼ଙ୍ଗୀ ୦୯

ଆମ ପ୍ରଭୁ ଛାଡି ଚାଲିଗଲେ
- ଅଶ୍ୱିନୀ କୁମାର ସେଠୀ ୧୧

ଶିଶୁ ସାହିତ୍ୟରେ ଶିଶୁଦିବସୀୟ କବିତା
- ଶ୍ରୀ କୁଞ୍ଜ ବିହାରୀ ସାହୁ ୧୩

ବିରଜା ଦେବୀଙ୍କ ଶାରଦୀୟ ରଥଯାତ୍ରା
- ଅଧ୍ୟାପକ ପବିତ୍ର ମୋହନ ବାରିକ ୧୭

ପ୍ରେମ: ଏକ ତରଫା
- ଲକ୍ଷ୍ମଣ କୁମାର ବେହେରା (ଯତି) ୨୨

ରକ୍ଷିତା
- ରିତାଞ୍ଜଳି ପ୍ରଧାନ ୨୪

ବୋଉ
- ସୁଜାତା ସାହୁ ୨୬

ଅକ୍ଟୋବର ୧୬ର ପବିତ୍ର ରକ୍ଷା ବନ୍ଧନ ଏବଂ ତାର ପ୍ରାସଙ୍ଗିକତା
- ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ ୨୮

ଏକ୍ସପାଏରି ଡେଟ୍
- ମୂଳ ବଙ୍ଗଳା : ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ
- ଅନୁବାଦ : ସୁଧାଂଶୁ ଶେଖର ଦ୍ୱିବେଦୀ ୩୧

କାଳିଝିଅ ଓ ଫେରିବାଲା
- ସଚ୍ଚିଦାନନ୍ଦ କର ୩୩

ବାପାଙ୍କ ପୁରୁଣା ବାକ୍ସ
- ସୁଶାନ୍ତ କୁମାର ନନ୍ଦ ୩୪

ସ୍ୱାଧୀନ ଓ ପରାଧୀନ
- ଶିବ ପ୍ରସାଦ ବାହିନୀପତି ୩୬

ଭାଇରାଲ୍ ଭିଡ଼ିଓ
- ଅନିରୁଦ୍ଧ ସାମନ୍ତରା ୩୯

ବାବୁ !
- ବଳବନ୍ତ ସାହୁ (ବବଲୁ) ୪୫

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ  ଏବଂ  ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ ।  ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡ଼ିଶା, ପିନ୍ - ୭୫୩୦୦୪ କିମ୍ବା ପାଠକପାଠିକା ମାନେ pracheepatrika@rediffmail.com **ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।**

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ....................................................................................................

ଠିକଣା ............................................................ ପିନ୍‌କୋର୍ଡ଼ ....................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ............................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ......................................

ବ୍ୟାଙ୍କ୍........................................... ସ୍ଥାନ..........................................................

ତାରିଖ........................................ ଦସ୍ତଖତ...........................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheevoice.in

# ବିଶ୍ୱବିଜୟୀ ଗାନ୍ଧୀ

- ଡଃ ପାବକ କାନୁନ୍‌ଗୋ

ମହାତ୍ମା ଗାନ୍ଧୀଙ୍କ ଜନ୍ମର ୧୫୦ ବର୍ଷ ପୂର୍ତ୍ତି ଉ ତ୍ସବ ସାରା ବିଶ୍ୱରେ ।ଳିତ ହେଉଥିବାବେଳେ ତାଙ୍କ ସମ୍ପର୍କରେ ଅଧିକ ଜାଣିବା ପାଇଁ ଅଗଣିତ ମଣିଷ ଆଜି ବି ଯେ ଆଗ୍ରହ ପ୍ରକାଶ କରୁଛନ୍ତି ତାହା ତାଙ୍କ ଅସାଧାରଣ ଚରିତ୍ର ଓ କୀରଣର ପ୍ରତାପ ବୋଲୀ କୁହାଯାଉଛି । କେବଳ ତାଙ୍କ ଜୀବନ ନୁହେଁ, ମୃତ୍ୟୁ ପରବର୍ତ୍ତୀ ଜୀବନ ମାନବ ଜାତି ପ୍ରତି ଶିକ୍ଷା ପ୍ରଦ ହୋଇ ଯାଇଛି ବୋଲି ପଣ୍ଡିତମାନେ ମତପ୍ରକାଶ କରୁଛନ୍ତି ।

ଆଉ ଗୋଟିଏ ଦୃଷ୍ଟିରୁ ଗାନ୍ଧୀଙ୍କ ବିଷୟରେ ତାତ୍ତ୍ୱିକ ଓ ସୂକ୍ଷ୍ମ ଆଲୋଚନା ହେଉଛି । ବିଶ୍ୱ ରଙ୍ଗମଂଚରେ ଗାନ୍ଧୀଜୀଙ୍କ ସମସାମୟିକ ବିରାଟ ପୁରୁଷମାନଙ୍କର ପ୍ରତାପ ସେମାନଙ୍କ ଦେଶ ଓ ଆଖପାଖରେ ସୀମାବଦ୍ଧ ରହିଥିଲାବେଳେ ମହାତ୍ମାଙ୍କ କ୍ଷେତ୍ରରେ ତାହାର ବିପରୀତ ହିଁ ଘଟୁଛି । ଦେଶ ଭିତରେ ତାଙ୍କ ସ୍ମୃତି, ତାଙ୍କ ଅବଦାନ ଓ ତାଙ୍କ କୃତିତ୍ୱକୁ ମଳିନ ବା ନିଷ୍ପ୍ରଭ କରିବାକୁ ସଂଗଠିତ ଉଦ୍ୟମ ଚାଲିଥିଲାବେଳେ ସାରା ବିଶ୍ୱ ପାଇଁ ସେ ଗୋଟିଏ ଆଲୋକ ବର୍ତ୍ତିକା ଭାବରେ ଉଭା ହେବା ଘଟଣା ବିଶ୍ୱ ଇତିହାସରେ ବିରଳ ବୋଲି କହିଲେ ଭୁଲ ହେବ ନାହିଁ । ଋଷର ମହାନନେତା ଲେନିନ ଓ ଷ୍ଟାଲିନ୍, ଆମେରିକାର ରାଷ୍ଟ୍ରପତି ରୁଜ୍‌ଭେଲ୍‌ଟ୍, ବ୍ରିଟୀଶ ପ୍ରଧାନମନ୍ତ୍ରୀ ଓ ସାହିତ୍ୟରେ ନୋବେଲ ପୁରସ୍କାର ବିଜେତା ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ, ଫ୍ରାନ୍‌ସର ଡିଗଲ, ଚୀନର ମାଓ ସେ ତୁଙ୍ଗ ଓ ଇଣ୍ଡୋଚୀନର ହୋ ଚିମିନ୍‌ଙ୍କ ଦୃଷ୍ଟାନ୍ତଏ ସମ୍ପର୍କରେ ଦିଆଯାଇପାରେ । ମାନବ ଜାତି, ସଭତା ପାଇଁ ସେମାନଙ୍କର ଅବଦାନ କିଛି କମ୍ ନୁହେଁ । ମଣିଷ ଚିନ୍ତା ରାଜୀରେ ମଧ୍ୟ ସେମାନେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିଲେ । କିନ୍ତୁ ଦୁର୍ଭାଗ୍ୟର କଥା ଯେ ସେମାନେ ଯେପରି ବିଶ୍ୱବ୍ୟାପୀ ସ୍ୱୀକୃତି ପାଇବା କଥା ତାହା ପାଇ ନାହାନ୍ତି ।

କିନ୍ତୁ ଭାରତରେ ଗାନ୍ଧୀ ବହୁ ଦୂରକୁ ଅବହେଳିତ ଓ ଉପେକ୍ଷିତ ହେଉଥିଲେ ମଧ୍ୟ ତାଙ୍କ ନୂଆ ଭାବରେ ଆବିଷ୍କାର କରିବାର ପ୍ରକ୍ରିୟା ସାରା ଦୁନିଆରେ ଚାଲିଛି । ତାଙ୍କ ପରିଚୟ ଜଣେ କିମ୍ବଦନ୍ତୀ ପୁରୁଷ ଭିତରେ ଆଉ ସୀମିତ ରହିନାହିଁ । ଜଣେ ବିଶ୍ୱପ୍ରେମିକ, ମାନବ ପ୍ରେମୀ ଓ ଦାର୍ଶନିକ ଭାବରେ ସେ ସବୁଆଡ଼େ ସମ୍ମାନିତ ହେଉଛନ୍ତି । କିଛି କିଛି ବର୍ଷର ବ୍ୟବଧାନରେ ନୂଆ ନୂଆ ଗାନ୍ଧୀଙ୍କ ପରିଚୟ ପାଇ ସାରା ବିଶ୍ୱ ଚଳିତ ହୋଇଯାଇଛି । ଜୀବନ୍ତ ଗାନ୍ଧୀ ଓ ମରଣ ପରବର୍ତ୍ତୀ ଗାନ୍ଧୀଙ୍କର ମାନବ ସମାଜ ପାଇଁ ଅବଦାନର ନୂଆ ନୂଆ ଫର୍ଦ୍ଦ ଉନ୍ମୋଚିତ ହୋଇ ତାଙ୍କୁ 'ଗ୍ଲୋବାଲ ଗାନ୍ଧୀ'ରେ ପରିଣତ କରିହେଉଛି । ପରିସ୍ଥିତି ଓ ପରିବେଶକୁ ଚାହିଁ ତାଙ୍କ ଭିତରୁ ନୂତନ ଆଲୋକର ଅନୁସନ୍ଧାନ ମଣିଷ ଜାତି ବ୍ରତୀ ହୋଇଛି । ସେ ଯେପରି ହୋଇଯାଇଛନ୍ତି 'ପୋଟେବଲ୍ ଗାନ୍ଧୀ' ।

ଅନେକ ବେଗର ମୁକ୍ତିଦାତା ବା ଦେଶବାସୀଙ୍କୁ ନୂଆ ରାସ୍ତାରେ ଚଳାଇଥିବା ଅସାଧାରଣ ବ୍ୟକ୍ତିମାନଙ୍କ କଥା ଆଲୋଚନା କଲେ ଗୋଟିଏ କଥା ମନକୁ ଆସି ଯାଉଛି । ସେହି ସବୁ ଦେଶର ଲୋକେ ଯେଉଁ ଆଶା ନେଇ ସ୍ୱାଧୀନତା ଲାଭ କରିଥିଲେ, ନୂଆ ଦେଶର ଯେଉଁ ସ୍ୱପ୍ନ ସେମାନେ ଦେଖିଥିଲେ ନାନା କାରଣରୁ ସେହି ଆଶା ପୂରଣ ନ ହେଲେ ବା ନୈରାଶ୍ୟର ଗୋଟିଏ ବାତାବରଣ ସୃଷ୍ଟି ହେଲେ ସେମାନଙ୍କ ପ୍ରତି ଜନ ଅସନ୍ତୋଷ ବଢ଼େ ଏବଂ ସେମାନେ କ୍ରମେ ଲୋକପ୍ରିୟତା ହରାଇ ବସନ୍ତି । ଆଉ ଗୋଟିଏ ଦୃଷ୍ଟିରୁ ଯେଉଁ ମାନେ ନୂଆତତ୍ତ୍ୱ ବା ଆଦର୍ଶର ପ୍ରଚାର କରିଥାନ୍ତି ସେହି ଆଦର୍ଶ ନିନ୍ଦିତ ହୋଇଗଲେ ଏଗୁଡ଼ିକର ସ୍ରଷ୍ଟା ବା ପ୍ରଚାରକମାନେ ମଧ୍ୟ ଅଲୋଡ଼ା ହୋଇପଡ଼ନ୍ତି । ଲେନିନ, ଷ୍ଟାଲିନ୍ ଙ୍କ କ୍ଷେତ୍ରରେ ଏହା ଘଟିଲା । ବିଂଶ ଶତାବ୍ଦୀର ଶେଷ ଭାଗରେ ପୃଥିବୀର ଅନେକ ଦେଶରୁ କମ୍ୟୁନିଜିମ୍ ବା ସାମ୍ୟବାଦ ଅପସରି ଯିବା ପରେ ସେମାନଙ୍କର ଗୁରୁତ୍ୱ କମି ଆସିଲା । ପରିସ୍ଥିତି ଏପରି ହେଲା ଯେ ଋଷରେ ଷ୍ଟାଲିନ୍ ଓ ଲେନିନ୍‌ଙ୍କ ବିରୁଦ୍ଧରେ ଆନ୍ଦୋଳନ ସବୁ ଗଢ଼ି ଉଠିଲା । ଚୀନରେ ବିପ୍ଳବୀ ମାଓ ସେ ତୁଙ୍ଗଙ୍କର ମଧ୍ୟ ସେହି ଅବସ୍ଥା ହେଲା । ମାଓଙ୍କର ଶହ ଶହ ପ୍ରତିମୂର୍ତ୍ତିକୁ ଉତ୍ୟକ୍ତ ଲୋକେ ଧ୍ୱଂସ କରି ଦେଇ ମାଟିରେ ମିଶାଇ ଦେଲେ / ଯୁକ୍ତରାଷ୍ଟ୍ର ଆମେରିକାର ପ୍ରାଧାନ୍ୟ ବିଶ୍ୱରେ ହ୍ରାସ ହେବାରୁ ହେବାରୁ ରୁଜ୍‌ଭେଲ୍‌ଟ ବା ଆରଜେନ୍ ହୋରକ ଭଳି ନେତାମାନଙ୍କର ପ୍ରଭାବ ମଧ୍ୟ ହ୍ରାସ ପାଇଲା ।

ଗାନ୍ଧୀଙ୍କ କ୍ଷେତ୍ରରେ କିନ୍ତୁ ଏହାର ବ୍ୟତିକ୍ରମ ଘଟିଛି । କୌଣସି ଆଦର୍ଶର କାନ୍ଧ ଉପରେ ବସି ଆଗକୁ ଯାଉଥିବାରୁ ଏବଂ ତାଙ୍କ ବିଚାରରେ 'ଗାନ୍ଧିବାଦ' ବୋଲି କିଛି ତତ୍ତ୍ୱ ନଥିବାରୁ କୌଣସି ବଡ଼ ଧରଣର ପରିବର୍ତ୍ତନ ତାଙ୍କ ସୁନାମରେ ଆଂଚ ଆଣିପାରୁ ନାହିଁ । ୧୯୮୦ ଦଶକରୁ ବିଶ୍ୱର ଅନେକ ଦେଶରେ, ବିଶେଷତଃ

ପୂର୍ବ ଇଉରୋପ ରେ କମ୍ୟୁନିଷ୍ଟ ଶାସନର ଅବସାନ ଘଟି ଗଣତନ୍ତ୍ର ଶାସନ ପ୍ରତିଷ୍ଠା ହେଲା ପରେ ଲେନିନ୍, ଷ୍ଟାଲିନ୍ ଓ ମାଓ ସେମାନଙ୍କର ପୂର୍ବ ଗୁରୁତ୍ୱ ହରାଇହେଲେ ।

ଆଉ ଗୋଟିଏ ଦୃଷ୍ଟିରୁ ଏ କଥାର ଆଲୋଚନା କରାଯାଇପାରେ । ବହୁ ଲୋକଙ୍କର ଧାରଣା ଯେ ମହାତ୍ମା ଗାନ୍ଧୀ ଯେ ବିରାଟତ୍ୱ ମୁକୁଟ ପିନ୍ଧି ପାରିଲେ ତାହାର ପ୍ରଧାନ କାରଣ ସେ ଏ ଦେଶକୁ ଇଂରେଜ ଶସନରୁ ମୁକ୍ତ କରିଥିଲେ । ଭାରତର ଯେ ସେ ମୁକ୍ତିଦାତା ଓ ଜାତିର ଜନକ ଭାବରେ ସର୍ବଦା ସ୍ୱୀକୃତ ଓ ପୂଜ୍ୟ ଏଥିରେ ସନ୍ଦେହ ନାହିଁ । କାରଣ ତାଙ୍କ ନାମକୁ ସବୁବେଳେ ଆମ ସ୍ୱାଧୀନତା ସହିତ ଯୋଡ଼ିବାର କୌଣସି ଯୁକ୍ତିଯୁକ୍ତ କାରଣ ନାହିଁ । ଆମ ଦେଶ କେବେ ସ୍ୱାଧୀନ ହେବ ସେ ସମ୍ପର୍କରେ କିଛି ସଂକେତ ବା ନିଶ୍ଚିତତା ନଥିଲା ସେତେବେଳେ ମଧ୍ୟ ସେ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଥିଲେ । ସତ୍ୟ ଓ ଅହିଂସାର ପୂଜାରୀ ଭାବରେ ଏବଂ ଶାନ୍ତିପୂର୍ଣ୍ଣ ପନ୍ଥାରେ ପରିବର୍ତ୍ତନ ଆଣିବାର ଅସାମାନ୍ୟ ସାମାନ୍ୟ ତାଙ୍କର ଥିଲା ।

ଗୋଟିଏ ଉଦାହରଣ କଥାଟିକୁ ସ୍ପଷ୍ଟ କରିଦେବ । ବିଂଶ ଶତାବ୍ଦୀର ଆରମ୍ଭରେ ରୋମାରୋଲାଁ ବିଶ୍ୱ ବିଦିତ ହୋଇଯାଇଥିଲେ । ସାହିତ୍ୟରେ ନୋବେଲ ପ୍ରାଇଜ ପାଇବା ପରେ ତାଙ୍କର ପ୍ରସିଦ୍ଧି ଆହୁରି ବଢ଼ିଯାଇଥିଲା । ଜଣେ ଇଂଜେ ଆଡ଼ମିରାଲଙ୍କ କନ୍ୟା ମାଡେଲିନ୍ ସ୍ଲେଜ୍ ଥରେ ରୋଲାଙ୍କୁ ଭେଦ ଅନୁରୋଧ କଲେ, ଏପରି କିଛି ପନ୍ଥା ମୋତେ କୁହନ୍ତୁ ଯାହାକୁ ଅନୁସରଣ କଲେ ମୁଁ ଜୀବନରେ ନୂଆ ଆଲୋକର ସନ୍ଧାନ ପାଇପାରିବି । ଲେଖକ ସେହି ଯୁବତୀକୁ ଗୋଟିଏ ଛୋଟ ବହି ଦେଖାଇ ସେଥିରେ ଥିବା ଛବିକୁ ସେ ଜାଣନ୍ତିକି ବୋଲିସେ ପ୍ରଶ୍ନ କରିଥିଲେ । ସେ କିନ୍ତୁ କହିପାରିଲେ ନାହିଁ । ବହିଟିର ନାମ ଥିଲା 'ମହାତ୍ମା ଗାନ୍ଧୀ' । ଲେଖକ ତାଙ୍କୁ କହିଲେ, ଭାରତରେ ରହୁଥିବା ଏହି ସାଧାରଣ ଲୋକଟି ପାଖକୁ ଯାଅ । ସେ ତୁମକୁ ନୂଆ ବାଟର ସନ୍ଧାନ ଦେଇପାରିବେ । ତାଙ୍କ ନାମ ମହାତ୍ମାଗାନ୍ଧୀ । ତାଙ୍କୁ ତୁମେ କହି ପାର । ଆଉ ଜଣେ ଯୀଶୁଖ୍ରୀଷ୍ଟ; ତାହାର ବର୍ଷକ ପରେ ସେହି ଯୁବତୀ ଭାରତ ଆସି ଗାନ୍ଧୀଙ୍କ ଆଶ୍ରମରେ ପହଂଚିଲେ । ଗାନ୍ଧୀ ତାଙ୍କ ନାମ ରଖିଲେ ମୀରାବେନ୍ । ୧୯୨୦ ରେ ଆମେରିକାର ଜଣେ ସମ୍ମାନିତ ପାଦ୍ରୀ ରେଭରେଣ୍ଡ ହୋମ୍‌ସ । ଚର୍ଚ୍ଚରେ ପ୍ରାର୍ଥନା ପରେ ସମବେତ ଶ୍ରଦ୍ଧାଳୁକୁ ସେ ପ୍ରଶ୍ନ କଲେ- ବିଂଶ ଶତାବ୍ଦୀର ଶ୍ରେଷ୍ଠ ବ୍ୟକ୍ତି କିଏ ? କିଏ ଲେନିନ୍ କହିଲାବେଳେ ଆଉ କେହି ଷ୍ଟାଲିନ୍ ତ ଆଉ କେହି ଟଲଷ୍ଟୟ ଓ ରୋମାରୋଲାଙ୍କ କଥା କହିଲେ । ଶେଷକୁ ପାଦ୍ରୀ କହିଲେ- ସେ ହେଉଛନ୍ତି ଭାରତରେ ବାସ କରୁଥିବା ଜଣେ ଅଜ୍ଞ ଜଣାଶୁଣା ଆନ୍ଦୋଳନ କାରୀ । ତାଙ୍କ ନାମ ମୋହନ ଦାସ କରମ ଚାନ୍ଦ ଗାନ୍ଧୀ ।

୧୯୨୦ ଦଶକ ପରେ ମହାତ୍ମାଙ୍କ ଖ୍ୟାତି ସାରା ଦୁନିଆରେ ପ୍ରଚାରିତ ହେବାରେ ଲାଗିଲା । ସେତେବେଳକୁ(୧୯୦୯) ତାଙ୍କ ହିନ୍ଦ୍ ସ୍ୱରାଜ ବହି ପ୍ରକାଶ ପାଇ ସାରିଥାଏ । ଗୋଖଲେ ବା ନେହେରୁଙ୍କ ପରି ବାପୁଜୀଙ୍କର ଅତି ପ୍ରିୟ ନେତାମାନେ ଏହାର ବିଷୟବସ୍ତୁକୁ ସମାଲୋଚନା କରୁଥିଲେ ମଧ ବିଶ୍ୱର ଅନ୍ୟ ଅଂଶରେ ରହୁଥିବା ବହୁ ପ୍ରସିଦ୍ଧ ଗବେଷକ, ପଣ୍ଡିତ, ଲେଖକ, ଭାବୁକ ଓ ବୈଜ୍ଞାନିକ ଏହାର ଭୂୟସୀ ପ୍ରଶଂସା କଲେ । ପ୍ରଖ୍ୟାତ ଚିନ୍ତାନାୟକ ଜି.ଡି.ଏଚ୍ କୋଲ କହି ଉଠିଲେ, ଦାର୍ଶନିକ ରୁଷୋଙ୍କ କାଳଜୟୀ ପୁସ୍ତକ (ସୋସିଆଲ କଂଟ୍ରାକ୍ଟ) ଠାରୁ 'ହିନ୍ଦ ସ୍ୱରାଜ' ଉତ୍କୃଷ୍ଟ । ବିଶ୍ୱପ୍ରସିଦ୍ଧ ବୈଜ୍ଞାନିକ ଆଇନଷ୍ଟାଇନ୍ ଙ୍କ ଦୃଷ୍ଟି ସେତେବେଳକୁ ଗାନ୍ଧୀଙ୍କ ଉପରେ ପଡ଼ିଲାଣି । ତାଙ୍କ ମତରେ, ସାରା ବିଶ୍ୱର ଦାର୍ଶନିକ ଶକ୍ତି ବିରୋଧରେ କେବଳ ନୈତିକ ଓ ଆଧ୍ୟାତ୍ମିକ ଶକ୍ତିକୁ ପୁଞ୍ଜି କରି ଏଇ ମଣିଷଟି ଈଶ୍ୱରଙ୍କର ଗୋଟିଏ ବିସ୍ମୟଙ୍କର ସୃଷ୍ଟି । ୧୯୩୮ରେ ଗାନ୍ଧୀଙ୍କର ୫୦ ତମ ଜୟନ୍ତୀ ଉପଲକ୍ଷେ ଡକ୍ଟର ରାଧାକୃଷ୍ଣନ୍ ଙ୍କ ଦ୍ୱାରା ଗୋଟିଏ ଗ୍ରନ୍ଥ ପ୍ରକାଶିତ ହୋଇଥିଲା । ସେଥିରେ ବିଶ୍ୱର ବହୁ ବିଦ୍ୱାନ ମତ ପ୍ରକାଶ କରିଥିଲେ ଯେ ଅହିଂସା ତଥ୍ୟକୁ ବ୍ୟକ୍ତିଗତ ସ୍ତରରୁ ନେଇ ସାରା ଦେଶର କୋଟି କୋଟି ଲୋକଙ୍କ ପାଖରେ ପହଂଚାଇବାର ସାମର୍ଥ୍ୟ ବା ଶକ୍ତି ଗାନ୍ଧୀଙ୍କର ଥିବାରୁ ତାଙ୍କୁ ମଣିଷଜାତି ସବୁବେଳେ ଶ୍ରଦ୍ଧାର ସହିତ ମନେ ରଖିବ । ବୁଦ୍ଧଦେବଙ୍କ ପରେ କୋଟି କୋଟି ଲୋକଙ୍କର ହୃଦୟକୁ ଛୁଇଁବାର ପ୍ରୟାସ ଗାନ୍ଧୀଜୀ ହିଁ କରିଥିଲେ ଲବଣ ସତ୍ୟାଗ୍ରହ (ଆଇନ୍ ଅମାନ୍ୟ ଆନ୍ଦୋଳନ) ପରେ ଗାନ୍ଧୀଙ୍କର ଯଶ ଏପରି ଦିଗନ୍ତ ବିସ୍ତାରୀ ହୋଇ ଗଲା ଯେ ପ୍ରସିଦ୍ଧ ନାଟ୍ୟକାର ଜର୍ଜ ବର୍ଣ୍ଣାଡ଼୍'ଶଙ୍କୁ ଯେତେ ବେଳେ ପ୍ରଶ୍ନ ହେଲା, ଗାନ୍ଧୀଙ୍କ ସମ୍ପର୍କରେ ଆପଣଙ୍କର ଧାରଣା କ'ଣ ସେ ଟିକିଏ ହସି ଉତ୍ତର ରଖିଲେ- ତୁମେ ମୋତେ ଯଦି ପଚାର ହିମାଳୟ ସମ୍ପର୍କରେ ମୋର ଧାରଣା କ'ଣ ଏହାର ଯେପରି ସଠିକ୍ ଉତ୍ତର କିଛି ଦେଇ ପାରିବି ନାହିଁ, ଏହି ପ୍ରଶ୍ନଟିର ଉତ୍ତର ଦେବା ମଧ ସେହି ପରି କଷ୍ଟକର ।

ସଂପାଦକ, ଜ୍ଞାନମଣ୍ଡଳ ଫାଉଣ୍ଡେସନ୍
ଭୁବନେଶ୍ୱର

# ସ୍ୱାଧୀନତା ବନାମ୍ ବ୍ୟକ୍ତିଚେତନା

- ପ୍ରଫେସର ଡକ୍ଟର ନୃସିଂହ ଷଡ଼ଙ୍ଗୀ

ଗୋଟିଏ ବୃହତ୍ତର ରାଷ୍ଟ୍ରିୟ ସ୍ୱାର୍ଥ-ଚେତନାରୁ ଆରମ୍ଭ ହୋଇଥିଲା ଏକ ନୂଆ କିସମର ମୁକ୍ତି ସଂଗ୍ରାମ- 'ଅହିଂସା ଆନ୍ଦୋଳନ' । ଆରମ୍ଭରୁ ବ୍ରିଟିଶ ସରକାର ହିଁ ଥିଲେ ଏଇ ଆନ୍ଦୋଳନ ପ୍ରତି ଉଦାସୀନ । ମାତ୍ର ଯେତେବେଳେ ଅହିଂସାର ସୁତୀବ୍ର ସ୍ୱର-ନିନାଦ ଗୋଟିଏ ବିଶାଳ ଜନ ଆନ୍ଦେଳନକୁ ଅତିମାତ୍ରାରେ ପ୍ରୋତ୍ସାହିତ କଲା ଓ ସବୁଠି ସ୍ୱାଧୀନତା ପାଇଁ ମାଳ ମାଳ ପଟୁଆରରେ ଭାରତର ପଲ୍ଲୀରୁ ସହର ଯାଏଁ ଶୁଣାଗଲା ସ୍ୱରାଜର ଦାବୀ ଓ ବ୍ରିଟିଶ ସରକାରଙ୍କୁ ଦେଶ ଛାଡ଼ିବାର ଆହ୍ୱାନ ସେତେବେଳେ ଗୋରା ସରକାର ହିଁ ଏ ଆନେନ୍ଦାଳନର ପ୍ରଭାବକୁ ଉପଲବ୍ଧି କଲେ । ମନେ କରିଥିଲେ ହାତରେ ବାଡ଼ି ଧରା ଆନ୍ଦୋଳନ କାରୀ ବଂଧୁକ ୟେନଟ ଆଗରେ ଅସ୍ତିତ୍ୱ ହଜାଇ ଦେବେ । ମାତ୍ର 'ଜାଲିଆନାୱାଲାବାଗ୍' ର ନରସଂହାର ପରେ ବ୍ରିଟିଶ୍ ସରକାରଙ୍କ ପ୍ରତି ଉନ୍ମେଷିତ ରାଷ୍ଟ୍ରୀୟ ବିଦ୍ୱେଷ ଭାରତ ଓ ଭାରତୀୟଙ୍କ ପ୍ରତି ଗୋରା ସରକାରଙ୍କ ଧାରଣା ବଦଳାଇ ଦେଲା । ଯେତେବେଳେ ଭାରତୀୟ ହିଂସା ଓ ଅହିଂସା ଉଭୟଙ୍କୁ ସାମ୍ନା କରିବାରେ ବ୍ରିଟିଶ୍ ପୋଲିସ୍ ଫୌଜଙ୍କ ବଳ ପ୍ରୟୋଗ ଅମାନବୀୟ ଆଚରଣ, ଲାଞ୍ଛନା, ନିର୍ଯ୍ୟାତନା, ଜେଲ, ଭର୍ତ୍ତି ଓ ଗୁଳି ମରା କାରବାର ମଧ୍ୟ ବିପ୍ଳବୀ ତଥା ଅହିଂସା ମାର୍ଗୀ ଭାରତୀୟଙ୍କୁ ମୁକ୍ତି ସଂଗ୍ରାମରୁ ଓହରାଇ ନେବାରେ ଅସମର୍ଥ ହେଲା- ସେତେବେଳେ ଏହି ସଂଗ୍ରାମର ଗୁରୁତ୍ୱକୁ ହ୍ରାସ କରିବା ପାଇଁ ଏକ ନୂଆ ନାରା ଦେଇଥିଲେ ସାମ୍ରାଜ୍ୟବାଦୀ ଗୋରା ଶାସକ ଯେ,- "ଭାରତୀୟମାନେ ବିଶୃଙ୍ଖଳିତ, ଆଚରଣରେ ହିଂସ୍ର ଓ ସରକାରୀ ବିରୋଧୀ କ୍ରିୟାଯୋଗରେ ଅଧିକ ଆସକ୍ତ ।" ପ୍ରକୃତ ପ୍ରସଂଗ ଥିଲା ଭିନ୍ନ । ଭାରତୀୟଙ୍କ ଦୂରଦର୍ଶୀ ଚେତନାକୁ ବୁଝିବାକୁ ଅସମର୍ଥ ଥିଲେ ଅହଂକାରୀ, ପ୍ରଭୁତ୍ୱବାଦୀ ବ୍ରିଟିଶ ଶାସକ । ସରକାରୀଙ୍କ ଏଇ ହେୟତା ଓ ଅବୋଧତା ହିଁ ତାଙ୍କୁ ପରିଣତିରେ ଭାରତ ଭୂମିରୁ ଏକ ପ୍ରକାର ବହିଷ୍କୃତ ହେବାକୁ ବାଧ କରିଥିଲା । ମହାତ୍ମାଗାନ୍ଧୀଙ୍କ ଲଢ଼େଇର ନୂଆମନ୍ତ୍ର 'ଅହିଂସା' ହିଁ ଥିଲା ଏ କ୍ଷେତ୍ରରେ ବ୍ରିଟିଶ ସରକାରଙ୍କୁ ବଶମୂଦ ଓ ନତଜାନୁ କରିଦେବାର ଏକ ବାଧ ଅସ୍ତ୍ର । କିନ୍ତୁ ଶେଷ ପର୍ଯ୍ୟନ୍ତ ସେମାନଙ୍କ ଅହଂକାରୀ ଶାସକ- ବ୍ୟକ୍ତିସତ୍ତା ଭରତୀୟ ମାନଙ୍କ ପ୍ରତି ନିହିତ ବିଦ୍ୱେଷରୁ ମୁକ୍ତ ନହେବା ଥିଲା- ସେମାନଙ୍କର ଆଉ ଏକ ଅପତିହତ ଦୁର୍ବଳତା । ଏହାରି ବିଲକ୍ଷଣତାରୁ ଦେଶ ବିଭାଜନ ହେଲା; ପରନ୍ତୁ ସ୍ୱାଧୀନତା ପରେ ବି ଭାରତୀୟ ରାଜନୀତିକ ବାତାବରଣ, ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଚେତନା ବହୁମାତ୍ରାରେ ସନ୍ତ୍ରସ୍ତ ହେବା ସହ ଗତିଶୀଳତାରେ ବାଧାମୁକ୍ତ ରହିପାରିଲା ନାହିଁ । ସ୍ୱାଧୀନତା ପାଇବି ତା'ର ମୁଗ୍ଧକର ସ୍ୱାଦକୁ ବ୍ୟକ୍ତି ଚେତନା ଉପଭୋଗ କରିପାରିଲା ନାହିଁ । ସ୍ୱର ଉଠିଲା- "ଏଥିପାଇଁ ଦାୟୀ ଆମର ଅହିଂସା ଆନ୍ଦୋଳନ । କାରଣ ଆବଶ୍ୟକତାଠାରୁ କମ୍ ରକ୍ତପାତହୀନ ଏ ସଂଗ୍ରାମ ଥିଲା ଏକ ସହଜଲବ୍ଧ ସ୍ୱାଧୀନତା ପ୍ରାପ୍ତିର ପ୍ରମୁଖ କରଣ । ସଶସ୍ତ୍ର ଲଢ଼େଇରୁ ଆସିନଥିଲା ଏ ସ୍ୱାଧୀନତା । ତେଣୁ ପରବର୍ତ୍ତୀ ବ୍ୟକ୍ତିଚେତନା ପୂର୍ବ ପୀଢ଼ିଙ୍କ ସଂଗ୍ରାମ । ସଂଘର୍ଷର ଭୀଷଣତାକୁ ଠିକ୍ ଭାବେ ଉପଲବ୍ଧି କରି ପାରିଲେ ନାହିଁ । ରକ୍ତପାତ କଲା ଗୋଟିଏ ଲଢୁଆ ଜାତିକୁ ମିଳିଥିବା ଏ ସ୍ୱାଧୀନତାର ପରିଭାଷା ତା' ପାଇଁ ଅନ୍ତଃଚେତନାରେ ସେପରି କିଛି ମହାର୍ଘ ଉପଲବ୍ଧି ଦେଇଥିବାର ଏକ ପ୍ରଲମ୍ବିତ ପରିଚୟ ଆଜି ତେଣୁ ପାଇବା ବିଡ଼ମ୍ବନାର ବିଷୟ ହୋଇପଡ଼ିଛି ।

ଭାରତୀୟ ମୁକ୍ତି ସଂଗ୍ରାମର ରୂପକୁ ଏକ ନୂଆଢଙ୍ଗରେ ଦେଖି ସେ ଦିନ ଭୀତିପୀଡ଼ିତ ବ୍ରିଟିଶ୍ ସରକାର ଭାରତୀୟଙ୍କୁ ବିଶୃଙ୍ଖଳିତ, କ୍ରୋଧିତ ବୋଲି ଯେଉଁ ଆଖ୍ୟା ଦେଇଥିଲେ ଆଜି ବ୍ୟକ୍ତି ଚେତନାର ଅନ୍ତଃକରଣର ବିଶ୍ଲେଷଣ ରେ ତାହା ହିଁ ଲକ୍ଷ୍ୟ କରାଯାଇଛି । ସବୁ କ୍ଷେତ୍ରରେ ଘଟଣା ଓ ଅଘଟଣର ରାଜନୀତିକରଣ ରେ ବ୍ୟକ୍ତି ଚେତନା ଯେ ଆଜି ଅଧିକ ବିଶୃଙ୍ଖଳିତ- ଏହି ମତରେ ବିରୋଧ ପାଇଁ ଆଉ ଯୁକ୍ତି ନାହିଁ । ବ୍ୟକ୍ତିର ସମାନ୍ୟତମ ଆଚରଣରେ ରାଜାତିର ଯେଉଁ ଚୌରାଚାରର ଆଭାସ ମିଳୁଛି ତାହାକି ଆଉ ସହଜରେ ଅତିକ୍ରମଣୀୟ ହେବାର ସମ୍ଭାବନା ଦିଶୁନାହିଁ । ସ୍ୱାଧୀନତାକୁ ସୁରକ୍ଷିତ କରିବା ପାଇଁ ରାଜତନ୍ତ୍ର ଅପେକ୍ଷା ଯେଉଁ ଲୋକତନ୍ତ୍ରକୁ ପ୍ରାଧାନ୍ୟ ଦିଆଗଲା । ତାହାର ବାସ୍ତବ ସ୍ୱାଦ ଲୋକ ଅର୍ଥରେ ଅତି ସାଧାରଣ ଲୋକ ହିଁ ପାଇଲେ ନାହିଁ । କ୍ଷମତାର ମୋହିତ ରୂପ... ଏତେ ଦୁରୂହ ଆକର୍ଷଣ ସୃଷ୍ଟି କଲା ଯାହା ବ୍ୟକ୍ତି ଚେତନା ଓ ଗଣତନ୍ତ୍ରକୁ ଆଜି ପୃଥକ୍ ପୃଥକ୍ ପରିଭାଷାରେ ହେଁ ପରିଚିତି ଦେଇଛି । ସାଧାରଣ ଜନତା ରାଜନୀତିର ଅର୍ଥ ବୁଝୁଛି କେବଳ ନିଜସ୍ୱ ସ୍ୱାର୍ଥ ଆଉ ଯେଉଁ ପକ୍ଷ ତା'ର ଏ ସ୍ୱାର୍ଥ ସାଧନରେ ଅଧିକ ପ୍ରଚେଦିତ ସେ ସେଇ ଦଳର ସମର୍ଥକ । ଅନ୍ୟ କେହି ପ୍ରତିପକ୍ଷ ଯଦି ଏହା ଠାରୁ ଅଧିକ କିଛି ପ୍ରଲୋଭନ ଦେଖାଇ ପାରିଲା; ସେତେବେଳେ ପୁଣି ଥରେ ନିଷ୍ପତ୍ତିର

ଏକ ସୁରକ୍ଷିତ ସ୍ୱାଧୀନତାକୁ ଚିରଂଜିବୀ କରିବାରେ ଆଜି ଶଂକା ଆଣିବା ଏକ ସ୍ୱାଭାବିକ ପ୍ରସଂଗ । ସହଜ ବଂଚିବାର ରାହା ଆଜି ସର୍ବଗ୍ରାହୀ ହେଲାବେଳେ କଷ୍ଟାର୍ଜିତ ମାର୍ଗରେ ଜୀବନକୁ ସଂଚାଳନ କରିବାର ପ୍ରୟାସ ପରିତେଜ୍ୟ ହେବା ସୁରକ୍ଷିତ ଜୀବନ ବୋଧ ପାଇଁ ଆଜି ବେଶ୍ ଆହ୍ୱାନ ସୃଷ୍ଟି କରିଛି । ସେଥିପାଇଁ ସ୍ୱାଧୀନତା ଯେଉଁ ଅର୍ଥରେ ଜନଜୀବନରେ ବିକଶିତ ହେବା କଥା ତାହା ଅଧିକ ସୁବିଧାବାଦୀ ସ୍ୱରୂପରେ ହିଁ ଆଭାସିତ ହୋଇ- ଜୀବନକୁ କ୍ରିୟାଜାକ କରିବା ପରିବର୍ତ୍ତେ ଅଧିକ ସ୍ୱାର୍ଥୀ ଓ ଆତ୍ମକୈନ୍ଦ୍ରିକ କରିଦେଇଛି । ସେତେବେଳେ ବ୍ରିଟିଶ୍ ସରକାର କହୁଥିଲେ ଭାରତୀୟ ମାନେ ଅଧିକ ବିଶୃଙ୍ଖଳିତ, ଏବେ ମଧ ଭାରତୀୟ ମାନଙ୍କ ଆତ୍ମକୈନ୍ଦିକ ଚିନ୍ତନ ଓ ଆତ୍ମିକ ବିଜ୍ଞାପନରେ ପରିପ୍ରଚାରିତ ଜୀବନ ବୋଧ ସୂଚାଇ ଦେଉଛି ସେମାନେ ଏପରି ବିଶୃଙ୍ଖଳା ଠାରୁ ଉର୍ଦ୍ଧ୍ୱକୁ ଆପଣାକୁ ନେଇ ପାରିନାହାନ୍ତି । ଫଳରେ ରାଷ୍ଟ୍ରୀୟ ବିକାଶ ନୀତିଗତ ସ୍ୱଚ୍ଛତା ଦୃଷ୍ଟିରୁ ଓ ସମୂହ ସ୍ୱାର୍ଥ ରକ୍ଷା ଦିଗରୁ ବାଧାପ୍ରାପ୍ତ ହେବାରେ କୌଣସି ଦ୍ୱିଧା ହିଁ ରଖୁନାହଁ । ମାନସିକଦୈନ୍ୟ ଓ ଅକାରଣ ଅସହିଷ୍ଣୁତା ର ଅରାଜକତାରେ ଉଭୟ ନେତା ଓ ଜନତା ଆଜି ବେଶ୍ ପୀଡ଼ିତା ନିଜକୁ ସର୍ବମାନ୍ୟ ଓ ଗ୍ରହଣୀୟ କରିବା ପାଇଁ ଯେଉଁ ତ୍ୟାଗ ଓ ଉଦାରତା ନେତାଙ୍କ ଚେହେରା ଓ ଚରିତ୍ରର ଏକ ଏକ ଲକ୍ଷଣ ହେବା ଆବଶ୍ୟକତା ରଖୁଥିଲା, ସେତେବେଳେ ପ୍ରତିପକ୍ଷଙ୍କୁ ନତଜାନୁ କରିବା ପାଇଁ ଯେତେ ସବୁ ଅନୀତି, ଅବାଂଛିତ ଅହଂକାର, ଆସ୍ପର୍ଦ୍ଧାକୁ ଆପଣାର ବିଜୟ ମାର୍ଗର ପୁଂଜି ରୂପେ ବିବେଚନା କରୁଛନ୍ତି- ଭାରତୀୟ ଗଣତନ୍ତ୍ରର ମହାମହିମ ନେତୃବୃନ୍ଦା ଶିକ୍ଷା ପ୍ରଭାବିତ ନମନୀୟତା ବା ବ୍ୟକ୍ତିଙ୍କ ଆଚରଣରେ ଏକ ସମ୍ଭ୍ରାନ୍ତ ସାଂସ୍କୃତିକ ରୁଚିବୋଧକୁ ଝଲାସାଇ ପାରୁନାହାନ୍ତି ଆମ ନେତା ମାନେ । ତେଣୁ ରାଜନୀତି ହୋଇଛି କଳେ ବଳେ କୌଶଳେ କ୍ଷମତା ହାତେଇ ଜନସେବା ନାଁରେ ଆଧିକ ଆତ୍ମସେବାର ଏକ ନିରାଧାରକୁ କୁରୁକ୍ଷେତ୍ର । ଜନତା ଏଠି ଭକୁଆ, ଖୁବ୍ ଆତ୍ମପ୍ରସାଦ ଲାଭରେ ବ୍ୟାକୁଳିତ ଖୁବ୍ ପରାହତା ପରିଣତିରେ ଏକକ ରଂଗ ଅବଶୋଷ ହିଁ ବେଶ୍ ଲକ୍ଷ୍ୟଣୀୟ ହେଉଛି ଆମ ଶାସନ ତନ୍ତ୍ରରେ । ଏଠି ଥିଲା ବାଲା କି ଅସନ୍ତୋଷର ଭଉଁରୀରେ ବିବ୍ରତ, ନଥିଲା ବାଲାଟି ଅଭାବ ବୋଧର ଚକ୍ରବ୍ୟୁହରେ ପରପୋଷିତ ।

ସାଂପ୍ରତିକ ଜଟିଳ ଜୀବନବୋଧ ତେଣୁ ଉପଯୁକ୍ତ ସୁଖ, ସ୍ୱାଧୀନନତାର ସ୍ୱାଦ ପାଇବାରେ ଶତ-ପ୍ରତିଶତ ସନ୍ତୁଷ୍ଟ ନୁହେଁ । ସ୍ୱାଧୀନତା ଆସିଥିଲା ଏକ ମୁକ୍ତ ପ୍ରଫୁଲ୍ଲିତ ଜୀବନର ସ୍ୱାଦ ଲୋଭ କରିବା ପାଇଁ । ଜନତାଙ୍କ ଭିତରେ କୌଣସି ବର୍ଗୀ କରଣ ନରଖି ସମାଜବାଦକୁ ବିକଶିତ କରିବାର ଲକ୍ଷ୍ୟ ଓ ଉପଲକ୍ଷ୍ୟ ଥିଲା ଆମ ସ୍ୱାଧୀନତା ର ପରିଭାଷା । ମାତ୍ର ମନେ ହୁଏ ଏପରି ଭାଷା ଏବେ ଖୁବ୍ ଜଟିଳ, ସଂକୀର୍ଣ୍ଣ ଓ ବିବାଦୀୟ ହୋଇ ପଡ଼ିଛି ଯେନତେନ ପ୍ରକାରେଣ ଅନ୍ୟକୁ ତଳିତଳାନ୍ତ କରି ଧୂଳିଚଟାଇ ଆପଣାକୁ ପ୍ରତିଷ୍ଠିତ, ସର୍ବମାନ୍ୟ ଓ ବିକଶିତ କରିବାର ସବୁପ୍ରକାର ପ୍ରଯତ୍ନ ଯେ ସ୍ୱାଧୀନତା ନୁହେଁ ବରଂ ସରଳତା ବିରୋଧରେ ଜଟିଳତାର ଏକ ଅପରାଧିକ ଷଡ଼ଯନ୍ତ୍ର- ଏହା ବୋଧ ହୁଏ ଅବୁଝା ହୋଇ ରହିଗଲାଣି ଆମ ଜନତା ଓ ବୁଦ୍ଧିଜୀବୀଙ୍କ ପାଇଁ । ଏଇ ମାନେ ହିଁ ଅସହିଷ୍ଣୁତା କି ଯୋଗୀର ବିକଳ ରୟତ, ଯେଉଁମାନଙ୍କ ଅରୁଚିରେ ବୁଦ୍ଧିମତା ଗାନ୍ଧୀଙ୍କ ପ୍ରଚୋଦିତ 'ଅହିଂସା' ମାର୍ଗରେ ତିଆରି କରିଛି ଅପ୍ରତିହତ ବିରୋଧାଚାର । ଏହା ସ୍ୱାଧୀନତା ନୁହେଁ, ସ୍ୱାଧୀନ-ମତର ପକ୍ଷ ମଧ ନୁହେଁ ବରଂ ଆତ୍ମସନ୍ତୁଷ୍ଟିର ନିଜସ୍ୱ ଗଣିତ; ଯାହା ଆଜି ଏକ ଶୁଦ୍ଧ ବ୍ୟକ୍ତି ଚେତନାକୁ ଦୃଶ୍ୟମାନ କରିବାରେ ବାଧକ ସାଜିଛି । ଏଠି ତେଣୁ ସ୍ୱାଧୀନତାର ମହତ୍ ଉଚ୍ଚାରଣ ବ୍ୟକ୍ତିଚେତନାର ପରିତେଜିତ୍ୟ ସ୍ୱାଭିମାନରେ ବେଶ୍ କ୍ଲିଷ୍ଟ ଓ ମହତ୍ତ୍ୱହୀନ ହୋଇପଡ଼ିଛି ଯାହାର ପରିଶୁଦ୍ଧତା ଭିନ୍ନ ଆଉ ସୁଖକର ଜୀବନର ଅନ୍ୱେଷଣ ନିଶ୍ଚିତ ଦୁରୂହ ।

ଭିଜିଟିଂ ପ୍ରଫେସର
ଷ୍ଟିୱାର୍ଟ ସାଇନ୍ସ କଲେଜ, କଟକ-୧
ମୋବାଇଲ- ୯୯୩୭୨୨୨୧୨୨

# ଆମ ପ୍ରଭୁ ଛାଡି ଚାଲିଗଲେ

- ଅଶ୍ୱିନୀ କୁମାର ସେଠୀ

ଦିଲ୍ଲୀର ଆକବର ରୋଡ୍, କଲୋନୀ ନମ୍ବର ୧୯, ଡ଼କ୍ଟର ହରେକୃଷ୍ଣ ମହତାବଙ୍କ ସରଭ୍ୟାଣ୍ଟ କ୍ୱାର୍ଟରରେ ଆମେ ରହୁଥାଉ । ସେଦିନ ଥିଲା ୧୯୪୮ ମସିହା ଜାନୁୟାରୀ ମାସ ୩୦ ତାରିଖ । ସନ୍ଧ୍ୟା ଦୀପ ଦେଲାବେଳେ ବାହରେ ପାଟିତୁଣ୍ଡ ଶୁଣି ପଦାକୁ ଆସି ଜାଣିଲି, ବାପୁଙ୍କୁ କେହି ଆତତାୟୀ ଗୁଳି ମାରିଛି । ଲୋକମାନେ କହୁଥାନ୍ତି 'ବାପୁ କୋ କୋଇ ମାର୍‌ଡ଼ାଲା' । ମନରେ ଭୟ ଆସିଲା, ମୁଁ ଡ଼ରିଗଲି । ଭାବିଲି ସତରେ କ'ଣ ବାପୁଙ୍କୁ କିଏ ମାରି ଦେଲା ? ଏ ଖବର ପବନ ବେଗରେ ଚାରିଆଡ଼େ ଖେଳିଯାଇଥିଲା । ଘଟଣା ସତ କି ମିଛ ଜାଣିବା ପାଇଁ ଅପେକ୍ଷା କରିଥାଏ ପୁଅ ସିଦ୍ଧେଶ୍ୱର ଆଉ ତା' ବାପାକୁ । ବହୁ ସମୟ ପରେ ସେମାନେ ଆସିଲେ । ସେମାନଙ୍କୁ ଦେଖୁ ଦେଖୁ ମୁଁ ଜାଣିନେଲି କଥାଟି ସତ । ପୁଅ କାନ୍ଦୁଥାଏ; କିନ୍ତୁ ତା' ବାପ ମୂକ ପାଲଟି ଯାଇଥିଲେ । ସେ ଦିନ ଆମ ଘରେ ରନ୍ଧାବଢ଼ା ବନ୍ଦ ହୋଇଯାଇଥିଲା । ମୋତେ ଲାଗୁଥାଏ ସତେ ଯେପରି ଆମ ଘରେ କିଏ ମରିଯାଇଛି । ଯେତେ ପଚାରିଲେ ବି ତାଙ୍କ ତୁଣ୍ଡରୁ କଥାଟିଏ ବାହାରିଲା ନାହିଁ । ବହୁ ନେହୁରା ହେଲି । ଶେଷରେ ତାଙ୍କ (ରଘୁନାଥଙ୍କ) ପାଟିରୁ ବାହାରିଥିବା ସେଦିନର ଲୋମଟାଙ୍କୁରା କଥା ଆଜିବି ମୋର ଆଖି ଆଗରେ ନାଚି ଯାଉଛି ବୋଲି ବିରଳା ଭବନର ମାଳି, ଗାନ୍ଧି ସେବକ, ଗାନ୍ଧି ହତ୍ୟାର ସାକ୍ଷୀ ଏବଂ ଗାନ୍ଧି ହତ୍ୟାକରୀ ନାଥୁରାମଙ୍କୁ କାବୁ କରିଥିବା ବୀର ଓଡ଼ିଆ ରଘୁନାଥ ନାୟକଙ୍କ ୮୫ ବର୍ଷୀୟ ପତ୍ନୀ ମନ୍ଦୋଦରୀ ନାୟକ କହିଛନ୍ତି । ସେଦିନ ସ୍ୱାମୀ ରଘୁନାଥଙ୍କ ଠାରୁ ଶୁଣିଥିବା ଘଟଣାକୁ ମନେପକାଇ ଆଜି ସେ କହନ୍ତି....

"ବିରଳା ଭବନର ବଗିଚାରେ ମୁଁ କାମ କରୁଥାଏ । ଅପରାହ୍ଣ ୪ଟା ବେଳେ ମଣିବେନ୍‌ଙ୍କ ସହ ପଟେଲ ଆସିଲେ ବାପୁଙ୍କ କୋଠରିକୁ । ବାପୁଙ୍କ ସହ ଆଲୋଚନା କରୁ କରୁ ପ୍ରାର୍ଥନା ସଭା ଡ଼େରି ହୋଇଯାଇଥିଲା । ପାଞ୍ଚଟା ବାଜିନଥିବାରୁ ଲୋକେ ଚାଲି ଚାଲି ଏବଂ କାର ଧରି ବିରଳା ଭବନରେ ପହଞ୍ଚିଥିଲେ । ବାପୁଜୀ ପ୍ରାର୍ଥନା ସଭାକୁ ଆସୁ ଆସୁ ୧୫ ମିନିଟ୍ ବିଳମ୍ବ ହୋଇଯାଇଥିଲା । ପ୍ରାର୍ଥନା ସଭାକୁ ପ୍ରତ୍ୟେକ ଥର ସେ ବଗିଚାର ସିମେଣ୍ଟ ରାସ୍ତା ଉପର ଦେଇ ଆସୁଥିଲେ । ହେଲେ ସେଦିନ ସେ ସିମେଣ୍ଟ ରାସ୍ତା ଉପରେ ନଆସି ଖାଲି ପାଦରେ ମୁକ୍ତ ଘାସ ଗାଲିଚା ଉପରେ ଚାଲି ଚାଲି ଆସିଲେ । ତାଙ୍କ ଆଡ଼କୁ ଚାହିଁ ପ୍ରଣାମ ଜଣାଇଲି । କାନ୍ଧରେ ହାତବୁଣା ଖଦିର ଚଦର ତାଙ୍କ କାନ୍ଧ ଉପରେ ଗୁଡ଼ାଇ ହୋଇ ରହିଥିଲା । ସାଧାରଣ ଦିନ ଭଳି ବହୁ ଲୋକଙ୍କ ଉପସ୍ଥିତି ଥିଲା ପ୍ରାର୍ଥନା ସଭା । କେହି କେହି ଆଣ୍ଠୁମାଡ଼ି ବସିଥିଲେ ତ ଆଉ କେହି ମଣ୍ଡପ ସମ୍ମୁଖରେ ଆଣ୍ଠେଇ ତଳକୁ ନଇଁ ପଡ଼ିଥିଲେ ।

ଆଭା ଓ ମନୁଙ୍କ କାନ୍ଧରେ ଭରା ଦେଇ ବଗିଚା ଦେଇ ଆଗେଇ ଆସୁଥିଲେ ବାପୁଜୀ । ତାଙ୍କ ପଛରେ ତାଙ୍କ ବ୍ୟକ୍ତିଗତ ସଚିବ ମହାଦେବ ଦେଶାଇ, ପ୍ୟାରେଲାଲ ଏବଂ ଅନ୍ୟମାନେ ଆସୁଥିଲେ । ସମସ୍ତେ ଛିଡ଼ା ହୋଇପଡ଼ିଲେ । ମଣ୍ଡପ ପାଖରେ ଦୁଇ ଲାଇନ୍ ମଝିରେ ତାଙ୍କୁ ବାଟ ଛାଡ଼ିଦେଲେ । ପ୍ରାର୍ଥନା ମଣ୍ଡପକୁ ଚାରି ପାଦ ଆଗେଇବା ପରେ, ପାଖାପାଖି ୩୫ ବର୍ଷର ଜଣେ ଯୁବକ ଆମେରିକାନ୍ କୋଟ୍ ଯାହାକି ପୂରା ହାତ ସହିତ ହାପ୍ ପ୍ୟାଣ୍ଟ ଓ ବ୍ରାଉନ୍ ରଙ୍ଗର ଯୋତା ପିନ୍ଧି ନିକଟକୁ ଆସିଥିଲା । ବାପୁଜୀଙ୍କ ଆଗକୁ ଆସି ତାଙ୍କ ପଥରୋଧ କରିଥିଲା । ପ୍ରଣାମ ଜଣାଇଲା । ବାପୁଜୀ ତାଙ୍କୁ ପ୍ରତିନମସ୍କାର ଜଣାଇଲେ । ଏହା ପରେ ଯୁବକ ଜଣକ ପଚାରିଥିଲା 'ଆପଣ ଆଜି ପ୍ରାର୍ଥନା ସଭାକୁ ଆସିବାରେ ବିଳମ୍ବ କରିଦେଲେ । ବାପୁଜୀ ଅଳ୍ପ ହସିଦେଇ କହିଥିଲେ, ପ୍ରକୃତରେ ବିଳମ୍ବ ହୋଇଯାଇଛି । ଏହା ପରେ ଯୁବକ ଜଣକ ନିଜ ପକେଟ୍‌ରୁ ରିଭଲଭରରୁ ତିନୋଟି ଗୁଳି ଅତି ପାଖରୁ ଚଳାଇଥିଲା । ୫ଟା ୧୨ମିନିଟ୍ ପାଖାପାଖି ସମୟ ହେବ । ସେହି ସମୟରେ ମୁଁ ପ୍ରାର୍ଥନା ମଣ୍ଡପ ନିକଟ ବଗିଚା ଭିତରେ ଲୋକମାନଙ୍କ ପଛରେ ଠିଆ ହୋଇଥିଲି । ପ୍ରଥମ ଗୁଳିରେ ବାପୁ ଅଳ୍ପ ଢ଼ଳିପଡ଼ିଲେ, ଦ୍ୱିତୀୟ ଗୁଳିରେ ଅଧିକ ଢ଼ଳିପଡ଼ିଲେ ଏବଂ ତୃତୀୟ ଗୁଳିରେ ପୂରା ଘାସ ଗାଲିଚା ଉପରେ ଲୋଟି ପଡ଼ିଲେ । ତାଙ୍କ ପାଟିରୁ ହେ-ରାମ ଶବ୍ଦ ବାହାରି ପଡ଼ିଲା । ଗୁଳି ଶବ୍ଦ ଶୁଣି ସବୁ ଲୋକ ଭୟରେ ଦୌଡ଼ାଦୌଡ଼ି ହେଲେ । ସଙ୍ଗେ ସଙ୍ଗେ ମୁଁ ଦୌଡ଼ିଯାଇ ଯୁବକ ଜଣଙ୍କୁ ପଛରୁ ଜୋର କରି କୁଣ୍ଢାଇ ପକାଇଲି । ସେ ତା' ବନ୍ଧୁକରୁ ମୋତେ କିମ୍ବା ତା' ନିଜକୁ ଗୁଳି କରିବାକୁ ଆପ୍ରାଣ ଉଦ୍ୟମ କରିଥିଲା । ତେବେ ତାହା ସଫଳ ହୋଇପାରି ନଥିଲା । ଉପରକୁ ଫାଙ୍କା ଗୁଳି ଚଳାଇଥିଲା । ଏହି ସମୟରେ

ପୁଲିସ ଆସି ଯୁବକଙ୍କୁ ଧରିବା ସହିତ ତା ବନ୍ଧୁକ ଜବତ୍ କରିଥିଲା । ଏହି ଘଟଣାରେ ମୁଁ ଏତେ ରାଗିଯାଇଥିଲି ଯେ, ମୋ ଖୁର୍ପିରେ ଯୁବକ ଜଣକ ବେକରେ ଚୋଟ ମାରିଥିଲି । ତେବେ ପୁଲିସ ଏଥିରେ ବାଧା ଦେଲା । ଧୀରେ ଧୀରେ ବାପୁଙ୍କ ଶରୀର ଶୀତଳ ହୋଇଯାଉଥିଲା । ଶରୀରରୁ ବିଶେଷ ରକ୍ତ ଝରୁ ନଥିଲା । କାନ୍ଧରେ ପଡ଼ିଥିବା ଚଦର ରକ୍ତରେ ଭିଜିଯାଇଥିଲା । ୧୫ ମିନିଟ୍ ଭିତରେ ତାଙ୍କର ପ୍ରାଣ ବାୟୁ ସେହି ଠାରେ ଉଡ଼ିଯାଇଥିଲା । ମୁଁ ବାପୁଙ୍କୁ ମୋ କୋଳକୁ ଉଠାଇ ଧରିଲି । ଆଭା ଓ ମନୁ ତାଙ୍କୁ ଜାବୁଡ଼ି ଧରି କାନ୍ଦୁଥାନ୍ତି । ତାଙ୍କ କାନରେ ରାମ ରାମ କହିଲି । ଆମେ ସମସ୍ତେ ମିଶି ତାଙ୍କୁ ସେହି ଠାରୁ ଟେକି ନେଇ ତାଙ୍କ କୋଠରିର ଗଦି ଉପରେ ଶୁଆଇ ଦେଲୁ । ୧୦ ମିନିଟ୍ ପରେ ଡ଼ାକ୍ତର ପହଞ୍ଚି ତାଙ୍କୁ ମୃତ ଘୋଷଣା କରିଥିଲେ । ପରେ ଜାଣିଲି ଯୁବକ ଜଣକ ହେଉଛନ୍ତି ନାଥୁରାମ ବିନାୟକ ଗୋଡ଼୍ସେ ଓ ତାଙ୍କ ଘର ମହାରାଷ୍ଟ୍ରରେ ।

ଖବରପାଇ ଲର୍ଡ଼୍ ମାଉଣ୍ଟବେଟେନ୍, ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଏବଂ କ୍ୟାବିନେଟ ମନ୍ତ୍ରୀଗଣ ବିର୍ଲା ଭବନକୁ ଛୁଟି ଆସିଥିଲେ । ବାପୁଙ୍କ ପରଲୋକ ଖବର ବିଜୁଳି ବେଗରେ ଚାରିଆଡ଼େ ଖେଳିଯାଇଥିଲା । ଅଳ୍ପ ସମୟ ଭିତରେ ଦୁଇ ଲକ୍ଷରୁ ଅଧିକ ଲୋକ ବିର୍ଲା ଭବନ ପାଖରେ ରୁଣ୍ଡ ହୋଇଯାଇଥିଲେ । ସମସ୍ତଙ୍କ ଆଖିରୁ ଲୁହ ବୋହିପଡୁଥାଏ... ଜୀବନରେ ଏଭଳି କାରୁଣ୍ୟ ଦୁଃଖକୁ ସହିବା ଯେମିତି ମତେ କଷ୍ଟ ହୋଇପଡ଼ିଥିଲା ।"

ତା' ପର ଦିନ ଘରେ କାହାକୁ କିଛି ନକହି ସେ (ରଘୁନାଥ) ପ୍ରାର୍ଥନା ମଣ୍ଡପ ପାଖକୁ ଯାଇ ସନ୍ଧ୍ୟାରେ ଫେରିଥିଲେ । ତା'ର କିଛି ଦିନ ପରେ ସେ ଚାକିରି ଛାଡ଼ିଦେଇ ଆମକୁ ଧରି ଗାଁକୁ ଚାଲି ଆସିଲେ । ତେବେ ଗାନ୍ଧି ହତ୍ୟାର ସାକ୍ଷୀ ଭାବେ ତାଙ୍କୁ ବହୁବାର ଦିଲ୍ଲୀକୁ ଯିବାକୁ ପଡ଼ିଲା । ପୁଣି ବିରଳା ସାହେବଙ୍କ ଅନୁରୋଧରେ ସେ ପୁଣି ଚାକିରିରେ ଯୋଗଦେଇଥିଲେ । ବାପୁଜୀଙ୍କ ମୃତ୍ୟୁରେ ତାଙ୍କର ସେଦିନର ଲୁହ ଓ ପାଗଳାମି ଆଜି ମନେ ପଡ଼ିଲେ କୋହ ଆସେ ବୋଲି ମନ୍ଦୋଦରୀ ଦୁଃଖ ଆଉ ହତାଶରେ କହନ୍ତି । ଗାନ୍ଧି ହତ୍ୟା ମକଦ୍ଦମାରେ ମୋଟ ୧୪୭ ଜଣ ସାକ୍ଷୀଙ୍କୁ ମାନ୍ୟବର କୋର୍ଟ ରାଜସାକ୍ଷୀ ଭାବେ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ୭୬ ନମ୍ବର ରାଜସାକ୍ଷୀ ଭାବରେ ଏକ ମାତ୍ର ଓଡ଼ିଆ ଯୁବକ ତଥା ବିରଳା ଭବନର ମାଳି ରଘୁ ନାୟକ ସାକ୍ଷ୍ୟ ପ୍ରଦାନ କରିଥିଲେ । ୧୯୪୭ ମସିହା ଅଗଷ୍ଟ ୨୦ ତାରିଖ ଦିନ ସ୍ୱତନ୍ତ୍ର ରେଡ୍ ଫୋର୍ଟ ଟ୍ରାଏଲ୍ କୋର୍ଟରେ, ରଘୁମାଳି ଯେକି ଖସି ପଳାଉଥିବା ନାଥୁରାମ ଗୋଡ଼୍ସେଙ୍କୁ କାବୁ କରି ପୁଲିସର ଜିମା ଦେଇଥିଲେ, ସାକ୍ଷ୍ୟ ପ୍ରଦାନ କରି କୋର୍ଟଙ୍କୁ ସେଦିନର ପ୍ରାର୍ଥନା ସଭାର ସମସ୍ତ ଘଟଣା ଦୁର୍ଘଟଣାକୁ ପ୍ରାଞ୍ଜଳ ଭାବରେ ବର୍ଣ୍ଣନା କରିଥିଲେ । ସେ ମଧ୍ୟ କିପରି ଖୁର୍ପିରେ ନାଥୁରାମଙ୍କ ମୁଣ୍ଡରେ ଆଘାତ କରି କାବୁ କରିଥିଲେ ବର୍ଣ୍ଣନା କରିଥିଲେ । ଏ ସବୁ ସାକ୍ଷୀ ଏତେ ଭାବରେ ନିର୍ଭୁଲ ଓ ପ୍ରାଞ୍ଜଳ ଥିଲା ଯେ, ତାଙ୍କୁ ପ୍ରତିପକ୍ଷ ଓକିଲ ଜେରା କରିନଥିଲେ ।

ଗାନ୍ଧୀସେବକ ବିରଳା ଭବନର ମାଳୀ ତଥା ଗାନ୍ଧୀ ହତ୍ୟାକାରୀ ନାଥୁରାମଙ୍କୁ କାବୁ କରିଥିବା ରଘୁନାଥ ନାୟକଙ୍କ ପତ୍ନୀ ମନ୍ଦୋଦରୀଙ୍କ ୯୨ ବର୍ଷ ବୟସରେ ୦୮.୦୯.୨୦୧୯ ତାରିଖରେ କଟକ ଠାରେ ପରଲୋକ ହୋଇଯାଇଛି ଏବଂ ପୁରୀ ସ୍ୱର୍ଗଦ୍ୱାର ଠାରେ ଅନ୍ତୀମ ସଂସ୍କାର କରାଯାଇଛି । ଫଳରେ କେନ୍ଦ୍ରାପଡା ଜିଲ୍ଲା ସହିତ ରାଜକନିକା ବ୍ଲକ ଏବଂ ରଘୁଙ୍କ ଜନ୍ମସ୍ଥାନ ଜାଗୁଲାଇପଡା ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ହତ୍ୟା ଘଟଣାଦିନ ଦିଲ୍ଲୀର ସର୍ଭେଣ୍ଟକ୍ୱାର୍ଟର ରେ ମନ୍ଦୋଦରୀ ଦେବୀଙ୍କର ବିରଳା ଭବନର ଅନେକ ଅକୁହା କଥା ସମସ୍ତଙ୍କୁ ବଖାଣି ଗାନ୍ଧୀ ଦର୍ଶନକୁ ସେ ପ୍ରଚାର କରୁଥିଲେ । ସେହା ହିଁ ଥିଲା ସେହି ଦିନର ମର୍ମସ୍ପର୍ଶି ମୃତ୍ୟୁର ଏକ ସତ୍ୟ ଘଟଣା ।

ଝଉଳିଆଗଞ୍ଜ, କଟକ-୪
ମୋ ନଂ.: ୯୯୩୭୫୪୪୯୬୬

# ଶିଶୁ ସାହିତ୍ୟରେ ଶିଶୁଦିବସୀୟ କବିତା

- ଶ୍ରୀ କୁଞ୍ଜ ବିହାରୀ ସାହୁ

ପଣ୍ଡିତ ଜବାହାରଲାଲ ନେହେରୁ ଓ ସ୍ୱରୂପା ରାଣୀଙ୍କ କୋଳ ମଣ୍ଡନ କରି ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ଜବାହରଲାଲ ଭୂମିଷ୍ଠ ହୋଇଥିଲେ ଆହ୍ଲାବାଦ ସହରରେ । ପାଟିରେ ରୂପା ଚାମଚ ଧରି ବ୍ରାହ୍ମଣ କୁଳରେ ଜନ୍ମ ନେଇଥିବା ଜବାହରଙ୍କ ମନରେ ଅହେତୁକ ସ୍ୱପ୍ନ ଖୁନ୍ଦି ହୋଇଥିଲା । ଦୁଃଖର ଅର୍ଗଳିରୁ ସେ ଥିଲେ ଅନେକ ଦୂରରେ । ଘରୋଇ ସ୍ତରରେ ପ୍ରାଥମିକ ଶିକ୍ଷା ଲାଭ କଲାପରେ ଇଂଲାଣ୍ଡ ଯାଇଥିଲେ ଉଚ୍ଚତର ଶିକ୍ଷାକରିବାକୁ । ସେଠାରେ ବିଦ୍ୟାଲାଭ କରି ୧୯୧୨ ମସିହାରେ ସ୍ୱଦେଶକୁ ଫେରିଥିଲେ । ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ ଭାରତଛାଡ଼ ଆନ୍ଦୋଳନରେ ତାଙ୍କର ସହଯୋଗୀ ରୂପେ କାର୍ଯ୍ୟ ସମ୍ଭାଳି ଥିଲେ । ଜାତିର ପିତାଙ୍କ ନିବିଡ଼ ଆତ୍ମିୟତା ଓ ମଧୁର ସମ୍ଭାଷଣରେ ପରାଧୀନ ଭାରତକୁ ଇଂରେଜ କବଜାରୁ ମୁକୁଳେଇବାପାଇଁ ସେ ସଦାସର୍ବଦା ଜାଗ୍ରତ ଥିଲେ । ନିଜର ଅଦମ୍ୟ ସାହସ, ମାତୃଭୂମି ପ୍ରତି ମମତ୍ୱବୋଧରେ ନିଜକୁ ହଜାଇ ଦେଇଥିଲେ । ଭାରତ ସ୍ୱାଧୀନ ଲାଭ କଲା । ଜବାହାରଲାଲ ନେହେରୁ ହେଲେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ।

ଜବାହରଲାଲ ନେହେରୁ ଯେ ଧନାଢ଼୍ୟ ବ୍ୟକ୍ତି, ସ୍ୱାଧୀନତା ଆନ୍ଦୋଳନର ପୁରୋଧା ଥିଲେ ତା ନୁହେଁ, ପିଲମାନଙ୍କୁ ଅତିମାତ୍ରାରେ ଭଲ ପାଉଥିଲେ । ସେ ଅନୁଭବ କରୁଥିଲେ ଶିଶୁ ହିଁ ଅମୂଲ୍ୟ ସଂପଦ । ଶିଶୁର ମନ କୋମଳମତି କଳିକାପରି । ସେମାନଙ୍କ ପାଖରେ ପର୍ଯ୍ୟାପ୍ତ ଭାବେ ପ୍ରତିଭା ରହିଛି । ସ୍ନେହ ଆଦରରେ କହୁଥିଲେ ଯେ ପିଲାମାନେ ଦେଶର ଭବିଷ୍ୟତ, ଆଗାମୀ କାଲିର ନାଗରିକ । ଶିଶୁ ହସିରେ ଦୁନିଆ ହସେ । ବୋଧହୁଏ ଇଏ ଏକ ଉଦାହରଣୀୟ ସଂଳାପ । ସେଇଥିପାଇଁ ସେ କହିଯାଇଥିଲେ ଯେ ତାଙ୍କ ଜନ୍ମଦିନକୁ ଶିଶୁମାନଙ୍କୁ ଉତ୍ସର୍ଗ କରି ଶିଶୁଦିବସ ରୂପେ ସାରା ଭାରତବର୍ଷରେ ପାଳନକରିବାକୁ । ଆଦର୍ଶ ଶିକ୍ଷା ଓ ଉତମ ପରିବେଶ ଦ୍ୱାରା ପ୍ରତ୍ୟେକ ଶିଶୁ ଉଚ୍ଚତମ ସୋପାନରେ ପହଂଚିପାରିବ ।

ଶିଶୁଦିବସରେ ଶିଶୁସାହିତ୍ୟର ଏକ ନିଛକ ସଂଯୋଗ ରହିଛି । କାରଣ ଶିଶୁ ହିଁ ସମ୍ଭାବନାର ଚିର ସ୍ୱାକ୍ଷର । କଳିକା ପରି ମୁକୁଳିତ ହୋଇ ସେ ବିକଶିତ ହୁଏ ଓ ବିଭୋରପଣରେ ଚତୁର୍ଦ୍ଦିଗକୁ ମହକାଇଦିଏ । ସେ ସବୁବେଳେ ବିଶୁଦ୍ଧ । କଳୁଷ-କାଳିମା ତା'ର ସରଳ ହୃଦୟକୁ ଛୁଇଁପାରେନା । ଓଡ଼ିଆ ଶିଶୁସାହିତ୍ୟର ସାମାଜିକ ପୃଷ୍ଠଭୂମିରେ ଡଃ ମହେଶ୍ୱର ମହାନ୍ତି ଶିଶୁମାନଙ୍କୁ ନେଇ ବଖାଣିଛନ୍ତି- 'ଶିଶୁ ହେଉଛି ମାନବ ସୃଷ୍ଟିରେ ଅଙ୍କୁର । ଅସୀମ ଶକ୍ତି, ଅନନ୍ତ ସମ୍ଭାବନା ଓ ପ୍ରତିଶ୍ରୁତିକୁ ନେଇ ଜନ୍ମଲାଭ କରେ । ସେ ହେଉଛି ଅତୀତର ଦାୟାଦ, ଆଗାମୀର ବାର୍ତାବହ ଓ ଭାବୀକାଳର ପ୍ରତିନିଧି ।' ଶିକ୍ଷକ ତଥା ବିଶିଷ୍ଟ ଶିଶୁସାହିତ୍ୟିକ୮ରମେଶ ଚନ୍ଦ୍ର ଭଞ୍ଜଙ୍କ ଭାଷାରେ- 'ମଶାଲଟିଏ ଜଳାଇ ରଖିବା ସହଜ, ଦୀପଟିଏ ତେଜି ରଖିବା କଷ୍ଟକର ।'

ଆଜିର ଶିଶୁ ଆସନ୍ତାକାଲିର ନାଗରିକ,ସୁନାଗରିକ ଓ ସୁମଣିଷ ହେବାରେ ଶିଶୁସାହିତ୍ୟ ସହାୟକ ହୋଇଥାଏ । ମନୋରଞ୍ଜନ, ମାନସିକ, ମୌଳିକ ମୂଲ୍ୟବୋଧର ବିକାଶ ଘଟାଇବାରେ ଶିଶୁସାହିତ୍ୟ ପିଲାମାନଙ୍କୁ ସାହାଯ୍ୟ କରିଥାଏ । ହିଂସା, ଦ୍ୱେଷ, ଅନ୍ଧବିଶ୍ୱାସ, ଘୃଣା, ଧୈର୍ଯ୍ୟହୀନତା ଆଦିରୁ ମୁକ୍ତହୋଇ ଶିଶୁସମାଜ ସୌନ୍ଦର୍ଯ୍ୟ ଜ୍ଞାନ, କ୍ରୀଡ଼ା ପ୍ରେମ, ସଦାଚାର, ସୌହାର୍ଦ୍ଦ୍ୟ ଆଦି ସଦ୍‌ଗୁଣର ଅଧିକାରୀ ହେବା ଉଚିତ । ପିଲାଙ୍କ ସୃଜନଶୀଳତାକୁ ଦୃଷ୍ଟିରେ ରଖି ଶିଶୁସାହିତ୍ୟକୁ ଆଗେଇନେବା ଦରକାର । ଶିଶୁସାହିତ୍ୟ ଯେତିକି ଗୁରୁତ୍ୱପୂର୍ଣ୍ଣ, ଶିଶୁଶିକ୍ଷା ସେତିକି ଗୁରୁତ୍ୱପୂର୍ଣ୍ଣ । ପିଲାଙ୍କୁ ଉପଯୁକ୍ତ ପାଠ୍ୟକ୍ରମରେ ସାମିଲ କରି ସେମାନଙ୍କର ମୌଳିକ ଚିନ୍ତାଧାରାକୁ ବୃଦ୍ଧି କରିବା ଆବଶ୍ୟକ ।

ଛୋଟ ବୀଜଟିଏ ମାଟିରେ ପଡ଼ିଲେ ଆଲୋକ, ପାଣିପବନ ପାଇ ଯେଭଳି ଜନ୍ମଦିଏ ଗୋଟିଏ ଚାରା ଓ ଚାରାଟି କ୍ରମଶଃ ବଢ଼ିବଢ଼ି ଏକ ସୁନ୍ଦର ବୃକ୍ଷ ପାଲଟିଯାଏ, ସେହିଭଳି ଶିଶୁଟିଏ ଭୂମିଷ୍ଠ ହେଲାପରେ ପାରିପାର୍ଶ୍ୱିକ ଆଦର ଯତ୍ନରେ ବଢ଼ି ସୁମଣିଷ ହୋଇଥାଏ । ଶିଶୁ ସମସ୍ତ ସମ୍ଭାବନାରେ ଆଧାର । କଳିକା କ୍ରମବର୍ଦ୍ଧିଷ୍ଣୁ ସମୟର ପରିଧି ଭିତରେ ବଢ଼ିବଢ଼ି ଫୁଲରେ ରୂପାନ୍ତରିତ ହୁଏ । ନିଜର ସୁଗନ୍ଧରେ ମହକିତ କରେ ସାରା ବଗିଚାକୁ ଓ ପରିବେଶକୁ । ମୋ ମତରେ-

ଆଜିର କଳିକା କାଲି ହୋଇଯିବ ବଡ଼
ଗଛଡାଳେ ଦିଶିଯିବ କେତେ ଫୁଲକଡ଼ ।

ଫୁଲ୍‌ଟି ବାସ ଛୁଟିଯିବ ଚାରିଦିଗ
ଆଦର ଯେ ବଢ଼ିଯିବ ପାଇଣ ସରାଗ ।
କଳିପରି ଶିଶୁଟିଏ ବଡ଼ ହେବ କାଲି
ସୁନାମ ଅରଜିବ ପଥେ ଚାଲିଚାଲି ।

ଶିଶୁସାହିତ୍ୟରେ ଶିଶୁଦିବସର ତାତ୍ପର୍ଯ୍ୟକୁ ଉପଲବ୍ଧି କରି ଅନେକ ଶିଶୁସାହିତ୍ୟିକ ସରଳ, ତରଳ, ସୁନ୍ଦର ଭାବଧାରାରେ କବିତା ଲେଖିଯାଇଛନ୍ତି । ଶିଶୁସାହିତ୍ୟିକା ଡଃ ପ୍ରବୀଣା ପରିଡ଼ା ଶିକ୍ଷକତାକୁ ଆଦରି ନେଇ ପିଲାମାନଙ୍କ ହୃଦୟରେ କୋମଳଭାବନାଟିଏ ଜାଗ୍ରତ କରିପାରିଛନ୍ତି । ପଣ୍ଡିତ ନେହେରୁଙ୍କ ଆଦର୍ଶରେ ସେ ଅନୁପ୍ରାଣୀତ ହୋଇ ତାଙ୍କର ମହନୀୟତାକୁ ସାଉଁଟି ନେଇପାରିଛନ୍ତି । ଚାଚା ନେହେରୁଙ୍କ ପରି ଆଦର୍ଶ ମଣିଷଟି ହୋଇ କୀର୍ତି ଅର୍ଜିବାକୁ ସମସ୍ତ ପିଲାଙ୍କୁ ଆହ୍ୱାନ ଦେଇଛନ୍ତି । ଆଜିକାଲିର ଶିଶୁସାହିତ୍ୟିକମାନଙ୍କ ଭିତରେ ନିଜର ଆସନ ସଜାଇ 'ଶିଶୁଦିବସର ବାଣୀ' ଶୀର୍ଷକରେ କବିତାଟିଏ ବାଢ଼ିଦେଇଛନ୍ତି ।

ନଭେମ୍ବର ଚଉଦ ତାରିଖ ଶିଶୁଦିବସ ତା' ନାମ
ପୁଣ୍ୟଦିବସରେ ପାଳିବା ଖୁସିରେ ଅରଜି ଯେତେ ସୁନାମ ।

ପବିତ୍ର ବେଳାରେ ଜନମିଥିଲେ ପଣ୍ଡିତ ଚାଚାନେହେରୁ
କେତେ ପାଠପାଢ଼ି ଅରଜିଲେ ଯଶ ଜ୍ଞାନଗଢ଼ି ବିଦେଶରୁ ।

ଗୋଲାପ ଫୁଲ ଅତି ପ୍ରିୟ ତାଙ୍କ ରଖନ୍ତି ପାଖେ ସାଇତି
ଫୁଲର ମହକେ ମହକାଇ ଦିଅ ଦୁନିଆର ତୁମ କୀରତି ।

କବିତା ଲେଖନ୍ତି ଗୋବର୍ଦ୍ଧନ ନାୟକ ଅତି ଶାଣିତ ସ୍ୱରରେ । ମହାପୁରୁଷଙ୍କ ମହାନ ବ୍ୟକ୍ତିତ୍ୱକୁ ଚିହ୍ନି ତାର ସଦୁପଯୋଗ କରିବାକୁ ନିବେଦନ କରିଛନ୍ତି । ଚାଚା ନେହେରୁଙ୍କ ଅମ୍ଳାନ ପଂଚଶୀଳ ନୀତି ଓ ତାଙ୍କ ଜନ୍ମଦିନ ଶିଶୁଦିବସକୁ ପିଲାଙ୍କ ପାଖରେ ଥୋଇପାରିଛନ୍ତି ନିଜର କାବ୍ୟିକ ଛଟାରେ । କବିତା 'ଏହା ତ ଶୂନ୍ୟବାଣୀ' ରେ ଲେଖିଛନ୍ତି –

ଆମ ଭାରତ ଅଟେ ମହତ,
ମହାଭାରତ, ବେଦର ଗୀତ
ଅଟନ୍ତି ଗରୀୟାନ,
ମାନବିକତା, ପଂଚଶୀଳତା
ବିଶ୍ୱମମତା, ଜାତିର ପିତା
ଆମ ଅମୂଲ୍ୟ ଧନ ।
ବୁଝିବା ତାହା ସଭିଙ୍କୁ ସାହା
ହୋଇବା ଆମେ ଶୁଭ କରମେ
ଏହା ତ ଶୂନ୍ୟବାଣୀ ।
ପଢ଼ିବୁ ପାଠ ଜାଣିବୁ ବାଟ
ହୋଇବୁ ବଡ଼ ଜିଣିବ ଗଡ଼
ଚାଚା ନେହେରୁ ପରି
ଚାଚାଙ୍କ ନାମ ମହତ କାମ
ବିଷୟ ଜାଣ ମନକୁ ଜିଣ
ଅର୍ଜିବୁ ଯଶ ଶିରୀ ।

ଜଣେ ଶିକ୍ଷୟତ୍ରୀ ଭାବରେ ପାଠ ପଢ଼େଇବାରେ ଯେତିକି ନିପୁଣା, ସେମିତି କବିତା ଲେଖି ସମାଜକୁ ଦିଗଦର୍ଶନ ଦେବାରେ ଧୂରୀଣା କବି ହେଲେ ଲକ୍ଷ୍ମୀପ୍ରିୟା ଦାଶ । ମହାପୁରୁଷଙ୍କ ଗୁଣଗାନ କରି ସୁନ୍ଦର ଭାବବିନ୍ୟାସରେ କବିତା ଲେଖି ଚହଳ ପକେଇପାରିଛନ୍ତି । ଶିଶୁଦିବସ ଆସିଲେ ମନେପକାନ୍ତି ଚାଚାଜୀଙ୍କୁ । ପ୍ରଣାମ ଜଣାନ୍ତି । ତାଙ୍କରି କବିତା 'ପ୍ରଣାମ ଚାଚାଜୀ' ରେ ସେ ପିଲାଙ୍କ ଅନାବିଳ ଜୀବନ ଚରିତ୍ରକୁ ବଖାଣିଛନ୍ତି –

ଦେଶର ସେବାରେ ନିଜକୁ ବରିଲ
ବୀର ସୈନିକ ସାଜି
ମାତୃଭୂମି ପାଇଁ ମନରେ ମମତା
କରିଛି ଅମର ଆଜି ।
ତୁମ ଜନ୍ମଦିନ ଶିଶୁମନ ପ୍ରାଣ
ଉଛୁଳେ ଖୁସିରେ ହସି
ତୁମ ସ୍ମୃତି ସଭା ସାଥେ ଶିଶୁ ସଭା
ଦିଗବିଦିଗରେ ଭାସି ।
ପ୍ରଣାମ ଘେନ ହେ ଚାଚାଜୀ ଆମର
ଆଜି ତୁମ ଜନ୍ମଦିନେ
ଯୁଗ ପରେ ଯୁଗ ବିତିଯାଉଥିବ
ଗାଇ ତୁମ ଗୀତି ମନେ ।

କବୀ ନଳିନୀପ୍ରଭା ନାୟକ ସୁନ୍ଦର କବିତା ଲେଖନ୍ତି ପିଲାଙ୍କ ମନକୁ ଛୁଇଁଲା ପରି । ଶିଶୁଦିବସର ଅସଲ ତାତ୍ପର୍ଯ୍ୟକୁ ଅନୁଭବ କରିପାରିଛନ୍ତି ସେ । ଶିଶୁ ହିଁ ଆଗାମୀ କାଲିର ଭବିଷ୍ୟତ

। ତା'ରି ହାତ ମୁଠାରେ ଦେଶର ଶିକ୍ଷା, ସଂସ୍କୃତି,ସଂସ୍କାର ବସାବାନ୍ଧିଛି । ତେଣୁ ପିଲାଙ୍କ ପାଖରେ ଉଦାର ମନୋଭାବ ପୋଷଣ କରି ସେମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ଚାଲିବାକୁ ଦେବା ଦରକାର । ତେବେ ହିଁ ଶିଶୁଦିବସର ସାର୍ଥକତା ପ୍ରତିପାଦିତ ହୋଇପାରିବ । 'ଶିଶୁଦିବସ' ଶିର୍ଷକ କବିତାରେ ସେ ଲେଖିଛନ୍ତି –

କହୁଥିଲେ ସଦା ପିଲାଏ ଧନ ଆମେ ଜାତିର
ଏ ଧନ ସାଇତି ରଖିବାପଇଁ ଆମେ ହେବା ତିଆର ।
ଶିକ୍ଷା ସଂସ୍କୃତି ଓ ସଂସ୍କାର ଦେଇ ତାଙ୍କୁ ଗଢ଼ିବା
ଆମ ଭବିଷ୍ୟତ ସୁଦୃଢ଼କରି ଗଢ଼ି ତୋଳିବା
ଭଲମନ୍ଦ ଯାହା ପିଲାଟି ଦିନୁ ବୁଝିବେ ସେହି
ଆଗକୁ ଆଗକୁ ବଢ଼ିବେ ଧିରେ ସେ ଅନୁଯାୟୀ ।
ଦେଶ ପାଇଁ ଜାତି ପାଇଁକି ମୂଳୁ ସଜାଗ ହେବେ
ନିଜେ ଭଲ ହେବା ସହିତ ଭଲ ଦେଶ ଗଢ଼ିବେ ।

ଶିଶୁସାହିତ୍ୟିକା ବ୍ରଜେଶ୍ୱରୀ ସିଂହଙ୍କ କବିତା ଖୁବ୍ ଶାଣିତ । ପିଲାଙ୍କ ମନକୁ ଛୁଇଁଲାପରି । ଶିକ୍ଷାକୁ ଆଦରି ନେଇ ସୁନ୍ଦର ସାବଲୀଳ ଢଙ୍ଗରେ କବିତା ଲେଖନ୍ତି । ଶବ୍ଦକୁ ପରିଖି ନିଅନ୍ତି ଆପଣାଛାଏଁ । ଚାଚାନେହେରୁଙ୍କ ଆଦର୍ଶକୁ ଅନୁଭବ କରିଛନ୍ତି କବିତା 'ଶିଶୁଦିବସ'ରେ –

ଚାଚା ନେହେରୁ ଚାଚା ନେହେରୁ ସଭିଙ୍କର ପ୍ରିୟ ସିଏ
ମଣିଷ ଭିତରେ ମଣିଷଟିଏ ଭୁଲି କି ପାରିବ କିଏ ?
ଆସ ଆମେ ସବୁ ଏକାଠି ହୋଇ ରଖିବା ଦେଶର ମାନ
ଚାଚାଜୀଙ୍କର ଆଦର୍ଶର୍ଶେ ଚାଲିବା ଜିଣିବା ସଭିଙ୍କ ମନ
।

ଶିଶୁଦିବସ ଆସିଲେ କବିମାନେ ଭାବବିଭୋର ହୋଇପଡ଼ନ୍ତି । ଭାବନାକୁ ସୁନ୍ଦର, ସରସ ପଣରେ ବିନିଯୋଗ କରି କବିତା ଲେଖନ୍ତି । ନେହେରୁ ହିଁ ଶିଶୁଦିବସର ପୁରୋଧା । ମନେ ପକାନ୍ତି ଏକାନ୍ତଭାବରେ । ସେହିପରି କବି ସତ୍ୟବ୍ରତ ସାହୁ । ଲେଖନୀରେ ଚମତ୍କାରିତା ଭରିରହିଛି ଭରପୂର । ଶିଶୁ ହିଁ ଆଗାମୀ କାଲିର ଏକ ସମ୍ଭାବନା । ତାଙ୍କରି କବିତା 'ଶିଶୁଦିବସ'ରେ ସେ ଲେଖିଛନ୍ତି –

ଈଶ୍ୱରଙ୍କ ଆଶୀର୍ବାଦେ ଏହି ଧରାଧାମରେ
ଶିଶୁଟିଏ ଜନ୍ମି ବଢ଼େ ମାଆଟିର କୋଳରେ ।
ଭାବେ ନାହିଁଛି କାହାକୁ ସେ ପର ଅବା ନିଜର
ବୁଝେନାହିଁ ରାଗ, ହିଂସା, କପଟ ସେ କାହାର ।
ଆଜିରେ ଶିଶୁ ହେବ କାଲି ସୁନାଗରିକ
କାଲି ସେ ହେବ ମଣିଷ ପାଇ ଶୁଭ ଆଶିଷ ।
ଉପଯୁକ୍ତ ଶିକ୍ଷା, ସ୍ୱାସ୍ଥ୍ୟ, ଉପଯୁକ୍ତ ଯତ୍ନରେ
ଶିଶୁ ହସିଲେ ହଟିବ ଦୁଃଖ ଆହା ଦେଶରେ ।

ସମୟ ଅତିକ୍ରମଶୀଳ । ବସ୍ତୁବାଦୀ ଦୁନିଆରେ ଶୈକ୍ଷିକ ଚିନ୍ତାଧାରକୁ ଅଗ୍ରୀମ ପ୍ରକାରେ ସାମିଲ କରାଯାଉଛି ବିଦ୍ୟାଳୟରେ । ପିଲାଙ୍କୁ ବହିବସ୍ତାନୀରେ ଭାରାକ୍ରାନ୍ତ କରାଯାଇଛି ଅନାୟସରେ । ଏବେ ଶିକ୍ଷାରେ ପ୍ରତିଯୋଗିତା ଚାଲିଛି । ପାଠ୍ୟର ଖସଡ଼ା କରି କୋମଳମତି ଶିଶୁମାନଙ୍କ ଉପରେ ବୋଝ ଲଦିଦିଆଯାଉଛି । ପ୍ରତିଯୋଗିତା କ୍ରମେ ପ୍ରତିଦ୍ୱନ୍ଦିତାର ରୂପ ନେଉଛି । ବେଳେବେଳେ ମୌଳିକ ଓ ମନନଶିଳତାକୁ ପଛରେ ପକାଇ ଆଧୁନିକତାକୁ ସାକାର କରିବାକୁ ପ୍ରମୁଖ ଭୂମିକା ନେବାକୁ ପଡୁଛି ।

ଶିଶୁଦିବସ ପ୍ରତ୍ୟେକ ବିଦ୍ୟାଳୟରେ ଜାକଜମକରେ ପାଳିତ ହୁଏ । ପିଲାମାନେ ସକାଳେ ବିଦ୍ୟାଳୟକୁ ଆସି ପ୍ରିୟ ଚାଚାଜୀଙ୍କ 'ଟୋରେ ପୁଷ୍ପମାଲ୍ୟ ଅର୍ପଣ କରନ୍ତି । ଧୂପ, ଦୀପ, ଚନ୍ଦନରେ ଚାଚାଜୀଙ୍କୁ ପୂଜାକରି ସ୍ମରଣ କରିଥାନ୍ତି । ସେମାନେ ଚାଚାଜୀଙ୍କ ଜୀବନକୁ ଆଧାର କରି ତର୍କସଭା, ବକ୍ତୃତା, କବିତାପାଠ, କବିତା ଲିଖନ, ଚିତ୍ର ଅଙ୍କନ, ନୃତ୍ୟରେ ଅଂଶଗ୍ରହଣ କରି ନିଜକୁ ଭାଗ୍ୟବାନ ତଥା ଚାଚାଜୀ ଉତରଦାୟାଦ ବୋଲି ମନେକରନ୍ତି । କୌତୁକିଆ ପୋଷାକ ପ୍ରତିଯୋଗିତାରେ ଭାଗ ନେଇ ନିଜେ ଖୁସି ମନାଇବା ସହ ଅନ୍ୟକୁ ଖୁସି ବିତରିଦିଅନ୍ତି । ପିଲାମାନଙ୍କ ପାଇଁ ଏକ ଖୁସିବାସିର ଦିନ । ଏହି ଦିନ ବିଦ୍ୟାଳୟର ଶିକ୍ଷକ/ ଶିକ୍ଷିକାମାନେ ପିଲାମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟକ୍ରମ କରାଇଥାନ୍ତି । ଶିଶୁମାନଙ୍କର ଶିକ୍ଷା ଓ ଅଧିକାରକୁ ସାବ୍ୟସ୍ତ କରିବାର ବାଟ ଦେଖାଇଥାନ୍ତି । ଏଭଳି କାର୍ଯ୍ୟକ୍ରମ ଚାଲୁରହିଥିବାବେଳେ ମନେହୁଏ ସତେ ଅବା ଚାଚାଜୀ ପିଲାଙ୍କ ଗହଣରେ ରହି ପିଲାଙ୍କୁ ଶୁଭାଶୀର୍ବାଦ ଦେଉଛନ୍ତି ।

ଶିଶୁଦିବସକୁ ଆମେ ପାଳନ କରୁଛେ ମଜାମଜ୍‌ଲିସ୍‌ରେ କୋମଳମତି ପିଲାଙ୍କ ପାଖରେ ରହି । ସେମାନଙ୍କୁ ଆଗାମୀ କାଲିର ଭବିଷ୍ୟତ କହି ଉତ୍ସାହ, ପ୍ରେରଣା ଦେଉଛୁ । କିନ୍ତୁ ଆଜିଭଳି ମହାର୍ଘ ଦିନରେ ଗରିବ ଶିଶୁଟିଏ କିଭଳି ଗରିବୀପଣରେ ଛଟପଟ ହେଉଛି ସେପରି ଭାବନାକୁ ମନରେ ଜଡ଼େଇ ଭାରତୀ ବେବର୍ତା ନିଜ କବିତା– 'ମୁଁ ଏକ ଗରିବ ଶିଶୁ' ରେ ଲେଖିଛନ୍ତି;

ମୁଁ ଏକ ଗରିବ ଶିଶୁ
ବୁଝେନା କେହି ମୋ ମନ ବେଦନା
ଦିନ ରାତି ମୋର କେମିତି କଟୁଛି
ମୋ କଷଣ କାହାରି ପ୍ରାଣ ଛୁଏଁନା ।
ଅଇଁଠା ବାସନ ମାଜି ମାଜି ମୋର ଦିନ କାଳ ବିତିଗଲା
ମୋ ପାଇଁ କାନ୍ଦେନା କାହାରି ଅନ୍ତର
ପେଟ ଚିନ୍ତାରେ ମୋ ଦିନ ବିତିଲା ।

ଶିଶୁ ପୁଅ ହେଉ ଅବା ଝିଅ ହେଉ ତାକୁ ଉପଯୁକ୍ତ ସହାନୁଭୂତି ଦେଇ ଆଗାମୀ କାଲିରେ ସ୍ୱପ୍ନ ଦେଖାଇବାର ଜରୁରୀ । କନ୍ୟାଭ୍ରୁଣ ପରି ଏକ ଜଘନ୍ୟ ଅପରାଧକୁ ଏଡ଼ାଇ ସମାଜରେ ଶିଶୁର ମଙ୍ଗଳ କାମନା କରିପାରିଲେ ପ୍ରତ୍ୟେକ ଶିଶୁ ନିଜର ଭବିଷ୍ୟତକୁ ଗଢ଼ିତୋଳିପାରିବ ।

ଯାହାହେଉନା କାହିଁକି ଆମେ ସମସ୍ତେ ମନେ ରଖିବା ଦରକାର ଯେ ଶିଶୁଦିବସ ଏକ ହସ ଖୁସିର ଦିନଟିଏ । ଏହା କେବଳ ପରିବାର ଭିତରେ ସୀମିତ ନ ରହି ବିଦ୍ୟାଳୟ, କ୍ଲବ ଏବଂ ଅନେକ ସ୍ୱେଚ୍ଛାସେବୀ ଅନୁଷ୍ଠାନରେ ପାଳନ ଦିବସ ରୂପେ ଶାଖା ମେଲିପାରିଛି । ଶିଶୁ ଓ ବୟୋଜ୍ୟେଷ୍ଠ ବ୍ୟକ୍ତିମାନଙ୍କ ଭିତରେ ନେହେରୁଙ୍କ ଜୀବନୀକୁ ନେଇ ଏକ ସୁନ୍ଦର ଭାବ ବିନିମୟ ହୋଇପାରୁଛି । ସମସ୍ତଙ୍କ ମନରେ ଗୋଟିଏ ଚିନ୍ତାଧାରା ଯେ ଶିଶୁଟି ପିଲାଟିବେଳୁ ଭଲ ପରିବେଶ ପାଇଲେ ସେ ଅକ୍ଳେଶରେ ନିଜର ସୁଶିକ୍ଷା, ସୁସ୍ୱାସ୍ଥ୍ୟ, ସୁଖାଦ୍ୟ ପାଇପାରିବ । ସ୍ଥଳ ବିଶେଷରେ ଭିନ୍ନକ୍ଷମ ପିଲାଙ୍କୁ ଏମିତି ଏକ ଶୁଭଦିନରେ ଉଚିତ ଶିକ୍ଷା, ସହାନୁଭୂତି, ସହଯୋଗ ପ୍ରଦାନ କରିବା ନିହାତି ଦରକାର ।

ଶିଶୁଦିବସରେ ପାଳନ କରିବା ଆମେ ସମସ୍ତେ । ପିଲାଙ୍କ ମନରେ ଖୁସି ଭରିଦେବା ଅନାୟସରେ । ଶିଶୁଦିବସରେ ଯେଉଁମାନେ ନିଜର ସୁଚିନ୍ତିତ ମତାମତ ପୂର୍ଣ୍ଣ କବିତା ଲେଖି ଏ ପ୍ରବନ୍ଧକୁ ପରିପୁଷ୍ଟ କରିଛନ୍ତି, ମୁଁ ସେମାନଙ୍କୁ ସଶ୍ରଦ୍ଧ ପ୍ରଣାମ ଜଣାଉଛି । ଯେଉଁ ଶିଶୁସାହିତ୍ୟ ପ୍ରେମୀ ଚାଚା ନେହେରୁଙ୍କ ସ୍ମରଣକରି ସୁନ୍ଦର ସୁନ୍ଦର ଭାବ ଶୈଳୀର କବିତା ସମାଜକୁ ବାଢ଼ିଦେଇଛନ୍ତି, ସେମାନଙ୍କୁ ମୁଁ ଅଜସ୍ର ସାଧୁବାଦ ଜଣାଉଛି ।

ଏଲ. ଆଇ.ଜି- ୧୫
ନୟାପଲ୍ଲୀ, ବ୍ରିଟ୍ କଲୋନୀ, ଭୁବନେଶ୍ୱର
ପିନ୍- ୭୫୧୦୧୨



# ବିରଜା ଦେବୀଙ୍କ ଶାରଦୀୟ ରଥଯାତ୍ରା

**- ଅଧ୍ୟାପକ ପବିତ୍ର ମୋହନ ବାରିକ**

ପ୍ରବାହମାନ ସଂାସ୍କୃତିକ ଧାରା ଓ ଗୌରବମୟ ଇତିହାସର ମୂକସାକ୍ଷୀ ଐତିହାସିକ ସହର ଯାଜପୁର ତା'ର ସ୍ୱତନ୍ତ୍ର ପରିଚ଼ୟ ପାଇଁ ସର୍ବଜନ ବିଦିତ । ଏକଦା ଓଡିଶାର ରାଜନୀତି, ଧର୍ମ ଓ ସାଂସ୍କୃତିକ ଧାରାକୁ ମହିମା ମଣ୍ଡିତ କରୁଥିବା ଯାଜପୁର ସଗର୍ବେ ଅତୀତ ଐତିହ୍ୟର ସ୍ମୃତି ଚାରଣ କରୁଅଛି । ବିଶ୍ୱର ଅନ୍ୟତମ ପ୍ରାଚୀନ ତୀର୍ଥକ୍ଷେତ୍ର ମଧ୍ୟରେ ଯାଜପୁରର ସ୍ଥାନ ଅନସ୍ୱୀକାର୍ଯ୍ୟ । ପୂର୍ବେ ଏହି ପୂଣ୍ୟ ସ୍ଥଳ ଯଜ୍ଞପୁର, ଯାଜନଗ୍ର, ବିରଜାନଗର, ବିରଜାକ୍ଷେତ୍ର, ବିରଜାତୀର୍ଥ, ବିରଞ୍ଚାନଗର ବୈତରଣୀ ତୀର୍ଥ , ବରାହ ତୀର୍ଥ, ବାରୁଣୀ ତୀର୍ଥ, ନାଭି କ୍ଷେତ୍ର, ନାଭିଗୟା, ଗଦା କ୍ଷେତ୍ର, ଗଦା ତୀର୍ଥ, ଦଶାଶ୍ୱମେଧ କ୍ଷେତ୍ର , ଗୃହଦେବ ପାଟକ, ଓ ଗୃହେଶ୍ୱର ପାଟକ ପ୍ରଭୃତି ନାମରେ ଜନମନସରେ ସୁପରିଚିତ । ଯାଜପୁରର ସାଂସ୍କୃତିକ ସୌରଭ ଅନୁପମ ଓ ଅତୁଳନୀୟ । ବୈତରଣୀ, ମନ୍ଦାକିନୀ, ହଂସ ରେଖା, ଚିତ୍ରରେଖା, ପଦ୍ମରେଖା, ମଦ୍‌ଗୁରେଖ, ଓ କୁଶଭଦ୍ରା ସପ୍ତନଦୀ ଦ୍ୱାରା ପରିବେଷ୍ଟିତ ପବିତ୍ର ଯାଜପୁର ମାଟି ନୈସ୍ୱର୍ଗୀୟ ରୂପଲାବଣ୍ୟରେ ପରିପୂର୍ଣ୍ଣ । ତ୍ରୀକୋଣାକାର ଭୂଖଣ୍ଡ ପ୍ରାଗ ବୈଦିକଯୁଗରୁ ଯେଉଁ ପ୍ରାଚୀନ ସଭ୍ୟତାର ଉନ୍ମୋଚନ ଘଟିଥିଲା ତାହା ବୈତରଣୀ ସଭ୍ୟତା ନାମରେ କଥିତ । ପୂରାଣ ଓ ଇତିହାସ ପ୍ରସିଦ୍ଧ ଯାଜପୁର ନଗର ସର୍ବଧର୍ମ ସଂପ୍ରଦାୟ ବିଶ୍ୱାସ ଓ ମତବାଦର ଏକ ସମନ୍ୱୟ ପୀଠ । ବ୍ରାହ୍ମଣ, ଶାକ୍ତ, ଶୈବ, ବୈଷ୍ଣବ, ଜୈନ, ବୌଦ୍ଧ ଓ ତାନ୍ତ୍ରିକ ମତବାଦର ମହାମିଳନକ୍ଷେତ୍ର ଯାଜପୁର । ପ୍ରାଚୀନ ଭାରତରେ ଯାଜପୁର ବିରଜାକ୍ଷେତ୍ର ନାମରେ ପରିଚିତ ଥିଲା । ବ୍ୟାସଦେବ କୃତ ସଂସ୍କୃତ ମହାଭାରତରେ ବୈତରଣୀ କୂଳରେ ଅବସ୍ଥିତ ବିରଜା କ୍ଷେତ୍ରର ନାମ ଉଲ୍ଲେଖ ଅଛି । ପବିତ୍ର ବିରଜା କ୍ଷେତ୍ର ଓଡିଶାର ଏକମାତ୍ର ସ୍ଥଳ ଯେକି ମହାଭାରତରେ ଗୁରୁତ୍ୱ ପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ବିରଜାକ୍ଷେତ୍ର ବା ବୈତରଣୀ ତୀର୍ଥର ନାମ ଅନେକ ପ୍ରାଚୀନ ଧର୍ମଗ୍ରନ୍ଥରେ ଦେଖିବାକୁ ମିଳେ ଯଥା-କପିଳ ସଂହିତା ବ୍ରହ୍ମାଣ୍ଡ ପୁରାଣ,ବାୟୁ ପୁରାଣ,ବ୍ରହ୍ମପୁରାଣ, ତନ୍ତ୍ର ଚିନ୍ତାମଣି, ଶଙ୍କାରାଚାର୍ଯ୍ୟଙ୍କ ରଚିତ ଅଷ୍ଟାଦଶପୀଠ ମାହାତ୍ମ୍ୟ,ଓ ଚୈତନ୍ୟ ଚରିତ୍ରାମୃତ ଇତ୍ୟାଦି । ବୈତରଣୀ ନଦୀର ଉପ୍‌ତ୍ତିସମ୍ବନ୍ଧରେ ଏକ ସୁନ୍ଦର ପୌରାଣିକତଥ୍ୟ ଲିଙ୍ଗପୁରାଣ ଓ ବ୍ରହ୍ମପୁରାଣରେ ଉଲ୍ଲେଖ ଅଛି । ଯାଜପୁରରେ ଏକ ଯଜ୍ଞ ବ୍ରହ୍ମା ଆୟୋଜନ କରୁଥିଲେ ଏବଂ ସେ ଯଜ୍ଞ ସ୍ଥଳକୁ ଗଙ୍ଗାମାତାକୁ ନିମନ୍ତ୍ରଣ କରିଥିଲେ । ଗଙ୍ଗାମାତା ଯଜ୍ଞସ୍ଥାନ ଓ ସମୟ ଚାଣିମାକୁ ଚାହିଁବାରୁ ବ୍ରହ୍ମାତାକୁ କହିଥିଲେ ଯେଉଁସ୍ଥାନରେ ଡୋଲ ବାଜୁଥିବ ତାହାହିଁ ଯଜ୍ଞସ୍ଥାନ । ଗୋନାସିକା ପର୍ବତରେ ଜୁଆଙ୍ଗ ଆଦିବାସୀ ମାନଙ୍କର ନୃତ୍ୟ ଓ ଢୋଲ ଶବ୍ଦ ଶୁଣି ଗଙ୍ଗାମାତା ସେଠାରେ ଅବତରଣ କଲେ, ଏହା ବ୍ରହ୍ମାଙ୍କ ଯଜ୍ଞସ୍ଥଳ ବୋଲି ମନେ କରି, ପରବର୍ତ୍ତୀ ସମୟରେ ସୃଷ୍ଟି କର୍ତ୍ତା ବ୍ରହ୍ମା ଏହା ଜାଣି ପାରି ଗୋନାସିକା ଯାଇ ସେଠାରୁ ଗଙ୍ଗାକୁ ବାଟ କଢାଇ ଯାଜପୁର ଯଜ୍ଞସ୍ଥଳକୁ ଆଣିଥିଲେ । ବ୍ରହ୍ମା ଗୋନାସିକା ପର୍ବତ ଉପରେ ଏକ ଶିବ ଲିଙ୍ଗ ସ୍ଥାପନ କରିଥିଲେ ଯାହାର ନାମ ବ୍ରହ୍ମେଶ୍ୱର । କେଉଁଝର ଜିଲ୍ଲାର ଗୋନାସିକା ପର୍ବତାଞ୍ଚଳର ଦକ୍ଷିଣ ଦିଗରୁ ଗୋରୁନାକ ପରି ଦେଖାଯାଉଥିବା ଏକ ଅଂଶରୁ ବୈତରଣୀ ଏକ କ୍ଷୁଦ୍ର ଝରଣା ରୂପେ ୩୧୦୦ଫୁଟ ଉଚ୍ଚତାରୁ ଉପ୍‌ତ୍ତି ଲାଭ କରିଅଛି । ପ୍ରାୟ ଅଧା କି.ମି ଏହି ଝରଣା ଗତି କଲାପରେ ଭୂଗର୍ଭରେ ପ୍ରବାହିତ ହୁଏ । ଦୃଶ୍ୟମାନ ହେଉ ନଥିବ ପ୍ରବାହ ଅଞ୍ଚଳକୁ ଗୁପ୍ତ ଗଙ୍ଗା ବା ଗୁପ୍ତ ବୈତରଣୀ ରୂପେ ନାମିତ କରାଯାଇଅଛି । ଗୋନାସିକା ପର୍ବତ ପାଦ ଦେଶରେ ବୈତରଣୀ ଜଳର ଏକ ଭଣ୍ଡାର ନିର୍ମାଣ କରାଯାଇଅଛି ଯାହାର ନାମ ବ୍ରହ୍ମକୁଣ୍ଡ । ତତ୍ କାଳୀନ କେଉଁଝର ଗଡ଼ଜାତ ରାଜ୍ୟର ରାଜା ଲକ୍ଷ୍ମୀ ନାରାୟଣ ଭଞ୍ଜ (୧୬୫୪ - ୧୬୮୮ ଖ୍ରୀ) ଙ୍କ ଦ୍ୱାରା ଏହି କୁଣ୍ଡ ଖନନ କରାଯାଇଥିବା ଏକ ଶିଳା ଲେଖରେ ଉଲ୍ଲେଖ ଅଛି । ପର୍ବତ ଶିଖରରେ ଥିବା ବ୍ରହ୍ମେଶ୍ୱର ମନ୍ଦିର ରାଜା ଲକ୍ଷ୍ମୀନାରାୟଣ ଭଞ୍ଜ ମଧ୍ୟ ନିର୍ମାଣ କରିଥିଲେ । ଏହି ମନ୍ଦିର ଗୁପ୍ତଗଙ୍ଗା ଠାରୁ ୫ କି.ମି. ଦୂରରେ ଅବସ୍ଥିତ । ଯାଜପୁରର ବାରୁଣୀ ଯାତ୍ରା ସମୟରେ ବହୁ ଶ୍ରଦ୍ଧାଳୁ ଗୋନାସିକା ଓ ବ୍ରହ୍ମକୁଣ୍ଡରେ ପବିତ୍ର ସ୍ନାନ ପାଇଁ ଏଠାକୁ ଆଗମନ କରିଥାନ୍ତି । ବିରୁପାକ୍ଷ କରଙ୍କ ରଚିତ "ପ୍ରାଚ଼ୀନ ଯାଜପୁର" ରେ ଯାଜପୁର ମାଟିର ଐତିହ୍ୟ ଓ ସଂସ୍କୃତିକୁ ତଥ୍ୟ ଭିତ୍ତିକ ଓ ଉପାଦେୟ ଭାବରେ ବର୍ଣ୍ଣନା କରାଯାଉଛି । ବିରୁପାକ୍ଷ କରଙ୍କ ଅନ୍ୟ ଏକ ତଥ୍ୟ ସମ୍ବଳିତ କାବ୍ୟ "ବୈତରଣୀ" ୧୯୩୨ ମସିହାରେ

ସତ୍ୟବାଦୀ ପ୍ରେସ୍‌ରେ ପ୍ରକାଶିତ ହୋଇଥିଲା । ଏହି କାବ୍ୟରେ ସେ ମା’ ବିରଜା, ପୂଣ୍ୟତୋୟା ବୈତରଣୀ ନଦୀ, ଯାଜପୁର ଜିଲ୍ଲାର ଐତିହ୍ୟକୁ ଅତିମାର୍ମିକ ଶୈଳୀରେ ଉପସ୍ଥାପନା କରିଛନ୍ତି । ପ୍ରାଚୀନ ଓଡିଶାର ରାଜନୈତିକ ଇତିହାସରେ ଯାଜପୁର ଏକ ମହତ୍ୱପୂର୍ଣ୍ଣ ସ୍ଥାନ ଅଧିକାର କରିଛି । ବର୍ତ୍ତମାନର ଯାଜପୁର ଭୌମକର ରାଜବଂଶର ଶାସନ ସମୟରେ ଗୁହଦେବ ପାଟକ ବା ଗୁହେଶ୍ୱର ପାଟକ ନାମରେ ବୈତରଣୀ ନଦୀ କୂଳରେ ଅବସ୍ଥିତ ଏବଂ ତୋଶାଳୀର ରାଜଧାନୀ ଥିଲା । ତୋଶାଳୀର ରାଜଧାନୀ ଯାଜପୁରକୁ କେନ୍ଦ୍ର କରି ଭୌମକର ବଂଶର ରାଜାମାନେ ୭୩୨ ଖ୍ରୀଷ୍ଟାବ୍ଦରୁ ୯୪୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଦୀର୍ଘ୍ୟ ୨୧୪ ବର୍ଷ ଶାସନ କରିଥିଲେ । ଏହି ସମୟରେ ୧୩ ଜଣ ଭୌମରାଜା ଓ ୮ ଜଣ ଭୌମ ରାଣୀ ଶାସନ ପରିଚାଳନା କରିଥିଲେ । ଯାଜପୁର ଇତିହାସରେ ଏହା ସୁବର୍ଣ୍ଣ ଯୁଗ ଥିଲା । ପରବର୍ତ୍ତୀ ସମୟରେ ଯାଜପୁର ସୋମବଂଶୀ ଶାସନର ଅଧିନକୁ ଆସିଥିଲା । ଏହି ବଂଶର ରାଜା ଯଯାତି କେଶରୀ ଯାଜପୁରରେ ଦଶାଶ୍ୱମେଧ ଯଜ୍ଞ ଆୟୋଜନ ନିମନ୍ତେ ୧୦,୦୦୦ ବ୍ରାହ୍ମଣୀକୁ କୌନଜରୁ ଯାଜପୁରକୁ ଆଣିଥିଲେ ।

ଯଯାତିକେଶରୀଙ୍କ ଯାଜ ବା ବଳିଦାନ ଯଜ୍ଞ ଅନୁଷ୍ଠାନ ପରେ ବିରଜା କ୍ଷେତ୍ର ଯାଜପୁର ନାମରେ ନାମିତ ହେଲା । ଅନ୍ୟ କେତେଜଣ ଗବେଷକଙ୍କ ମତରେ ସୋମବଂଶୀ ରାଜା ଯଯାତି କେଶରୀଙ୍କ ନାମାନୁସାରେ ଏହା ଯାଜପୁର ହୋଇଅଛି । ଯାଜପୁର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ତା’ର ସାଂସ୍କୃତିକ ବିଭବ ପାଇଁ ବିଶ୍ୱବିଖ୍ୟାତ । ଯାଜପୁର ଜିଲ୍ଲା ଓଡିଶାର ସାଂସ୍କୃତିକ ଉଦ୍ୟାନରେ ଏକ ମନୋଲୋଭା ସୁବାସିତ ପୁଷ୍ପ । ହାଡିଦାସଙ୍କ ପୀଠ ଛତିଆବଟ, ସନ୍ଥ ଅରକ୍ଷିତ ଦାସଙ୍କ ସାଧନା ପୀଠ ଓଳାଷୁଣୀ, ବାବା ଭୈରବାନନ୍ଦ ବ୍ରହ୍ମଚାରୀଙ୍କ ଚଣ୍ଡିମନ୍ଦିର, ବାବା ବୈକୁଣ୍ଠନାଥ ବ୍ରହ୍ମଚାରୀଙ୍କ ଜଳୌକା ଆଶ୍ରମ, ବିଶ୍ୱର ପ୍ରଥମ ବୌଦ୍ଧ ସ୍ତୁପ ବା କେଶସ୍ତୁପ ଉଦୟଗିରିର ମାଧବପୁର ଓ ସିଂହପ୍ରସ୍ତ ମହାବିହାର, ପୁଷ୍ପଗିରି ବିଶ୍ୱ ବିଦ୍ୟାଳୟର ଭଗ୍ନାବିଶେଷ, ଲଳିତଗିରି ମହାବିହାର, ପ୍ରାଚୀନ ବୌଦ୍ଧ ନଗରୀ ଧର୍ମଶାଳା, ବୌଦ୍ଧ କୀର୍ତ୍ତିରାଜିରେ ପରିପୂର୍ଣ୍ଣ ଲାଙ୍ଗୁଡ଼ି ପାହାଡ ପ୍ରଭୃତି ଯାଜପୁର ଜିଲ୍ଲାର ସମୃଦ୍ଧ ଐତିହାସିକ ସ୍ମାରକି । ବୈତରଣୀ ନଦୀ ମଝିରେ ଥିବା ଏକ ଟାପୁର ଦୁଇ ପାର୍ଶ୍ୱରେ ଥିବା ପାହାଚମାଳା ହିଁ ଦଶାଶ୍ୱମେଧ ଘାଟ । ଏହି ଟାପୁରେ ବରାହ, ତ୍ରିଲୋକଚକଶ୍ୱର, ସିଦ୍ଧେଶ୍ୱର ଓ ଗଙ୍ଗବଂଶୀ ଜଗନ୍ନାଥ ମନ୍ଦିର ଭାସ୍କର୍ଯ୍ୟ କୀର୍ତ୍ତି ଶୋଭାମଣ୍ଡିତ କରୁଅଛି । ଶ୍ରୀଚୈତନ୍ୟ, ଆଦି ଶଙ୍କରାଚାର୍ଯ୍ୟ, ରାମାନୁଜ, ମାଧବାଚାର୍ଯ୍ୟ, ବଲ୍ଲଭଚାର୍ଯ୍ୟଙ୍କ ପରି ମହାପୁରୁଷମାନେ ଯାଜପୁର ଆସି ଏଠାରେ ତାଙ୍କ ସଂପ୍ରଦାୟର ମଠ, ମନ୍ଦିର ଓ ଧର୍ମଶାଳା ସ୍ଥାପନ କରିଥିଲେ । ମହାତ୍ମାଗାନ୍ଧି ଓ ଜବାହରଲାଲ ନେହରୁ ଯାଜପୁର ଗସ୍ତ ସମୟରେ ତୀର୍ଥପଣ୍ଡାଙ୍କ ଟିପଣୀ ଖାତାରେ ନିଜ ନିଜର ପୂର୍ବଜଙ୍କ ସ୍ୱାକ୍ଷର ଦେଖି ଆଚାର୍ଯ୍ୟ ହୋଇ ଯାଇଥିଲେ । ନେପାଳର ରାଜାମାନେ ମଧ୍ୟ ପବିତ୍ର ବିରଜା କ୍ଷେତ୍ର ଯାଜପୁରକୁ ବିଭିନ୍ନ ସମୟରେ ଆଗମନ କରିଛନ୍ତି । ବୈତରଣୀ ନଦୀର ଉଭୟପାର୍ଶ୍ୱରେ ସହସ୍ରାଧିକ ଶିବଲିଙ୍ଗ ଥିବାରୁ ଏକଦା ଓଡିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ଭାବେ ମାନ୍ୟତା ଲାଭ କରିଥିଲେ । ଅତୀତ ଗୌରବ ଓ ଗାରିମା ଯାଜପୁରର ସ୍ୱତନ୍ତ୍ର ପରିଚୟ ଅଟେ ।

ଯାଜପୁର ବିରଜା କ୍ଷେତ୍ରର ଅଧିଷ୍ଠାତ୍ରୀ ଦେବୀ ମା’ ବିରଜା ଯାଜପୁରର ପୂଣ୍ୟତୋୟା ବୈତରଣୀ ନଦୀ କୂଳରେ ବିରାଜିତା ମା’ ବିରଜା ଦେବୀ । ବିରଜା କ୍ଷେତ୍ର ଓଡିଶାର ଆଦି ଶକ୍ତିପୀଠ ଓ ମା’ ବିରଜା ଆଦିଶକ୍ତିର ପ୍ରତୀକ । ବିରଜା କ୍ଷେତ୍ର ଭାରତ ବର୍ଷର ଅନ୍ୟତମ ସୁପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କରିଛି । ଓଡିଶାର ଅନ୍ୟାନ୍ୟ ପ୍ରାଚୀନ ଶକ୍ତିପୀଠ ମାନଙ୍କ ଠାରୁ ମା’ ବିରଜା ଦେବୀ ଙ୍କ ପୀଠର ସ୍ୱତନ୍ତ୍ୟ ନିଆରା । ସତୀଦେବୀଙ୍କର ନାଭି ଏଠାରେ ପତିତ ହୋଇଥିବାରୁ ଏ ପୀଠର ପ୍ରାଧାନ୍ୟ ସ୍ୱତନ୍ତ୍ର । ପ୍ରାଚୀନ ଶାସ୍ତ୍ରରେ ଯାଜପୁର ପିତୃତୀର୍ଥ ନାମରେ ପରିଚିତ । ମୁନି ଋଷି ଓ ପାଣ୍ଡବମାନେ ବୈତରଣୀ ରେ ସ୍ନାନ ତର୍ପଣ ପୂର୍ବକ ପିଣ୍ଡଦାନ କରିଥିବାର ପୁରାଣମାନଙ୍କରେ ଉଲ୍ଲେଖ ଅଛି । ପୁରାଣ ପ୍ରସିଦ୍ଧ ତ୍ରିଗୟା ମଧ୍ୟରୁ ଯାଜପୁର ନଭିଗୟା ନାମରେ ପରିଚିତ ।

ଯାଜପୁରର ପରମାରାଧ୍ୟା, ଅଗ୍ର ପୂଜିତା, ଅଧିଷ୍ଠାତ୍ରୀ ଦେବୀ ମା’ ବିରଜାଙ୍କର ମନ୍ଦିର ଭୌମକର ବଂଶର ଶାସନ ସମୟରେ ନିର୍ମିତ ଓ ମରହଟ୍ଟା ଶାସନ କାଳରେ ପୁନଃନିର୍ମିତ ହୋଇଥିଲା । ମା’ ବିରଜା ଦ୍ୱିଭୂଜା ସେବାମ ହାତରେ ମହିଷାର ପଛକୁ ଧରିଛନ୍ତି ଓ ଦକ୍ଷିଣହସ୍ତରେ ଶୂଳ ଭେଦ କରିଛନ୍ତି । ଗବେଷକ ମାନଙ୍କ ମତରେ ବର୍ତ୍ତମାନ ପୂଜା ପାଉଥିବା ବିଗ୍ରହ ୨୦୦ ବର୍ଷର ପୁରାତନ । ମା’ ଙ୍କର ପୂର୍ବମୂର୍ତ୍ତି ସିଂହାସନର ପଛପାଖେ ଅବସ୍ଥିତା ଓ ତାଙ୍କର ଦର୍ଶନ ନିଷେଧ । ଭାରତବର୍ଷରେ ମହିଷା ମର୍ଦ୍ଦନୀ ଶକ୍ତି ମୂର୍ତ୍ତି ଚତୁଃଭୂର୍ଜା ଠାରୁ ଅଷ୍ଟଭୂଜା ପର୍ଯ୍ୟନ୍ତ ବିଭିନ୍ନ ପୀଠରେ ପୂଜା ପାଉଛନ୍ତି । ଏ ସମସ୍ତ

ବିଗ୍ରହରେ ବାହନ ସିଂହ ଅଙ୍କିତ ହୋଇଛନ୍ତି । କିନ୍ତୁ ଦ୍ୱିଭୂଜା ମା' ବିରଜା ସିଂହବାହିନୀ ନୁହଁନ୍ତି । ମୂର୍ତ୍ତିତାତ୍ତ୍ୱିକ ପର୍ଯ୍ୟବେକ୍ଷଣରୁ ମା' ବିରଜା ଦେବୀଙ୍କୁ ଗବେଷକମାନେ ଗୁପ୍ତଯୁଗୀୟ ବୋଲି ମତ ଦିଅନ୍ତି । ସର୍ବପ୍ରାଚୀନ ଶକ୍ତି ମୂର୍ତ୍ତି ବିରଜାଙ୍କ ଠାରୁ ହିଁ ଓଡିଶାରେ ଶକ୍ତି ପୂଜା ଅନେକ ଦେବୀ ପୀଠମାନଙ୍କୁ ପ୍ରସାରିତ ହୋଇଅଛି । ଭାରତର ପ୍ରାଚୀନତମ ଦୁର୍ଗା ମୂର୍ତ୍ତି ବିରଜା ଦେବୀଙ୍କୁ କୁହାଯାଉଥିବାରୁ ଓଡିଶାରେ ଦୁର୍ଗାପୂଜା ମା' ବିରଜାଙ୍କ ମାଧ୍ୟମରେ ପ୍ରଚାର ଓ ପ୍ରସାର ଲାଭ କରିଥିବାର କେବେ ଅସ୍ୱୀକାର କରିହେବ ନାହିଁ । ବିରଜା ଦେବୀଙ୍କ ପୀଠକୁ ଆର୍ଯ୍ୟ ଓ ଅନାର୍ଯ୍ୟ ସଂସ୍କୃତିର ସମନ୍ୱୟର ପୀଠ ରୂପେ ଅଭିହିତ କରାଯାଏ । ବିରଜା ଦେବୀଙ୍କ ଦୁର୍ଗୋତ୍ସବ ଅନ୍ୟ ପୀଠ ମାନଙ୍କଠାରୁ ସଂପୂର୍ଣ୍ଣ ଭିନ୍ନ । ବିରଜା ଦେବୀଙ୍କ ଶାରଦୀୟ ଦୁର୍ଗା ପୂଜାର ବିଧିକୁ ଲକ୍ଷ୍ୟ କଲେ ଜଣାଯାଏ ଏହା ଆଦିବାସୀ ସଂସ୍କୃତିର ପ୍ରତିଫଳନ ପରି ମନେହୁଏ । ଶାରଦୀୟ ଦୁର୍ଗାପୂଜା ସମୟ ରେ ଷୋଡଶ ଦିନ ବ୍ୟାପି ବନଦୁର୍ଗା ମନ୍ତ୍ରରେ ମା' ବିରଜା ଦେବୀଙ୍କୁ ପୂଜା କରାଯାଏ । ଆଦିବାସୀ ସଂପ୍ରଦାୟର ଆରାଧ୍ୟ ଦେବୀ ମା' ବନଦୁର୍ଗା । ଆଦିବାସୀ ଧର୍ମ ଓ ବିଶ୍ୱାସରୁ ସୃଷ୍ଟି ହୋଇଥିବା ସ୍ତମ୍ଭେଶ୍ୱରୀ ପୂଜାରୁ ବନ ଦୁର୍ଗା ଉପାସନାର ପ୍ରସାର ଘଟିଛି । ଡୁମାର ଜାତୀୟ ଆଦିବାସୀମାନେ ପୂର୍ବେ ଅଶ୍ୱିନ ମାସରେ ସ୍ତମ୍ଭେଶ୍ୱରୀଙ୍କୁ ବନଦୁର୍ଗା ମନ୍ତ୍ରରେ ପୂଜା କରୁଥିଲେ । ସ୍ତମ୍ଭ ପୂଜାର ସ୍ମୃତିକୁ ବହନ କରୁଥିବା ମା' ବିରଜା ଦେବୀଙ୍କ ରୌପ୍ୟମୟ ସ୍ତମ୍ଭ ମା' ଙ୍କ ପ୍ରତିନିଧି ରୂପେ ଦୁର୍ଗାପୂଜାରେ ପୂଜା ପାଆନ୍ତି । ଶରଦ୍ ସମୟରେ ମା' ବିରଜାଙ୍କୁ ଦୁର୍ଗା ରୂପେ ଆରାଧନା କରାଯାଉଥିଲେ ହିଁ ଦେବୀଙ୍କ ପୂଜାବିଧିରେ ବୈଦିକ , ଶାକ୍ତ ଓ ତନ୍ତ୍ର ପରମ୍ପରାର ସମନ୍ୱୟ ଦେଖିବାକୁ ମିଳେ । ମା' ବିରଜା ଦେବୀଙ୍କ ଦୁର୍ଗୋତ୍ସବରେ ସୁନିଆଁ, ଷୋଳ କଳସ ପୂଜା, ରଥଯାତ୍ରା, ପଞ୍ଚମୀ ମହାଯଜ୍ଞ, ମହାଷ୍ଟମୀ ମହାନବମୀର ଲାଖ ବିନ୍ଧା ଆଦି ଉତ୍ସବ ଶାକ୍ତ ପରମ୍ପରାରେ ବିରଳ ଓ ଏହା ମା' ବିରଜା ଦେବୀଙ୍କୁ ସ୍ୱତନ୍ତ୍ର ମର୍ଯ୍ୟାଦା ପ୍ରଦାନ କରିଅଛି । ମା' ବିରଜା ଦେବୀଙ୍କ ଶାରଦୀୟ ଦୁର୍ଗାପୂଜାର ସୁନିଆଁ ହିଁ ଆଦ୍ୟ ପର୍ବ ରୂପେ ଗୃହିତ । ସୁନିଆଁର ଅପରାହ୍ନରେ ବିରଜା ମଣ୍ଡପରେ ବିଘ୍ନରାଜ ଗଣେଶ ଓ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ଯଥାବିଧି ଆରାଧନା ପରେ ନବାଙ୍କ ଲିଖନ ଓ ସ୍ୱର୍ଣ୍ଣଚ୍ଛେଦନ ପର୍ବ ସଂପନ୍ନ ହୁଏ । ବିରଜା ଦେବୀଙ୍କ ଶାରଦୀୟ ଦୁର୍ଗାପୂଜାର ମୁଖ୍ୟ ବୈଶିଷ୍ଟ୍ୟ ତଥା ଅନ୍ୟତ୍ର ବିରଳ ଶାରଦୀୟ ରଥଯାତ୍ରା । ରଥ ନିର୍ମାଣ ନିମନ୍ତେ ବନଯାଗ ବିଧି ଅନୁଷ୍ଠିତ ହୁଏ ଦେବୀଙ୍କ ନବାଙ୍କ ଲିଖନ ପରେ ।

ଶାରଦୀୟ ଦୁର୍ଗାପୂଜା ଅବସରରେ ବିରଜା ଦେବୀଙ୍କ ରଥଯାତ୍ରା ମୁଖ୍ୟ ଆକର୍ଷଣ ଅଟେ । ଓଡିଶାରେ ରଥଯାତ୍ରାର ପରମ୍ପରା ଅତି ପ୍ରାଚୀନ । ଓଡିଆ ଜାତିର ଐତିହ୍ୟ ଓ ସଂସ୍କୃତିର ମୁଖ୍ୟ କେନ୍ଦ୍ର ବିନ୍ଦୁ ରଥଯାତ୍ରା । ଏହା ଜାତିକୁ ଏକତା, ସଂହତି, ଭ୍ରାତୃଭାବ ଓ ସମନ୍ୱୟର ମହାମନ୍ତ୍ର ଶିକ୍ଷା ଦେଇଥାଏ । ଦେବଭୂମି ଭାରତ ବର୍ଷର ପୂଣ୍ୟ ଉତ୍କଳ ପ୍ରଦେଶରେ ଚତୁଃମହାକ୍ଷେତ୍ର ଅବସ୍ଥିତ । ଏହି ଚାରୋଟି ମହାନ କ୍ଷେତ୍ରରେ ପ୍ରଚଳିତ ରଥଯାତ୍ରା ଓଡିଆ ଜାତିର ସାଂସ୍କୃତିକ ପରିଚୟ । ଶ୍ରୀ କ୍ଷେତ୍ର ଜଗନ୍ନାଥ ଧାମରେ ଆଷାଢ଼ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ନବଦିନାତ୍ମକ ଶ୍ରୀଗୁଣ୍ଡିଚା ରଥଯାତ୍ରା ଅନୁଷ୍ଠିତ ହୁଏ । ଅର୍କକ୍ଷେତ୍ର କୋଣାର୍କରେ ମାଘମାସ ସପ୍ତମୀ ତିଥିରେ ସୌର ରଥଯାତ୍ରା ଆୟୋଜିତ ହୁଏ କିନ୍ତୁ ବର୍ତ୍ତମାନ ଏହା ଅବଲୁପ୍ତ । ଏକାମ୍ରକ୍ଷେତ୍ର ଭୁବନେଶ୍ୱରରେ ଚୈତ୍ରମାସ ଶୁକ୍ଳପକ୍ଷ ଅଷ୍ଟମୀ ତିଥିରେ ପ୍ରଭୁ ଲିଙ୍ଗରାଜଙ୍କର ବାସନ୍ତୀକ ଅଶୋକାଷ୍ଟମୀ ରୁକୁଣା ରଥଯାତ୍ରା ଆୟୋଜିତ ହୁଏ । ପାର୍ବତୀ କ୍ଷେତ୍ର, ଶକ୍ତିକ୍ଷେତ୍ର ବା ବିରଜା କ୍ଷେତ୍ର ଯାଜପୁରରେ ବିରଜା ଦେବୀଙ୍କର ଶାରଦୀୟ ରଥଯାତ୍ରା ଆଶ୍ୱିନମାସ ଶୁକ୍ଳପକ୍ଷ ପ୍ରତିପଦ ଠାରୁ ମହାନବମୀ ପର୍ଯ୍ୟନ୍ତ ନବଦିନାତ୍ମକ ସିଂହଧ୍ୱଜା ବା ମାୟାରଥ, ବା ବିଜୟା ରଥଯାତ୍ରା ଅନୁଷ୍ଠିତ ହୁଏ । ବିରଜା ଦେବୀଙ୍କର ଶାରଦୀୟ ରଥଯାତ୍ରା ବିଶ୍ୱ ରେ ବିରଳ । ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ବିରଜାଙ୍କ ଶାରଦୀୟ ରଥଯାତ୍ରା ଶାକ୍ତ ଉପାସନା କ୍ଷେତ୍ରରେ ଏକ ବିରଳ ପରମ୍ପରା । ଶ୍ରୀ କ୍ଷେତ୍ରରେ ନବଦିନାତ୍ମକ ରଥଯାତ୍ରା ପରି ବିରଜା ଦେବୀଙ୍କର ନବ ଦିବସୀୟ ସିଂହଧ୍ୱଜ ରଥଯାତ୍ରା ଅନୁଷ୍ଠିତ ହେଉଥିଲେ ହିଁ ଏଥିରେ ଅନେକ ଭିନ୍ନତା ପରିଲକ୍ଷିତ ହୁଏ । ଏଠାରେ ଦେବୀ ବିରଜାଙ୍କ ଶିଳା ବିଗ୍ରହ ରଥାରୁଢ଼ ନହୋଇ ତାଙ୍କର ବିଜେ ପ୍ରତିମା ବା ଉତ୍ସବ ମୂର୍ତ୍ତି ନବଦିନ ପର୍ଯ୍ୟନ୍ତ ମନ୍ଦିର ବେଢ଼ା ପରିକ୍ରମା କରନ୍ତି । ମୂଳ ପୀଠାଧିଷ୍ଠିତ ଦେବତା ବିଭିନ୍ନ ଉତ୍ସବରେ ମନ୍ଦିର ବାହାରକୁ ଯିବାର ଅନେକ ପ୍ରତିବନ୍ଧକ ରହିଛି । ପୀଠାସୀନ ଦେବତା ସିଂହାସନ ଚ୍ୟୁତ ହେଲେ ପୁନଃ ପ୍ରତିଷ୍ଠିତ ହେବାକୁ ବାଧା ରହିଛି ବୋଲି ବିଦ୍ୱାନମାନେ ମତ ଦିଅନ୍ତି ।

ବିରଜା ଦେବୀଙ୍କ ଧାତୁ ବିଗ୍ରହ ବିଜେ ପ୍ରତିମା ଆଶ୍ୱିନ ପ୍ରତିପଦ ତିଥିରେ ରଥାରୁଢ଼ ହୋଇ ଦୁର୍ଗାପୂଜା ସମୟରେ ପ୍ରତ୍ୟେୟ ଯଥୋପଚାରରେ ବେଢ଼ା ପରିକ୍ରମା କରନ୍ତି । ବିରଜା

ଦେବୀଙ୍କ ରଥର ନାମ ସିଂହଧ୍ୱଜ ଅଟେ । ସିଂହଧ୍ୱଜ ନାମକରଣରେ ଅନେକ କାରଣ ନିହିତ । ଦେବୀ ବିରଜା ଶାରଦୀୟ ଦୁର୍ଗାପୂଜା ସମୟରେ ଷୋଳ ପୂଜା ଅବସରରେ ପନ୍ଦର ଦିନ ଚତୁର୍ଭୂଜା ସିଂହ ବାହିନୀ ଦୁର୍ଗା ରୂପେ ପୂଜା ପାଆନ୍ତି । ମା' ବିରଜାଙ୍କ ବିଗ୍ରହରେ ସିଂହ ସଂକେତ ନଥିଲେ ମଧ୍ୟ ଚଣ୍ଡୀ ମଣ୍ଡପରେ ଏକ ସ୍ୱତନ୍ତ୍ର ସ୍ତମ୍ଭ ଉପରେ ସିଂହ ବିରାଜମାନ କରିଛନ୍ତି । ବର୍ଷର ଅନ୍ୟାନ ପର୍ବରେ ଦେବୀ ବିରଜାଙ୍କୁ ଭୁବନେଶ୍ୱରୀ, ଗାୟତ୍ରୀ ଆଦି ମନ୍ତ୍ରରେ ପୂଜା କରାଯାଏ । ଦେବୀଙ୍କ ରଥରେ ଦୁଇଟି ସିଂହ ସଂଯୁକ୍ତ ହୁଅନ୍ତି । ଶ୍ରୀବିରଜା ଦେବୀଙ୍କ ରଥ ନିର୍ମାଣ ଓ ଅଳଂକରଣ ଇତ୍ୟାଦି ବିଷୟ ଭବିଷ୍ୟ ପୁରାଣ, ଦେବୀ ପୁରାଣ ଓ ଶକ୍ତି ପଲ୍ଲବ ତନ୍ତ୍ର ମତରେ ପୂଜା କରାଯାଏ । ଏହି ଦୁର୍ଲଭ ଗ୍ରନ୍ଥ କଲିକତା ବିଶ୍ୱବିଦ୍ୟାଳୟ, ବାରଣାସୀର ବୀର ଯୋଗ ଚେତନାପୀଠ ଓ ଗୌହାଟୀର ଉମାନନ୍ଦ ପାଠାଗାରରେ ସଂରକ୍ଷିତ ଅଛି । ଭାଦ୍ରବ ଶୁକ୍ଳ ଦ୍ୱାଦଶୀ ସୁନିଆଁରେ ବିରଜା ଦେବୀଙ୍କ ଶାରଦୀୟ ପୂଜାର ଅୟମାରମ୍ଭ ହୁଏ । ସିଂହଧ୍ୱଜ ରଥର ନିର୍ମାଣ ନିମନ୍ତେ ଦେବୀ ବିରଜାଙ୍କ ଆଜ୍ଞାମାଳ ଗ୍ରହଣ ପୂର୍ବକ ଜ୍ୟୋତିଷଙ୍କ ଦ୍ୱାରା ପୂର୍ବ ସୂଚିତ ସ୍ଥାନକୁ ବନଯାଗରେ ପୁରୋଧା, ପୂଜକ ଓ ଅନ୍ୟାନ୍ୟ ସେବାୟତମାନେ ବିଶାଳ ପଟୁଆରରେ ଯାଇ ସେଠାରେ ଥିବା ବିଲ୍ୱବୃକ୍ଷକୁ ଯଥା ବିଧି ପୂଜା କରି ଏକ ବିଲ୍ୱଶାଖା ଛେଦନ କରି ଆଣିବା ପରେ ସିଂହଦ୍ୱାର ସମ୍ମୁଖ ରଥ ଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୁଏ । ବିରଜା ଦେବୀଙ୍କ ଏହି ବିଲ୍ୱବୃକ୍ଷ ଆମନ୍ତ୍ରଣ ବିଧିରୁ ମୃଣ୍ମୟ ଦେବୀଙ୍କ ବିଲ୍ୱବରଣ ପରମ୍ପରା ଆସିଥିବାର ବିଶ୍ୱାସ କରାଯାଏ । ଏହାକୁ କିଛି ବିଦ୍ୱାନ ଅକାଳ ବୋଧନ ପୂଜା ବୋଲି ମତ ବ୍ୟକ୍ତ କରନ୍ତି । ଏହି ପରମ୍ପରା ବିରଜା ପୀଠରେ କେବେ ଠାରୁ ଆରମ୍ଭ ହୋଇଛି ଜଣାପଡ଼ିନଥିଲେ ମଧ୍ୟ ମହିଷାମର୍ଦ୍ଦିନୀ ଦୁର୍ଗା ପୂଜା ଗୁପ୍ତଯୁଗରୁ ଆରମ୍ଭ ହୋଇଛି । ଛୋଟ ନାଗପୁର ଅଞ୍ଚଳର ବିନ୍ଧ୍ୟାଞ୍ଚଳରେ ମାର୍କଣ୍ଡେୟ ପୁରାଣ ରଚିତ ହୋଇଥିବାରୁ ସର୍ବପ୍ରଥମେ ବିନ୍ଧ୍ୟାଞ୍ଚଳରେ ଦୁର୍ଗାପୂଜା ହୋଇଥିବାର ବିଦ୍ୱାନମାନେ ମତବ୍ୟକ୍ତ କରନ୍ତି । ଏହି ସମୟରେ ବିନ୍ଧ୍ୟବାସିନୀ ବିରଜାଙ୍କ ଠାରେ ଦୂର୍ଗାପୂଜାର ପରମ୍ପରା ପ୍ରଚଳିତ ହୋଇଥିବାର ବିଶ୍ୱାସ କରାଯାଏ । ବିଶ୍ୱକର୍ମାମାନେ ବିରଜାଦେବୀଙ୍କ ସିଂହଧ୍ୱଜରଥ ନିର୍ମାଣ କାର୍ଯ୍ୟ ଆରମ୍ଭ କରନ୍ତି । ତତ୍‌କାଳୀନ ସମୟରେ ରଥ ନିର୍ମାଣ ନିମନ୍ତେ ରାଜାଙ୍କ ଦ୍ୱାରା ଯେଉଁ ସେବକମାନେ ନିଯୁକ୍ତି ପାଉଥିଲେ ସେମାନଙ୍କୁ ସପ୍ତ ରଥବୀର କୁହାଯାଉଥିଲା । ସେମାନେ ହେଲେ ଗୁଣାକାର, ରଥକାର, ଲୌହକାର, ଛେଦାକାର, ରୂପକାର, ଚିତ୍ରକାର ଓ ସୂଚୀକାର । ଶିଳ୍ପଶାସ୍ତ୍ର ଅନୁଯାୟୀ ସିଂହଧ୍ୱଜ ରଥର ପ୍ରମୁଖ ଅଙ୍ଗ ଗୁଡ଼ିକୁ ୧୩ ଭାଗରେ ବିଭକ୍ତ କରାଯାଇଅଛି । କିନ୍ତୁ ବର୍ତ୍ତମାନ ନିର୍ମିତ ହେଉଥିବା ବିରଜା ଦେବୀଙ୍କ ସିଂହଧ୍ୱଜରଥର ୩୧ଟି ଅଙ୍ଗ ରହିଛି । ମା' ବିରଜା ଦେବୀଙ୍କ ସିଂହଧ୍ୱଜ ରଥର ଉଚ୍ଚତା ୫୫ ଫୁଟ, ଦୈର୍ଘ୍ୟ ୨୧ ଫୁଟ ୩ଇଞ୍ଚ ଓ ପ୍ରସ୍ଥ ୧୫ ଫୁଟ ୩ ଇଞ୍ଚ ଅଟେ । ସିଂହଧ୍ୱଜ ରଥରେ ୪ ଫୁଟ ୪ ଇଞ୍ଚ ଗୋଲେଇ ଓ ୫ ଫୁଟ ଉଚ୍ଚ ୧୨ ଟି ଚକ ରହିଛି । ୮୯୮ ଖଣ୍ଡ କାଠ ସିଂହଧ୍ୱଜ ରଥ ନିର୍ମାଣରେ ବ୍ୟବହାର କରାଯାଏ । ଏହିରଥର ୬ଟି ଅଖ, ୨୪ଟି ଧାରଣା, ୫୨ ଟି ଖୁଣ୍ଟ, ୧୬ ଟି ଦାନ୍ତିଆ ଖୁଣ୍ଟ, ୪ ଟି ସୁନା ଖୁଣ୍ଟ ଅଛି । ଏହି ରଥ ୧୩ ଥାକ ବିଶିଷ୍ଟ । ରଥର ପରିଧି ୨୫୨ ଆଙ୍ଗୁଳି ଓ ଚକର ୮ ଟି ଅର ରହିଛି । କୃଷ୍ଣ, ଲୋହିତ ଓ ଶ୍ୱେତ ବର୍ଣ୍ଣର କପଡାରେ ସୁସଜ୍ଜିତ ସିଂହଧ୍ୱଜ ରଥ ଅତୀବ ଆକର୍ଷଣୀୟ ଓ ସୁନ୍ଦର ଦେଖାଯାଏ । ତନ୍ତ୍ର ବିଶାରଦମାନଙ୍କ ମତରେ ଦେବୀ ବିରଜା ମୂଖ୍ୟ ତାନ୍ତ୍ରିକ ଦେବୀ ହୋଇଥିବାରୁ ତାଙ୍କ ରଥଚକ୍ରରେ ଦ୍ୱାଦଶ ଦେବୀ ଅଧିଷ୍ଠିତ ଅଛନ୍ତି । ବେଦ୍‌ବିତମାନେ ମତବ୍ୟକ୍ତ କରନ୍ତି ମା' ବିରଜା ବୈଦିକ ଧର୍ମର ପ୍ରତିନିଧିତ୍ୱ କରନ୍ତି । ତେଣୁ ପିତାମହ ବ୍ରହ୍ମା ସ୍ୱୟଂ ଦେବୀଙ୍କ ରଥରେ ବିରାଜମାନ କରନ୍ତି । ଅନ୍ୟ କେତେକ ପଣ୍ଡିତମାନେ ମତବ୍ୟକ୍ତ କରନ୍ତି ଦେବୀ ବିରଜା ଉଭୟ ତନ୍ତ୍ର ଓ ବେଦର ସମନ୍ୱିତ ରୂପ । ଶରତ କାଳରେ ଦେବୀ ବିରଜା ରୁଦ୍ରାଣୀ ରୂପରେ ଶତ୍ରୁ ସଂହାର ନିମନ୍ତେ ରଥାରୂଢ଼ ହେଉଥିବା ସିଂହଧ୍ୱଜ ରଥର ୧୨ ଚକରେ ୧୨ ଟି ତାନ୍ତ୍ରିକ ଦେବୀ ଅବସ୍ଥାନ କରନ୍ତି ବୋଲି କିଛି ପଣ୍ଡିତଗଣ ମତବ୍ୟକ୍ତ କରନ୍ତି । ଆଶ୍ୱିନମାସ ମହାଳୟା ତିଥିରେ ରାତ୍ରରେ ମା' ବିରଜା ଦେବୀଙ୍କ ରଥର ଅଧିବାସ କାର୍ଯ୍ୟ ଆୟୋଜିତ ହୁଏ । ପ୍ରତିଷ୍ଠା ମଣ୍ଡପରେ ହୋମଯଜ୍ଞ ଓ ଦଶଦିଗପାଳ ମାନଙ୍କୁ ବଳି ପ୍ରଦାନ ପରେ ରଥାଧିଷ୍ଠିତ ଦେବତାଙ୍କୁ ଧୂପ, ଦ୍ୱୀପ, ଚନ୍ଦନ ଇତ୍ୟାଦିରେ ବରଣ କରାଯାଏ । ଇନ୍ଦ୍ରଧ୍ୱଜ ଓ ସାରଥି ବ୍ରହ୍ମାଙ୍କ ସହ ଅଧିଷ୍ଠିତ ଦେବତାଙ୍କୁ ପଞ୍ଚମୋଚାର ବିଧିରେ ପୂଜା କରାଯାଇ ଅଧିବାସ ଅନୁଷ୍ଠିତ ହୁଏ । ପରଦିନ ଅର୍ଥାତ୍ ଆଶ୍ୱିନ ଶୁକ୍ଳ ପ୍ରତିପଦ ଦିନ ବିରଜା ଦେବୀଙ୍କ ସିଂହଧ୍ୱଜ ରଥର ପ୍ରତିଷ୍ଠା ଓ ରଥଯାତ୍ରା ଆରମ୍ଭ ହୁଏ । କିନ୍ତୁ ଶକ୍ତିପଲ୍ଲବ ତନ୍ତ୍ରଶାସ୍ତ୍ରରେ ଦେବୀଙ୍କର ଏହି ଶାରଦୀୟ ରଥଯାତ୍ରା ମୂଳାଷ୍ଟମୀରେ ଆୟୋଜିତ ହେବାର ବିଧି ରହିଛି ।

ଭାଦ୍ରବ ଦ୍ୱାଦଶୀ ସୁନିଆଁରେ ଦେବୀଙ୍କ ରଥ ନିର୍ମାଣ ପାଇଁ ବନଯାଗ ଯାତ୍ରା ଆରମ୍ଭ ହୋଇ ରଥ ନିର୍ମାଣର ଶୁଭାରମ୍ଭ କରାଯାଏ । ଆଶ୍ୱିନଶୁକ୍ଲ ପ୍ରତିପଦ ତିଥିରେ ଯଜ୍ଞ ମଣ୍ଡପରେ ରଥ ପ୍ରତିଷ୍ଠା ପରେ ରଥଟଣା ବା ମନ୍ଦିର ପରିକ୍ରମା କରାଯାଏ । ଏହିଦିନ ରଥ ଟଣା ଯିବାର ତାତ୍ପର୍ଯ୍ୟ ଏହିକି ଯେ ଶକ୍ତି ଉପାସନାର ଓ ନବରାତ୍ର ପାଳନର ଏହା ପ୍ରଥମ ଦିବସ ଅଟେ । ତେଣୁ ପ୍ରତିପଦ ଠାରୁ ମହାନବମୀ ପର୍ଯ୍ୟନ୍ତ ନଅଦିନ ନବରାତ୍ରରେ ବିରଜା ଦେବୀଙ୍କ ବିଜେ ପ୍ରତିମାକୁ ରଥାରୁଢ଼ କରାଯାଇ ମନ୍ଦିର ବାହାର ବେଢ଼ା ପରିକ୍ରମା କରାଯାଏ । ବିରଜା ଦେବୀଙ୍କ ଉପଚାର ସିଂହାସନରେ, ଯଜ୍ଞ ମଣ୍ଡପରେ ଓ ରଥ ଉପରେ ସମାପ୍ତ ପରେ ଭକ୍ତମାନେ ଶ୍ରଦ୍ଧା ଓ ଭକ୍ତିର ସହିତ ମା' ଙ୍କ ରଥକୁ ଟାଣି ନିଅନ୍ତି । ବିରଜା ଦେବୀଙ୍କ ଶାରଦୀୟ ରଥଯାତ୍ରା କେବଳ ଯାଜପୁର କି ଓଡିଶାରେ ନୁହେଁ ସମଗ୍ର ଭାରତ ବର୍ଷରେ ପ୍ରସିଦ୍ଧ ଅର୍ଜନ କରିଛି । ଶାରଦୀୟ ଦୁର୍ଗାପୂଜା ସମୟରେ ଓଡିଶାର କୌଣସି ଦେବୀ ପୀଠରେ ଏଭଳି ରଥଯାତ୍ରାର ଦୃଷ୍ଟାନ୍ତ ନାହିଁ । ଭାରତର ଅନ୍ୟ ଦେବୀ ପୀଠ ମାନଙ୍କରେ ନବରାତ୍ର ଅବସରରେ ରଥଯାତ୍ରା ହେଉଥିବା ସମୟରେ ବିରଜା ଦେବୀଙ୍କର ଯାତ୍ରା ସ୍ୱତନ୍ତ୍ର । ଦେବୀ କନ୍ୟା କୁମାରୀ, ଦେବୀ କାମାକ୍ଷା ରଥଯାତ୍ରା ଠାରୁ ବିରଜାଙ୍କ ରଥଯାତ୍ରା ନିଆରା ପରିଚୟ ରଖେ । ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା ପତିତପାବନ ରଥଯାତ୍ରା ନାମରେ କଥିତ ଥିବାବେଳେ ଶ୍ରୀ ବିରଜାଙ୍କ ରଥଯାତ୍ରା ଶତ୍ରୁ ସଂହାର ତଥା ଆସୁରିକ ପ୍ରକୃତିର ବିନାଶ ନିମନ୍ତେ ଅଭିପ୍ରେତ । ବିରଜା ଦେବୀଙ୍କ ରଥର ନାମ ସିଂହଧ୍ୱଜ କିନ୍ତୁ ଦେବୀଙ୍କ ରଥର ଧ୍ୱଜରେ ସିଂହ ପରିବର୍ତ୍ତେ ଗରୁଡ ଅବସ୍ଥାନ କରିଛନ୍ତି । ବ୍ରହ୍ମାଙ୍କ ଯଜ୍ଞରୁ ବିରଜା ଦେବୀ ଆବିର୍ଭାବ ହୋଇଥିବାରୁ ଶିବ ସ୍ୱରୂପ ସିଂହ ଧ୍ୱଜରଥ ବ୍ରହ୍ମା ଦେବୀ ବିରଜାଙ୍କୁ ଅର୍ପଣ କରିଥିଲେ । କୁହାଯାଏ ସିଂହଧ୍ୱଜ ରଥ ସ୍ୱୟଂ ଶିବ, ରଥର ସାରଥି ବ୍ରହ୍ମା ଓ ଅଧିପତି ସ୍ୱୟଂ ବିଷ୍ଣୁ ତେଣୁ ସିଂହଧ୍ୱଜ ରଥ ସମନ୍ୱୟର ପ୍ରତୀକ । ଏହି ରଥର ପାର୍ଶ୍ୱ ଦେବତା ହେଉଛନ୍ତି ନବଗ୍ରହ ଓ ଦଶଦିଗପାଳ । ଏହି ରଥଯାତ୍ରାକୁ ରାଜକୀୟ ବ୍ୟବସ୍ଥା ସହିତ ଜଡିତ ଥିବା କିଛି ଗବେଷକ ମତବ୍ୟକ୍ତ କରୁଥିବା ବେଳେ କିଛି ବିଦ୍ୱାନ ଏହାକୁ ଅତି ମାନବୀୟ ସଭ୍ୟତାର ପରିପ୍ରକାଶ ବୋଲି ମନ୍ତବ୍ୟ ଦିଅନ୍ତି । ଦେବୀ ବିରଜାଙ୍କ ନିକଟରେ ଥିବା ରୌପ୍ୟ ଆଶା ବାଡ଼ିକୁ ମଙ୍ଗଳଧ୍ୱନି, ଶଙ୍ଖ ଘଣ୍ଟାଦି ବାଦ୍ୟ, ସହିତ ଆଲଟ ଚାମ୍ଭର ସେବା ସହିତ ରଥ ଉପରକୁ ଅଣାଯାଏ । ଏହି ରୌପ୍ୟ ବାଡିକୁ ସ୍ତମ୍ଭେଶ୍ୱରୀଙ୍କ ପ୍ରତୀକ ଭାବେ ଗ୍ରହଣ କରାଯାଏ । ଏହାପରେ ବିରଜା ଦେବୀଙ୍କ ବିଜେ ପ୍ରତିମା ପିତ୍ତଳ ମୂର୍ତ୍ତି ରଥାରୁଢ଼ା ହୁଅନ୍ତି । ଜଗନ୍ନାଥଙ୍କର ପହଣ୍ଡି ଭଳି ମା'ଙ୍କର ରଥକୁ ବିଜେ କରିବାର ଦୃଶ୍ୟ ଅତି ମନୋରମ । ରଥରେ ଦୁଇଟି ଦଉଡି ଆଗରେ ଓ ଦୁଇଟି ଦଉଡି ପଛରେ ଥାଏ । ରଥ ଦକ୍ଷିଣ ମୁହାଁ ହୋଇ ଦେବୀଙ୍କର ଦକ୍ଷିଣପଟ ପାଚେ଼ରୀ, ପଶ୍ଚିମପଟ ପାଚେ଼ରୀ ଓ ଉତ୍ତରପଟ ପାଚେ଼ରୀ କଡେ - କଡେ ପୂର୍ବପଟ ସିଂହଦ୍ୱାର ପର୍ଯ୍ୟନ୍ତ ଆସେ । ପ୍ରତିଦିନ ପରିକ୍ରମା ପରେ ଆଶାବାଡି ରଥରୁ ଅବତରଣ କରି ମନ୍ଦିରକୁ ବିଜେ କରାଯାଏ ଏବଂ ଏହାପରେ ମା' ଙ୍କର ନୀତି ଅନୁଷ୍ଠିତ ହୁଏ । କିନ୍ତୁ ବିଜେ ପ୍ରତିମା ନଅଦିନ ପର୍ଯ୍ୟନ୍ତ ରଥ ଉପରେ ରୁହନ୍ତି । ମହାନବମୀର ମହାନିଶାରେ ଦେବୀ ରଥର ଅବତରଣ କରନ୍ତି । ବିମାନରେ ଦେବୀ ବିଜୟଯାତ୍ରା ପାଇଁ ବିଜେ କରନ୍ତି ଲାଖବିନ୍ଧା ପଡିଆକୁ । ଲାଖବିନ୍ଧା ପଡିଆରେ ଏକ ସ୍ୱତନ୍ତ୍ର ମଣ୍ଡପରେ ଉପଚାର କାର୍ଯ୍ୟ ସଂପନ୍ନ ପରେ ଚତୁଃଦିଗକୁ ଦେବୀଙ୍କ ପ୍ରତିନିଧି ଶରସନ୍ଧାନ କରନ୍ତି । ଦେବୀଙ୍କ ଧନୁତୀର କାଠରେ ନିର୍ମିତ ଓ ଏହା ଭଣ୍ଡାର ଘରେ ସୁରକ୍ଷିତ ଥାଏ । ପ୍ରତିବର୍ଷ ଏହିଦିନ ଧନୁତୀରକୁ ପୂଜା କରାଯାଏ । ଲାଖବିନ୍ଧା ପଡିଆକୁ ଦେବୀ ଦୁର୍ଗା ଓ ମହିଷାସୁରର ଯୁଦ୍ଧଭୂମି ବୋଲି ବିବେଚ଼ନା କରାଯାଏ । ଲାଖବିନ୍ଧା ପରେ ଦେବୀଙ୍କ ବିଜେ ପ୍ରତିମା ବିମାନରେ ମନ୍ଦିରକୁ ଫେରି ଆସନ୍ତି । ସିଂହଦ୍ୱାର ଠାରେ ଦେବୀଙ୍କ ବିଜେ ପ୍ରତିମାଙ୍କ ଉପଚାର ପରେ ସିଂହାସନକୁ ବିଜେ କରନ୍ତି ଓ ମନ୍ଦିରର ଦ୍ୱାର ବନ୍ଦ ହୋଇଥାଏ । ଲାଖବିନ୍ଧା ଓ ରଥଯାତ୍ରା ଉତ୍ସବର ପରିସମାପ୍ତି ପରେ ବିରଜା ଦେବୀଙ୍କର ବନଦୁର୍ଗା ଉପାସନାର ଶେଷ ହୁଏ । ବିଶ୍ୱାସ ଅଛି ଦେବୀଙ୍କର ଏହି ରଥଯାତ୍ରାକୁ ଦର୍ଶନ କରିବା ନିମନ୍ତେ ସ୍ୱର୍ଗଲୋକରୁ ଦେବତାମାନେ ଆସିଥାନ୍ତି । ଆଉ ମଧ ବିଶ୍ୱାସ ଅଛି ରଥାରୁଢ଼ ଦେବୀଙ୍କୁ ଦର୍ଶନ କଲେ ପଞ୍ଚ ପାତକରୁ ମୁକ୍ତି ମିଳେ । ବିରଜା ଦେବୀଙ୍କ ରଥଯାତ୍ରା ରେ ଅଂଶ ଗ୍ରହଣ କରିବା ଓ ପିତୃପୁରୁଷଙ୍କୁ ପିଣ୍ଡଦାନ ନିମନ୍ତେ ବହୁ ସତୀର୍ଥ ବିରଜା କ୍ଷେତ୍ରରେ ଉପସ୍ଥିତ ହୁଅନ୍ତି । ବିଶେଷ କରି ଦକ୍ଷିଣ ଭାରତର ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଓ କର୍ଣ୍ଣାଟକ ଆଦିରାଜ୍ୟରୁ ଶ୍ରଦ୍ଧାଳୁମାନେ ମା'ଙ୍କ ଆଶୀର୍ବାଦ ଲାଭ କରିବା ନିମନ୍ତେ ଏଠାକୁ ଆଗମନ କରିଥାନ୍ତି । ବିରଜା ଦେବୀଙ୍କ ପ୍ରାଚ଼ୀନତା ଦୃଷ୍ଟି କୋଣରୁ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ମହାପ୍ରସାଦ ମା'ଙ୍କ ମନ୍ଦିର ପରିସରରେ ଲାଗି କରାଯାଏ ନାହିଁ । ବିରଜା ଦେବୀଙ୍କର ଭବ୍ୟ ଶାରଦୀୟ ରଥଯାତ୍ରା ଏକ ସୁନ୍ଦର ସାଂସ୍କୃତିକ ମହତ୍ୱର ଅବତାରଣ କରିବା ସହିତ ସୁସଂହିତ ଶାକ୍ତ ପରମ୍ପରାକୁ ସୁଦୂରପ୍ରସାରୀ ଓ ଦିଗନ୍ତ ବିସ୍ତାରୀ କରିଥାଏ ।

**ଇତିହାସ ବିଭାଗ**
**ସନାତନ ହରିଚ଼ନ୍ଦନ ମହାବିଦ୍ୟାଳୟ,**
**ମଦନପୁର, ଖୋର୍ଦ୍ଧା-୭୫୨୦୫୪**

# ପ୍ରେମଃ ଏକ ତରଫା

**- ଲକ୍ଷ୍ମଣ କୁମାର ବେହେରା (ଯତି)**

ମୋ ଗାଆଁ ହାଇସ୍କୁଲରେ ମୁଁ ଅଷ୍ଟମ ଶ୍ରେଣୀରେ ନାମ ଲେଖାଇ ଥାଏ । ନୂଆ ନୂଆ ପାଠ ପଢ଼ି ଯିବାକୁ ବହୁତ ଭଲ ଲାଗୁଥାଏ । ମୋର ମନେ ଅଛି ପ୍ରାୟ ଛଅ ଦିନ ପରେ ସୋମବାର ଦିନ ତା' ସହ ମୋର ଦେଖା ହେଇଥିଲା । ମୁଁ ସେଦିନ ରେଙ୍ଗାଳବାହାକ ଗ୍ରାମର ଶିବ ମନ୍ଦିରକୁ ଯାଇଥିଲି । ସ୍କୁଲ ଆସିବାକୁ ଟିକିଏ ଡେରି ହେଇଗଲା ବୋଲି ଗଣିତ ସାର୍ ମୋତେ ଜୋର୍‌ରେ ବାଡ଼େଇ ଥିଲେ । ବାଡ଼ି ଭାଙ୍ଗିଗଲା ବୋଲି ବାଡ଼ି ଆଣିବା ପାଇଁ ତପନ୍‌କୁ ଡାକ ଦେଇ କହିଲେ, "ଆରେ ତପନ୍ ପାଞ୍ଚ ଛଅଟା ପିଜୁଳି ବାଡ଼ି ଆଣ୍ ।" ତପନ୍ ଭାଇ ଦଶମ ଶ୍ରେଣୀରେ ପଢୁଥିଲେ । ମୁଁ ତାଙ୍କୁ ଆଗରୁ କେବେ ଦେଖି ନଥିଲି । ସେ ଯେବେ ବାଡ଼ି ଧରି ଆସିଲେ ମୁଁ ମାଡ଼ କଥା ଭାବି ଭାବି ଥରୁଥିଲି । ହେଲେ ସାର୍ ମୋତେ ଆଉ ପିଟି ନଥିଲେ । ସେଦିନ ତପନ ସହ ମୋର ପ୍ରଥମ ଦେଖା ।

ମୁଁ ନିୟମିତ ପାଠ ପଢ଼ିବାକୁ ଗଲି । ଗଧି ଥିଲି । ହେଲେ ତପନ୍‌ର ପ୍ରେମରେ ଏମିତି ପଡ଼ି ଯାଇଥିଲି ଯେ' ସବୁଦିନ ସ୍କୁଲ୍ ଯିବାକୁ ବାଧ୍ୟ ହେଉଥିଲି । ମୋ ନାନି ଆଉ ତପନ୍ ଏକା ଶ୍ରେଣୀରେ ପଢୁଥିବାରୁ ମୁଁ ସବୁଦିନେ ଦଶମ ଶ୍ରେଣୀକୁ ବୁଲିବା ବାହାନାରେ ଯାଇ ତପନ୍‌କୁ ଦେଖୁଥିଲି । ମୋତେ ଭାରି ଖୁସି ଲାଗୁଥିଲା ।

ମୁଁ କେବଳ ତପନ୍ ପାଇଁ ହିଁ ସୁନ୍ଦର ପ୍ରେମ ଚିଠି ଲେଖୁଥିଲି ଆଉ ତପନ୍ ବସୁଥିବା ବେଞ୍ଚ୍ ତଳେ କଲେ କଲେ ଚିଠିଟେ ପକେଇ ସବୁଦିନେ ପଳେଇ ଆସୁଥିଲି । ଯାହାକି ମୋ ବଡ଼ ଭଉଣୀ ଜମା ଜାଣିପାରିନି ଆଜିଯାଏଁ । ଚିଠି ମୁଁ ବାମ ହାତରେ ଲେଖିବା ଅଭ୍ୟାସ କରିଥିଲି, ତେଣୁ; କେହି ବି ଜାଣି ପାରୁ ନଥିଲେ ଯେ' ଚିଠି ସବୁ କିଏ ଲେଖୁଛି ବୋଲି । ଦିନେ ତ ଚିଠି ସହିତ ସମସ୍ତଙ୍କର ହସ୍ତାକ୍ଷର ମିଶାଇଲେ । ଯାହା ହେଉ ବାମ ହାତରେ ଲେଖିଥିଲି ବୋଲି ବଞ୍ଚି ଯାଇଥିଲି ସେଦିନ । ମୁଁ ଭାରି ଦୁଷ୍ଟ ଥିଲି । ତପନ୍‌ର ନାମଟି ସହିତ ଯୋଗ ଚିହ୍ନ କରି ଶୂନ୍ୟସ୍ଥାନ ଛାଡ଼ି ଦେଉଥିଲି । ସାର୍ ମାନେ ତପନ୍‌କୁ କହନ୍ତି, ତତେ କିଏ ଚିଠି ଲେଖୁଛି ଯେ' ଆଜିଯାଏଁ ଜାଣି ପାରିଲୁ କି ନାହିଁ ? ତପନ୍ ଚୁପ୍‌ଚାପ୍ ଲାଜରେ ଛିଡ଼ା ହେଇ ଶୁଣେ ଆଉ ହସିଦିଏ । ମୁଁ ସେଇ ହସଟିକୁ ଦେଖିବା ପାଇଁ ଅପେକ୍ଷା କରିଥାଏ ସବୁଦିନେ । ସେଥିପାଇଁ ମୁଁ ଗୋଟେ ଦିନ ବି ମିସ୍ କରିନି ଅଷ୍ଟମ ବର୍ଷ । ମୁଁ ଆଜିଯାଏଁ କେବେ ପଦେବି କଥା ହେଇନି । କାରଣ ସେ ମୋର ନାନୀର ସହପାଠୀ ନା ସେଥିପାଇଁ ।

ମୁଁ +୨ ବେଳେ ଅନେକ ଥର ଚିଠି ଦେଇଛି ତପନ୍‌କୁ ହେଲେ କେବେ ଉତ୍ତର ଆସିନି ସେପଟୁ । ମୋର କଲେଜ୍ ଠିକଣା ଥାଏ ହେଲେ ମୋର ନାମ ମୁଁ ଜାଣି କି ଦେଇ ନଥାଏ ।

ଆଜି ମୁଁ ଗାଆଁରେ ପହଞ୍ଚିଲେ ତପନ୍‌କୁ ଭେଟ କରି ମୋ ପିଲାଦିନ କଥା ଜଣାଇ ଦେବି । ଆଉ ସେଇ ଚିଠି ଦେବା କଥା ବି । ତୋ ସହ କଥା କରେଇ ଦେବି, ଫୋନ୍‌ରେ । ମୁଁ ତପନ୍‌ର ଫେସବୁକ୍ ଫ୍ରେଣ୍ଡ ଅଛି । ଅଳ୍ପ ଦିନ ହେଉଛି । ତତେ ଜଣେଇ ପାରିନି । ଘରୁ ଆସିଲେ ତା'ର ଫୋଟ ଦେଖେଇ ଦେବି । ଯଦି ସେ ମୋର ଭଲ ପାଇବାକୁ ସ୍ୱୀକାର କରେ, ହେଲା । ଏମିତି ଅନେକ କଥା ସେ ତା'ର ବାନ୍ଧବୀ ଅର୍ପିତାକୁ ରେଢ଼ାଖୋଲ ବସ୍ ଷ୍ଟାଣ୍ଡରେ କହୁଥାଏ । ଏତିକି ବେଳେ ହୋତା ବସ୍ ଆସି ପହଞ୍ଚିଲା । ସେ ଯାଇ ଏକ ସିଟ୍‌ରେ ବସି ଅର୍ପିତାକୁ ବିଦାୟ ଦେଲା ।

ମୁଁ ବୌଦ୍ଧ ଜିଲ୍ଲାର ନୀଳଚକ୍ର ସାହିତ୍ୟ ସଂସଦ ତରଫରୁ ଏକ ତ୍ରୈମାସିକ ସାହିତ୍ୟ ପତ୍ରିକା "ବୌଦ୍ଧଚକ୍ର" ଯାହାର ପ୍ରତିଷ୍ଠାତା ମୁଖ୍ୟ ସମ୍ପାଦକ ହେଉଛନ୍ତି ଇଂ.ସଞ୍ଜୟ କୁମାର ପଣ୍ଡା । ଉକ୍ତ ପତ୍ରିକାର ଲୋକାର୍ପଣ ଉତ୍ସବରେ ଯୋଗ ଦେଇ ହୋତା ବସ୍‌ରେ ଫେରୁଥାଏ । ଯେଉଁ ସିଟ୍ ରେ ମୁଁ ବସଥିଲି ଜଣେ ଝିଅ ଆସି ସେ ସିଟ୍‌ରେ ବସିଲା । ମୋତେ ଦେଖି ହସିଦେଲା । ମୁଁ ଈସ୍ପିତ ହସି ଦେଇ ମୁହଁକୁ ତଳକୁ କରି ବସି ରହିଲି । ଟିକିଏ ପରେ ମୋର ଫୋନ୍ ରିଂ ହେଲା । ଦେଖିଲି ମିତା ଫୋନ୍ କରିଛି । କଲ୍ ଉଠାଇ ହେଲୋ କହୁ କହୁ ସେପଟୁ ଶୁଭିଲା-

- ତୁମକୁ ଯେତେ ଥର ଫ୍ରେଣ୍ଡ୍ ରିକ୍ୱେଷ୍ଟ ପଠାଉଛି ଯାଉନି କେମିତି ?

- ପାଞ୍ଚ ହଜାର ବନ୍ଧୁ ହେଇ ଯାଇଛନ୍ତି । ସେଥିପାଇଁ ।

- ଓହୋଃ

- ଫୋର୍ ଜି ଫୋନ୍ ଆଣିଲୁ କି ନୂଆ ।

- ହଁ ପରା । ମୋତେ ଯେମିତି ହେଲେ ଆଡ୍ କର । କାହାକୁ ଜଣକୁ ଅବନ୍ଧୁ କରିଦିଅ ।

- କାହାକୁ ଅବନ୍ଧୁ କରିବି କହ ତ ? ସମସ୍ତେ ତ ମୋର ଲେଖା ପଢ଼ିବା ପାଇଁ ବନ୍ଧୁ ହେଇଛନ୍ତି ।

- ମୁଁ ବୁଝୁଛି, ଯେମିତି ହେଲେ ମୋତେ ଆଡ୍ କର ।

- ହଉ ହଉ ଠିକ୍ ଅଛି ।

ସେଦିନ ଅନେକ ଚିନ୍ତା କଲା ପରେ ନିଷ୍ପତ୍ତି ନେଲି ଜଣକୁ ଯାହାକୁ ହେଲେ ଅବନ୍ଧୁ କରିବି । ମୋ ପାଖ ସିଟ୍‌ରେ ଝିଅଟି ବସି ସବୁ ଚୁପ୍‌ଚାପ୍ ଦେଖୁଥାଏ । ମୋ କଥା ସବୁ ଶୁଣୁଥାଏ ହେଲେ

କିଛି ବି କହୁ ନଥାଏ ।

ମୁଁ ଭାବିଲି ଯିଏ ମୋର ଛବି କିମ୍ବା ଲେଖାକୁ ଲାଇକ୍, କମେଣ୍ଟ କି ସେୟାର କରୁ ନାହାଁନ୍ତି ତା'କୁ ଅବନ୍ଧୁ କରିବି । ଅଧାରୁ ଅଧିକ ବନ୍ଧୁଙ୍କୁ ତ ମୁଁ ଜାଣିନି । ମୋତେ ହେଲେ କିଏ ଜାଣି ଥିବ ଯେ' ? ଏଇ ଭାବି ଜଣକୁ ଅବନ୍ଧୁ କରିବା ପାଇଁ ଅଚିହ୍ନା ଜଣକୁ ଖୋଜିଲି ।

ନାମ ଦେଖୁ ଦେଖୁ ସୁନିତା ପ୍ରଧାନ ନାମଟି ମୋତେ ଅଚିହ୍ନା ଲାଗିଲା । ଦେଖିଲି ନିଜ ଡିପିରେ ଗୋଲାପ ଫୁଲର ଫୋଟ ଅଛି । ଠିକଣା ଦେଇନି । ଛାତ୍ରୀ ବୋଲି ଉଲ୍ଲେଖ କରିଛି । କିଏ କିଏ ମୋର ଚିହ୍ନା ବନ୍ଧୁ ତା'ର ଫେସବୁକ୍‌ରେ ବନ୍ଧୁ ଭାବରେ ଅଛନ୍ତି ଭାବି ଦେଖିଲି, ହେଲେ ମୋ ବ୍ୟତୀତ ତା'ର କେହି ବି ବନ୍ଧୁ ନ ଥିଲେ । ବହୁତ ଆଶ୍ଚର୍ଯ୍ୟ ହେଲି । ଏ ଝିଅ ନା ପୁଅ । ଛଦ୍ମବେଶୀ ଜଣକ କିଏ ? ମୋ କଥା ଶୁଣି ପାଖରେ ବସିଥିବା ଝିଅଟି ମୋତେ କହିଲା–

– ଆଜ୍ଞା, ସୁନିତା ପ୍ରଧାନ କିଏ ?

– ମୁଁ ଜାଣିନି । କେବେ ଫେସବୁକ୍ ବନ୍ଧୁ ହେଲି ତାହା ବି ଜାଣିନି ।

– ଓହୋଃ !!! ତା'କୁ ମେସେଞ୍ଜରରେ ପଚାରୁ ନାହାଁନ୍ତି । ସେ କିଏ ଜାଣି ପାରିବେ ।

– ନା ନା, କାହିଁକି ପଚାରିବି କହିଲେ ? ପୁଅ କି ଝିଅ ହେଇଥିବ । ଯାତ୍ରୁ ସ୍ୟାତ୍ରୁ କହିବ । ଓଲଟା କହିଲେ ମନଟା ଖରାପ ଲାଗିବ ।

– ଅବନ୍ଧୁ କରିବା ଆଗରୁ ଥରୁଟିଏ ହେଲେ ପଚାରନ୍ତୁ ମେସେଞ୍ଜରରେ ।

– ନା, ଥାଉ କହି ତତକ୍ଷଣାତ୍ ସୁନିତା ପ୍ରଧାନଙ୍କୁ ଅବନ୍ଧୁ କରି ମିତା ପ୍ରଧାନଙ୍କୁ ଫ୍ରେଣ୍ଡ ରିକ୍ୟୁଏଷ୍ଟ ପଠାଇଲି । ସେପଟୁ ମିତା ଆସେପ୍ଟ କଲା । ମେସେଞ୍ଜରରେ ଲେଖିଲା,

– ହାୟ...

– ହଁ ମ କୁହ ।

– କାହାକୁ ଅବନ୍ଧୁ କଲ ।

– ସୁନିତା ପ୍ରଧାନଙ୍କୁ ।

– ଓହୋଃ !!! ଜାଣିଛ କି ସେ କିଏ ?

– ନା ମୁଁ ଜାଣିନି, ତୁମେ ଚିହ୍ନିଛ କି !

– ଡିପିରେ ଫୋଟ ଅଛି କି ? ଠିକଣା ଦେଇଛି କି ?

– ନା ନା କେବଳ ଷ୍ଟୁଡେଣ୍ଟ ବୋଲି ଲେଖା ଥିଲା । ଏତେ କଥା କାହିଁ ପଚାରୁଛ କହିଲ ? ମୁଁ ତା'କୁ ଚହ୍ନିନି । ତୁମ ପାଇଁ ଯାହାକୁ ତ ହେଲେ ଅବନ୍ଧୁ କରିଥାନ୍ତି ନା । ହଉ ମୁଁ ବସ୍‌ରେ ଅଛି ଦେବଗଡ଼ ପହଞ୍ଚିଲେ ଫୋନ୍ କରିବି କଥା ହେବା । ମିତାର ସାନ ଭଉଣୀ ସୁନିତା । ଯେଉଁ ସୁନିତାକୁ ମୁଁ ଅବନ୍ଧୁ କଲି ସେ ମୋ ପାଖ ସିଟ୍‌ରେ ବସିଛି । ମୁଁ ତା'କୁ ଜାଣିନି ହେଲେ ସେ ମୋତେ ଜାଣିଛି । ରେଢ଼ାଖୋଲ ଭୀମ ଭୋଇ କଲେଜ୍‌ରେ +୩ କଳା, ଦ୍ୱିତୀୟ ବର୍ଷର ଛାତ୍ରୀ । ସେଦିନ ସେ ଦେବଗଡ଼ ଆସୁଥାଏ । ମୋ ସହ ସେ କଥା ହେବାକୁ ବାରମ୍ବାର ଚାହୁଁଥାଏ, ହେଲେ ମୁଁ ବାରଣ କରୁଥାଏ ।

ମନେ ମନେ ବହୁତ ଖୁସି ହେଉଥାଏ ସୁନିତା । ଆଉ ଭାବୁଥାଏ, "ଯାହା ହେଉ ବହୁତ ଦିନ ପରେ ଦେଖିଲି, ପଦେ କଥା ହେଲି । ଏକା ସିଟ୍‌ରେ ବସିବାର ସୁଯୋଗ ମଧ୍ୟ ପାଇଲି ।" ସେଦିନ ତା'ର ଆନନ୍ଦ କହିଲେ ନସରେ । ଯେବେ ଶୁଣିଲା ମିତା (ତା'ର ବଡ଼ ଭଉଣୀ) ତପନ୍‌କୁ ଫୋନ୍ କରି ଫେସବୁକ୍‌ରେ ବନ୍ଧୁ ହେବା ପାଇଁ ଅନୁରୋଧ କରୁଛି । ସେ ଲୁହ ଛଳ ଛଳ ଆଖିରେ ଝର୍କା ଆରପଟକୁ ଅନାଇଲା । ଆଉ ପବନରେ ତା'ର ପ୍ରତିଟି ଲୁହ ସବୁ ଉଡ଼ିଯାଇ ମିଶି ଯାଉଥାଏ ।

ସୁନିତା ଯେତେବେଳେ ତପନ୍‌କୁ ଦେଖିଲା ସେ ସେତେବେଳେ ଫେସବୁକ୍‌ରେ ବ୍ୟସ୍ତ ଥିଲା । ଶେଷରେ ମୁଁ ଅବନ୍ଧୁ ହେଇଗଲି ସବୁଦିନ ପାଇଁ । ସେ ଦିନ ତପନ୍‌ଙ୍କ ପାଖରେ ମୁଁ ବସିଥିଲି । ମୋ ନାମଟି କେବେ ଥରୁଟିଏ ସେ ପଚାରିଲେ ନାହିଁ । ମୁଁ ମଧ୍ୟ କହି ପାରିଲିନି । ଆଉ କେବେବି ଜୀବନ ବାଟରେ ଦେଖା ହେଲେ କହିବିନି ମୁଁ ସେଇ ସୁନିତା ବୋଲି । ନିରବରେ ଆଉ ବିରହରେ ଭଲ ପାଇବା ବୋଧେ ମୋ ଭାଗ୍ୟରେ ଲେଖା ଅଛି ।

ଏମିତି ଅନେକ କଥା ଭାବୁଥାଏ ସୁନିତା । ଠିକ୍ ଏଇ ସମୟରେ ତା'ର ବଡ଼ ଭଉଣୀ ମିତାର ଫୋନ୍ ଆସିଲା । ସୁନିତା ଫୋନ୍ ବହୁତ କଷ୍ଟରେ ଉଠାଇ ହେଲୋ ବୋଲି କହିଲା,

– ଏ ସୁନିତା, ତୁ ତପନ୍‌ର ଫେସବୁକ୍ ଫ୍ରେଣ୍ଡ କି ?

– ନା ନା ମୁଁ ଜାଣିନି ସେ କିଏ ?

– ଓଃ, ହଉ ହଉ ଠିକ୍ ଅଛି । କେତେ ବାଟ ହେଲୁଣି ?

– ଦେବଗଡ଼ ପହଞ୍ଚିବି ଏଇନା ।

– ମୁଁ ସ୍କୁଟି ଧରିକି ଯାଉଛି ।

– ନାଇଁ ନାନୀ ଥାଉ । ମୁଁ ଟେମ୍ପୁରେ ପଳେଇବି ।

ଫୋନ୍ କଟିଗଲା । ସଙ୍ଗେ ସଙ୍ଗେ ତା'ର ନାନୀ ତପନ୍‌କୁ କଲ କଲା । ସେ ସବୁ ଜାଣୁଥାଏ । ଦୁହେଁ ପରସ୍ପର ସହ ହସି ହସି କଥା ହେଉଥାନ୍ତି ।

ତା'ର ବଡ଼ ଭଉଣୀ ମିତାକୁ ଦେଖିଲେ ଆଜିବି ସେ ତପନ୍ କଥା ମନେ ପକେଇ ସକେଇ ସକେଇ କାନ୍ଦି ଉଠେ । ହେଲେ ହୃଦୟର ବ୍ୟଥା ଭରା ଗୋପନ କଥା ସବୁକୁ କହିବା ପାଇଁ ସାହସ ବାନ୍ଧି ପାରିନି ତା'ର ଭଙ୍ଗା ହୃଦୟରେ । ପିଲା ଦିନର ଭଲ ପାଇବାକୁ ଭୁଲିବା ପାଇଁ ଅନେକ ଚେଷ୍ଟା କରୁଛି । ହେଲେ ପାରୁନି ।

ନିର୍ଦ୍ଦେଶକ, ପ୍ରେମ ସମ୍ରାଟ ପ୍ରକାଶନୀ
ଦଣ୍ଡାସିଂହା, ଦେବଗଡ଼

# ରକ୍ଷିତା

- ରିତାଞ୍ଜଳି ପ୍ରଧାନ

ଅର୍ପର୍ଣ୍ଣା ମୁହଁକୁ ତା'ର ବାରବାର ଧୋଇ ହେଲା । ସତେ ଯେମିତି ସେ ମୁହଁରେ ଲେସି ହେଇଯାଇଛି ନଈ ପୋଖରୀର ନୁହେଁ ନାଳିଆର ପଙ୍କିଳ କାଦୁଅ ମେଞ୍ଚାଏ । ଯେଉଁଥିରେ କେବେ ପଦ୍ମ ତ ଫୁଟେନି ହେଲେ ସାଲୁବାଲୁ ହୁଅନ୍ତି ଯେତେ ସବୁ ଜୀବାଣୁ ଅକ୍ଳେଶରେ । ବାର ବାର ସାବୁନ୍‌ରେ ମୁହଁ ଧୋଇଲାବେଳେ ଆଖିର ଲୁହ ବି ପାଣିର କାମ କରୁଥିଲା । ଦି ଦିଟା ଟ୍ୟାପ୍ ଯେମିତି ଲାଗିଥିଲା ତା' ମୁହଁରେ । ଅନର୍ଗଳ କୋହ....କୋହର ବାଦଲ୍ ଫଟା ବର୍ଷା ହେଇ ଧସି ପଡୁଥିଲା ତା'ର ଆତ୍ମ ସ୍ୱାଭିମାନ, ଅଭିମାନ, ମାନସମ୍ମାନ ସବୁ ।

କାହାକୁ ସେ ସକାଳ ପାହିଲେ କହିବ ବୀରେନ୍ଦ୍ର ଘର ଛାଡ଼ି ଚାଲି ଯାଇଛନ୍ତି, ପାଖ ଘରର ଯୁବତୀ ସହିତ । ବହୁତ ଦିନରୁ ଶୁଣିଥିଲା , କାହାଣୀ ସେ... । ଅନେକବାର ହୃଦୟଙ୍ଗମ କରିଛି । ବୀରେନ୍ଦ୍ରଙ୍କୁ କଟାକ୍ଷ କରିଛି, ମନ ମାରିଛି କିନ୍ତୁ କିଛି ଲାଭ ହେଇନି । କାରଣଟା ସେ ଝିଅ ଥିଲା ନବଯୌବନା, ଗୋରୀ ସୁନ୍ଦରୀ ଆଉ ଅପର୍ଣ୍ଣା ।

ଯେମିତି ଶରୀର କଳା ହେବାର କାରଣଟା ସେ ନିଜେ ନିଜ ପାଇଁ ଆଣିଛି । ୟାଛଡ଼ା ସମାଜରେ ସେ ପରିଚୟବିହୀନ । ବୀରେନ୍ଦ୍ର ସହ ବିବାହ ପଡ଼ିବା ବେଳଠୁ ସେ କେତେ ଯେ ଦିଅଁ ଦେବତାଙ୍କୁ ମୁଣ୍ଡିଆ ମାରିନଥିଲା । ଭାଗବତଟାକୁ ମୁଖସ୍ତ କରି ଦେଇଥିଲା । ଆଉ ଉପବାସ ସେଇଟା ତ ଈଶ୍ୱରପ୍ରେମ....ସେ କେମିତି ଛାଡ଼ିପାରି ଥାଆନ୍ତା ।

ବୀରେନ୍ଦ୍ର କିନ୍ତୁ ତାକୁ ବିବାହ କରିବାକୁ ରାଜି ହେବାର ମୁଖ୍ୟ କାରଣ ଥିଲା ତା ବାପାର ଆଭିଜାତ୍ୟ । ଖାସ୍ କରି ତାଙ୍କ ପ୍ରାଇଭେଟ୍ ସ୍କୁଲରେ ହେଡ଼ସାର୍‌ଟିଏ ହେବା ପାଇଁ । କାହିଁକିନା ବି.ଇ.ଡ଼ି ପରେ ବି ସେ ବେକାର ଥିଲେ ଆଉ ରୋଜଗାରର ମାଧ୍ୟମ ଥିଲା । ବସ୍ତାରେ ଚାଉଳ ନେଇ ହାଟରେ ବିକ୍ରିକରିବା । ଗାଁରେ କିଏବା ଟିଉସନ୍ ନିଜ ଛୁଆକୁ ଦେଉଥିଲା ଯେ ଟିଉସନ୍‌ରୁ ଗୁଜୁରାଣ କିଛି ମେଣ୍ଟେଇ ପାରିଥାଆନ୍ତେ ! ଏକଥା ଅପର୍ଣ୍ଣା ଜାଣିଥିଲା କିନ୍ତୁ ସେ ଭାବିଥିଲା ପରସ୍ପରର ଅଭାବର ପରିପୁରକ ଦେଖି ସେମାନେ ସୃଷ୍ଟି କରିବେ ଭାବର ରାସ୍ତାଟିଏ । ହଁ ଭାବର ରାସ୍ତା ଯିଏ ଅଭାବର ଅନେକ ଛିନ୍ଦ୍ରର ଗଣ୍ଠିଲିରେ ବନ୍ଧାହେଲେ ବି ଗତିଶୀଳତାକୁ ଗତି ଦିଏ । ମନ ଜିଣିବାର ଅନେକ ପରିଶ୍ରମ କରିଛି ସେ... ଯାହା ଯେମିତି ଚଳି ଯାଉଥିଲା ହେଲେ ସ୍କୁଲଟି ପୂର୍ଣ୍ଣତଃ ଗ୍ରାଣ୍ଟ ପାଇଗଲା ପରେ ବୀରେନ୍ଦ୍ରଙ୍କ ପାଗଳାମୀ କହି ଯାହାକୁ ସେ ଆଡ଼ ଆଖିରେ ଆଡ଼େଇ ଦେଉଥିଲା ଆଜି ତାହା କାଳ ହେଇଗଲା ।

ଛୋଟ ଛୋଟ ଦିଇଟା ଶିଶୁଙ୍କ ମାଆ ସିଏ । ବାର ବର୍ଷର ବିବାହରେ ସେ ବୀରେନ୍ଦ୍ରଙ୍କର ଝିଅଙ୍କ ସହିତ ଯୋଡ଼ି ହେବାକୁ ସ୍ୱାଭାବିକ ପ୍ରବୃତ୍ତି ଭାବେ ନେଇଯାଇଥିଲା । ଝିପ୍‌ଝିପ୍ ବର୍ଷାରେ କୋଉ ଘର ଭାସିଯାଏ । ନାଁ ଦଲକାଏ ପବନରେ ବାତ୍ୟା ଆସେ । ଏମିତି ତ କଥାରେ ଅଛି ଘର କରିଥିଲେ ପଥର ପଡ଼ିଲେ ସହି । ତେଣୁ ସବୁକଥାକୁ ମନରୁ ଝାଡ଼ିଝୁଡ଼ି ଦେଖି ଛୁଆଙ୍କ ଦେଖାଶୁଣାରେ ମନଦେବା ତାର ଗୋଟେ ଅଭ୍ୟାସରେ ପରିଣତ ଦେଖି ଯାଇଥିଲା । ହେଲେ ଆଜି କଥା ଭିନ୍ନ ହୁଏତ କାଲି ତା ପାଇଁ ବୀରେନ୍ଦ୍ର ଜୀବନରେ ଶେଷ ଅଧ୍ୟାୟ । ଆଉ ପିଲା ଦିଇଟା ଏ ଅଧ୍ୟାୟର ମୂକସାକ୍ଷୀ ହୋଇ ରହିଯିବେ ।

ଛୁଆଙ୍କୁ ଦେଖି ଘରକୁ ଚାଲି ଆସିଲା ସେ । କ'ଣ ଆଉ ଉପାୟ ଥିଲା ଗାଁରେ ପଞ୍ଚାୟତ ବସିଲା । ବୀରେନ୍ଦ୍ରଙ୍କୁ ଡକରାରେ ବୀରେନ୍ଦ୍ର କହିଲେ ଅପର୍ଣ୍ଣା ସହ ମୁଁ ରହିବାକୁ ଚାହୁଁନି । ସେ ଯଦି ଛାଡ଼ପତ୍ର ନିଏ ମୁଁ ରାଜି । ଆଉ ଯଦି ସେମିତି ରହେ ପିଲାଙ୍କ ଭରଣ ପୋଷଣ ମୋ ଦାୟିତ୍ୱ ।

ମନେମନେ ହସିଲା ଅର୍ପର୍ଣ୍ଣା । କେବେ ସ୍ୱାମୀଠାରୁ ସ୍ତ୍ରୀର ମର୍ଯ୍ୟାଦା ନପାଇଥିବା ସେ କ'ଣ ବା ଆଶା କରିଥାଆନ୍ତା ବୀରେନ୍ଦ୍ରଠୁ । ଆଉ ବାପଘରେ ଆସି ରହିବାର ମାସକ ଭିତରେ ସେ ଦେଖି ନେଇଛି ଭାଉଜମାନଙ୍କ ପ୍ରୀତି । କାଳେ ଘରେ ବୋଝ ହେଇଯିବ ସେ ସେମାନଙ୍କ ମୁହଁରେ ବାରି ପାରିଛି ସେ । ତେଣୁ ତ ବାର ବାର ଶୁଣେଇବାର ଅଭିନୟରେ ସେ କେତେ ଅପାରଗ ସେମାନେ ବ୍ୟାଖ୍ୟା କରିଛନ୍ତି । କେମିତି ସ୍ୱାମୀକୁ ପଣତରେ ବନ୍ଧାଯାଏ ଶିଖେଇଛନ୍ତି । ଯଦି ବା ସେ ବୀରେନ୍ଦ୍ରଙ୍କର କୌଣସି କାମରେ ପତ୍ନୀର କର୍ତ୍ତବ୍ୟରେ ଅବହେଳା କରିନି । ଖାଇବାକୁ ଠିକ୍ ସମୟରେ ଦେବାଠାରୁ ଆରମ୍ଭକରି ଡ୍ରେସ୍ ଆଇରନ୍ ଆଉ ରାତି ଗୋଡ଼ଘସିବା ପର୍ଯ୍ୟନ୍ତ କର୍ତ୍ତବ୍ୟ ନୁହେଁ ସ୍ନେହରେ ସେ ତୁଲେଇଛି । ଯଦ୍ୟପି ବାପଘରେ ଭାଉଜମାନଙ୍କୁ କେବେ ସେ ଦେଖିନି ଭାଇମାନଙ୍କ ପାଇଁ ଏତେ ସବୁ କାର୍ଯ୍ୟ କରିବା ବରଂ ସେ ଖୁସି ହୁଏ ତା ଭାଇମାନେ ନିଜକାମ ନିଜେ କରନ୍ତି ବୋଲି ।

ହେଲେ ସେ ଜାଣେ ଯେତେ ଯାହା ଗୁଣ ତା ପାଖେ

ସେଇଠି ଏ କାହାଣୀର ତାଲା । ଯାକୁ ଫିଟେଇବାକୁ ସ୍ନେହ, ପ୍ରେମ, ବୁଦ୍ଧିମତା ତଥା ସହନଶୀଳତାର ସବୁ ଚାବି ହାର ମାନିଛି ।

କେତେ ଯେ ପକ୍ଷପାତ ଏ ଜାଗତିକ ଦୁନିଆର ବିଶ୍ଳେଷଣରେ, କଳା ଦେଖି କାଳିଆ ପ୍ରୀୟ ଯେଉଁଠି, କଳା ବାଦଲରେ ମୟୂର ନାଚକୁ ଦେଖିବାକୁ ଉତ୍କଣ୍ଠା ଯେଉଁଠି ପୁଣି ସର୍ବ ଶକ୍ତି ସମ୍ପର୍ଣ୍ଣା କାଳୀଙ୍କୁ କଳାଶାଢ଼ୀରେ ଖାସ୍ ଦିନରେ ମନ୍ତ୍ରଧ୍ୱନିରେ ଆମନ୍ତ୍ରିତ କରାଯାଏ ଯେଉଁଠି, ସବୁଦିନ ପରି କାଲ ସୂର୍ଯ୍ୟ ଧିରଛନ୍ଦରେ ତା' ଆପଣାରେ ପ୍ରବେଶ କଲା । ଯେ ନିୟମର ବ୍ୟତିକ୍ରମ ନୁହେଁ ତେଣୁ ସ୍ୱାଭାବିକ ଘଟଣାଟା ଘଟିବାର ହିଁ ଥିଲା । ହେଲେ ସେଥିରେ ସେ ଆଣିଥିଲା ବାଦଲର ମଳୀନତା । ଫିକା ଫିକା କସରା ଆଲୁଅ ଖରା ଆଉ ଛାଇର ସଙ୍ଗମ, ଯେମିତି ତା ଅଗଣା ପାଇଁ ଖାସ୍ କରି ଆଜିର ସକାଳ ନେଇ ଆସିଥିଲା ନିରସିଆପଣ । ତା ଫୁଲ ବଗିଚାରେ ଆଜି ନା ପ୍ରଜାପତି ନା ଆମ୍ବ ବଉଳର କୋଇଲିର କୁହୁତାନ ଥିଲା । ସବୁ ଯେମିତି ସ୍ତବ୍ଧ ମଳୀନ । ହେଲେ କବାଟକୁ ସେ ଆଘାତ ଦେବା ପୂର୍ବରୁ ବାହାରୁ ଆଘାତ ହେଲା...ଅପା...ଅପା ।

କଥାଟା ତା ହେଲେ ଗାଁଦାଣ୍ଡରେ ପଡ଼ି ହାଟରେ ଗଡ଼ିଲାଣି । ଭଲହେଲା ତାକୁ ତ କାହାକୁ କହିବାକୁ ପଡ଼ିବନି । ଦୀର୍ଘନିଶ୍ୱାସରେ କବାଟ ଖୋଲିଲା ସେ । ଦେଖିଲା ସାନ ଭାଇ ମନୁ । ମନୁର ସ୍ୱର ଥିଲା ରୁକ୍ଷ । ଅପା ...ତୁ କେମିତି କିଛି ଖବର ଦେଇନୁ, ଏତେ ବଡ଼ କାଣ୍ଡ ହେଇଗଲା । ସତ କି ମିଛ ଜାଣିବା ପାଇଁ ମୁଁ ଏକା ନିଶ୍ୱାସରେ ଘରେ କିଛି ନକହି ଚାଲିଆସିଛି । ସେ ଶଳାଟାର ଲୀଳା ରଙ୍ଗନେଲା... । ମୁଁ କେତେଥର କହିଛି ତୁ ବିଶ୍ୱାସ କଲୁନି । ଗୋଟେ ନିଶ୍ୱାସରେ କହି ଚାଲିଥାଏ ମନୁ ।

ମନୁ ଅପର୍ଣ୍ଣା ଠାରୁ ବୟସରେ ୧୨ବର୍ଷ ଛୋଟ ହେଲେ କଥା କହୁଥାଏ ବିଜ୍ଞ ଲୋକଟିଏ ପରି । ଅପର୍ଣ୍ଣା ମନୁକୁ ଆଉ ସିଧା ସିଧା ଚାହିଁପାରିଲାନି । ପଣତରେ ଆଖିକୁ ବନ୍ଦ କରିଦେଲା । କାଳେ ଲୁହଗୁଡ଼ା ତା ମନୁ କୁ ଭସେଇ ନେବ । ଅଯଥା ସୁକ୍ଷ୍ମବନ୍ଧଟିଏ ଦେବାକୁ ଚେଷ୍ଟା କଲା ସେ ।

ଖାଲି ସେତିକି ନୁହେଁ କଳା ଘନ କେଶ ଆଉ କଳା ନୟନର ଡୋଳାର ସୌନ୍ଦର୍ଯ୍ୟରେ ସାହିତ୍ୟ ପର୍ଯ୍ୟନ୍ତ ବିମଣ୍ଡିତ ଯେଉଁ ସଭ୍ୟତାରେ ଏମିତି କି କଳା ଗାଈ କଳା କୁକୁର କଳା ଖୋଇଲି ଏମାନେ ବି ମାନବିକ ଜୀବନଧାରାର ମଧୁରତମ ଅଙ୍ଗ ହେଇ ଯେଉଁଠି ଜୀବନ୍ତ ସେଠି ଏଇ ଖାସ୍ ସ୍ଥାନ ପାଇଥିବା କଳା ରଙ୍ଗଟି କିନ୍ତୁ ନିଜ ଓଜନ ହରାଏ ଯେତେବେଳେ ମାନବ ଅଙ୍ଗରେ ସେ ଲେସି ହୋଇଯାଏ । ସେଇ ସଭ୍ୟତାର ଭିନ୍ନ ଏକ ନିରାଟ ସତ୍ୟ ଉପଢ଼ୌକନ ଏ ରଙ୍ଗ । ଅପର୍ଣ୍ଣା ବା ବାଦ ପଡ଼ିବ କେମିତି ଏଥିରୁ । ଏମିତି ଗୋଟେ ଭାବନାରେ ବିଶ୍ଳେଷିତ କରୁଥିବା ମନକୁ ସଂଜତ କରିନେଲା ଅପର୍ଣ୍ଣା । ଆଖି ସାମ୍ନାର ସତ୍ୟକୁ ସ୍ୱୀକାର କଲା ସେ ।

ସେ ବୁଝି ସାରିଥିଲା ତିନି ତିନିଟା ପ୍ରାଣୀଙ୍କ ଭରଣ ପୋଷଣ ପାଇଁ ପିଲାଙ୍କ ଭବିଷ୍ୟତ ପାଇଁ ଏ ଚାଳିଶ ପାଖାପାଖି ବୟସରେ ବା କ'ଣ ସେ କରିପାରିବ । ଆଉ ଛାଡ଼ପତ୍ର ସେ ତ ସଂଖା ସିନ୍ଦୁର ଛାଡ଼ିବାର ପତ୍ର । ତା ପାଇଁ ଦାଣ୍ଡ ଘାଟରେ ଚାଲିବା ହେଇଯିବ ବଡ଼ ପ୍ରଶ୍ନବାଚୀ । ବାପଘରେ ଟାହିଟାପରା ସହି ଅବହେଳିତର ଅନ୍ୟଏକ ଅଧ୍ୟାୟ ସୃଷ୍ଟି କରିବା ଅପେକ୍ଷା ବୀରେନ୍ଦ୍ରଙ୍କ କଥାରେ ରାଜି ହେବା ଠିକ୍ ବୋଲି ଭାବିନେଲା ସେ । ସ୍ୱୀରୁ ରକ୍ଷିତା ହେବାପାଇଁ ଦୀର୍ଘ ନିଶ୍ୱାସରେ ରାଜି ହେଇଗଲା ସେ ।

କହ୍ନେଇ ପୁର,କଟକ


POWER HOUSE

(DISTRIBUTOR)

LUMINOUS, EXIDE, AMCO

MADHUPATNA, SAMRAT HALL, CUTTACK
RAM MANDIR ROAD, PHULBANI
MAIN ROAD, NAYAGARH
MOB. : 94371 24943



# ବୋଉ

**- ସୁଜାତା ସାହୁ**

ଆରେ ତମେମାନେ ଏ ଯାଏଁ ଶୋଇଛ । ସ୍କୁଲ ଯିବନି କି ? ହଇରେ ସୋମୁ । ତୁ ବଡ଼ଟା ହେଇକି ସାନମାନଙ୍କୁ ଆଉ କ'ଣ ଶିଖେଇବୁ ! ତୁ କେତେବେଳେ ଆଉ ଉଠିବୁ ?

ବୋଉ, ଛଅଟା ତ ବାଜିଛି । କାଇଁ ରାଗୁଛୁ ଯେ ?

ଯା ଦେଖିବୁ ଆମ ପଡ଼ିଶାଘର ରାମବାବୁଙ୍କ ଝିଅ ରାତି ୪ଟାରୁ ଉଠିକି ପଢୁଛି ।

ସେ ସୁମି ମରୁନି କାହିଁ କେଜାଣି । ତା ଯୋଗୁଁ ମୋତେ ଗାଳି ଶୁଣିବାକୁ ପଡୁଛି । ସେ ମଲାପରେ ମୋ ବୋଉ ମୋତେ ଶାନ୍ତିରେ ଶୁଆଇଦେବ ଟିକେ । ଆଉ କଥାକଥାରେ ଗାଳି ଶୁଣେଇବନି ।

ଆଜି ସେ ସୁମିକୁ ପାନେ ଦେବି । ସ୍କୁଲ ଗଲାବାଟରେ ଏମିତି ଡରେଇବି ଯେ, ନାଁ ନାଁ ବୋଉକୁ କହିଦେବ । ରାଗ ତମତମ ହେଇ ସୋମୁ ଚୁଡ଼ାଗୁଡ଼ ଖାଇ ପାଠ ପଢ଼ିବାକୁ ବସିଲା । ପାଠପଢ଼ାରେ ମନ ନଥାଏ । ଖାଲଇ ରାଗରେ ଫଁ ଫଁ ହେଉଥାଏ । ଘଣ୍ଟାରେ କେତେବେଳେ ୯ଟା ବାଜିବ ତା'ର ଅପେକ୍ଷା । ସ୍କୁଲ ରାସ୍ତାରେ ଦେଖିଲା ସବୁ ଝିଅମାନେ ଆସୁଛନ୍ତି କିନ୍ତୁ ସୁମି ନାହିଁ । ତା ରାଗ ଶାନ୍ତ ପଡ଼ିଗଲା । ଠିକ୍ ଅଛି । କାଲି ତ ଆସିବ । ଘରକୁ ଆସିଲାପରେ ଜାଣିପାରିଲି ସୁମି ଆଉ ତାଙ୍କ ସ୍କୁଲକୁ ଆସିବନି । ତା ବାପାଙ୍କର ବଦଳି ହୋଇଯାଇଛି । ଓଃ, ଏଥର ଡେରିରେ ଉଠିଲେ ବୋଉ କିଛି କହିବନି । ହେଲେ ମୋ ମନ କାହିଁ ଭାଙ୍ଗିପଡୁଥାଏ । ସ୍କୁଲରୁ ଆସିକି ସୁମି ଓ ମୁଁ କେତେ ଖେଳୁଥିଲୁ । ମୁଁ ଆଉ କାହାସଙ୍ଗେ ଖେଳିବି । ସୁମି ପଳେଇଲେ କିଏ ଆଉ ମୋ ସାଙ୍ଗ ହେବ ।

ସେଦିନ ଶନିବାର ଥିଲା । ସୁମି ଆମ ଘରକୁ ଆସିଥିଲା । ବିଦାୟ ନେବାପାଇଁ । ମୁଁ ଆମ ବାରିରୁ ଆମ୍ବ ତୋଳିକି ଦେଲି । ସୁମି ଖଟା ଖାଇବାକୁ ବହୁତ ଭଲପାଏ । ଗଲାବେଳେ ସୁମି ବହୁତ କାନ୍ଦିଲା ଆଉ କହିଲା ମନଦେଇ ପାଠ ପଢ଼ିବାକୁ । ସୁମି ଗଲାପରେ ମୋ ଭିତରେ ଅଦ୍ଭୁତ ପରିବର୍ତ୍ତନ । ବୋଉ ଏତେ କହୁଥିଲା କିନ୍ତୁ ସୁମି କହିଲା ପରେ ଯେମିତି ମୋ ମନ ମାନିଗଲା । ଆଜିକାଲି ସକାଳୁ ବୋଉ ଡାକିଲେ ଜଲଦି ଉଠିପଡ଼େ । ବସିକି ପାଠପଢ଼େ । ବୋଉ ତା ଭିତରେ ଗୋବର ପାଣି ପକେଇ ଘରବାଡ଼ି ସବୁ ପରିଷ୍କାର ପରିଚ୍ଛନ୍ନ କରିଦିଏ । ରାତିର ଅଇଁଠା ବାସନସବୁ ଗଡ଼ିଆରେ ଧୋଇଆସେ । ଏତେ ଜଲଦି ଗାଧୋଇକି ଆସେ । ଆମ ସମସ୍ତଙ୍କୁ ଦାନ୍ତ ଘଷେଇବାକୁ ଦେଇ ଜଳଖିଆ ତିଆରି କରେ । କୋଉଦିନ ଫେଡ଼ାଣ, ଆଉ ପଣଇକିଆ ରୋଷେଇଘରେ ଥାଇ ପଚାରୁଥିବ । ତା ପୂର୍ବରୁ ଚିଲ ଭଳି ଆମ ପାଖରୁ ବହି ଝାମ୍ପି ନେଇଯାଇଥିବ । କେତେ ମାଡ଼ ଖାଇଛି ସେ ପଣିକିଆ ପାଇଁ । ଭାବେ ଏଗୁଡ଼ାକ ଘୋଷିବା କ'ଣ ଦରକାର । ତାପରେ ପୁଣଇ ଙ୍କ, ଞ । ମାଙ୍କଡ଼ ଖାଏ କାଙ୍କଡ଼ କଷି । ବାଙ୍କ ବାବୁଙ୍କ ବାଡ଼ିରେ ପଶି । ସେଇ ମାଙ୍କଡଟା କ'ଣ ଖାଲି ବାଙ୍କବାବୁଙ୍କ ବାଡ଼ିରେ ପଶିଥିଲା । ସେଥିରେ ପୁଣି ସବୁ ଫଳା ଆଉ ମାତ୍ରା । ରେଫ୍ ଆଉ ରଫଳା ଏଗୁଡ଼ାକ କିଏ ମନେରଖିବ । ବୋଉ ସବୁବେଳେ ବୁଝଉଥିଲା ପାଠର ମହତ୍ତ୍ୱ । ତୋ ବାପା ପାଠ ପଢ଼ିଲେନି ବୋଲି ମୂଲିଆ କାମ କରୁଛନ୍ତି । ଆଉ ମୁଁ ରୋଷେଇବାସ । ବାପା ଯାହା ପଇସା ଆଣୁଛନ୍ତି କେବଳ ଖାଇବାପିଇବାରେ ଯାଉଛି । ପୁଅ ତୁ ପାଠ ପଢ଼ିକି ବଡ଼ମଣିଷ ହବୁ ଖାଲି ବଡ଼ମଣିଷ ନୁହେଁ ଭଲମଣିଷ ହେବୁ । ତୋ ଭାଇଭଉଣୀଙ୍କୁ ମଣିଷ କରିବୁ । ଯା ଭିତରେ ମୋର ଶ୍ରେଣୀ ଦଶ ଆଉ ମୋ ସାନଭଉଣୀର ସପ୍ତମ, ଭଉଣୀର ପଞ୍ଚମ । ବୋଉ ସିଧା ସିଧା କହିଦେଇଛି ଯଦି ତୁ ତୋ ସ୍କୁଲରେ ଭଲ ନମ୍ବର ନ ରଖିଛୁ ତାହେଲେ ତୋ ସହ କଥା ହେବିନି । ହଁ ବୋଉର କଥା ମତେ ରଖିବାକୁ ପଡ଼ିବ ନହେଲେ ମୁଁ ବଡ଼ କଲେଜରେ କେମିତି ପଢ଼ିବି । ସବୁ ବିଷୟକୁ ଟିକିନିଖି କରି ପଢ଼ିବାକୁ କହେ । ସବୁ ବିଷୟରେ ବୋଉ ପରୀକ୍ଷା କରାଏ । ବଡ଼ କଲେଜରେ ପଢ଼ିବା ଯେତିକି ଲକ୍ଷ୍ୟ ନଥିଲା ବେଶି କଷ୍ଟ ଥିଲା ଯଦି ମୁଁ ହାରିଯାଏ ମୋ ବୋଉ ହାରିଯିବି ।

ଖାଇସାରି ଆସି ବୋଉ କାନିରେ ହାତ ପୋଛିଲାବେଳେ ଦେଖେ ତା କାନି ଚିରିଯାଇଛି । ବାପାଙ୍କୁ କହୁନୁ ତୋ ପାଇଁ ଲୁଗା ଆଣିଦେବେ । ହଁ ବାପା କାମରୁ ଆସିଲେ କହିବି । ଏବେ ଚିରିଗଲା । ସେଦିନ ମୁଁ ଶୋଇନଥାଏ । ବାପା ଘରକୁ ଆସି ଖାଇବାବେଳେ ବୋଉ କହୁଥାଏ ଆଜି ସୋମୁ ସେ ଚିରାଲୁଗା କଥା ପଚାରୁଥିଲା

। ତମେ ତାକୁ କିଛି କହିନ ତ ପିଲାଙ୍କ ଆଗରେ ଆମ ଅଭାବ କଥା କହିବନି କେବେ ପିଲାଜାଣିଲେ ପାଠ ପଢ଼ିବେନି ଠିକ୍‌ରେ । ସେଦିନ ମତେ ଏତେ କଷ୍ଟ ହେଇଥିଲା ଯେ ଭାବିଲି ଆଉ ପାଠ ପଢ଼ିବନି । ବାପାଙ୍କ ସଙ୍ଗେ ଯାଇ କାମ କରିବ । ହେଲେ ବୋଉ ତ କରିବାକୁ ଦେବନି । ତା ଅପେକ୍ଷା ମୁଁ ମନଦେଇ ପଢ଼ିବି । ତାପରେ ମୋର ଦଶମ ପରୀକ୍ଷା । ପ୍ରକୃତରେ ମୁଁ ପରୀକ୍ଷା ଦଉଥାଏ କି ମୋ ବୋଉ ମୁଁ ଜାଣିପାରୁନି । ବୋଉ ରାତିରୁ ଉଠି ଜଲଦି କାମସାରି ଗାଁ ମନ୍ଦିରରେ ଅଖଣ୍ଡ ବସେଇଥାଏ । ତା ଅଖଣ୍ଡ ଦୀପର ଗୁହରି ହେଉ କି ଅଖଣ୍ଡ ବିଶ୍ୱାସର ଫଳ । ପରୀକ୍ଷାଫଳ ବାହାରିଲା ପରେ ଜାଣିଲି ମୁଁ ୯ ୨ ପ୍ରତିଶତ ରଖି ଆମ ଜିଲ୍ଲାରେ ଟପ୍ପର ହୋଇଛି । ସେଦିନ ମୋ ବୋଉ ମୁହଁରେ ହସ କ'ଣ ଜାଣିପାରିଲି । ବାପା ସେଦିନ ଆଉ କାମକୁ ଗଲେନି । ଚାରିଆଡ଼େ ଚର୍ଚ୍ଚା ଜଣେ ମୂଲିଆର ପୁଅ ଜିଲ୍ଲା ଟପ୍ପର ।

ତାପରେ ବିଜେବି କଲେଜରେ ଯୁକ୍ତ ଦୁଇ । ତା ପରେ ଇଞ୍ଜିନିୟରିଂ । ଏମିତି ଅଭାବରେ ବି ସବୁ ଦୁଃଖ ବୋଉ ସହି ଯାଇଥାଏ । ମାନୁଛି ମୋତେ ବୃତ୍ତି ମିଳୁଥିଲା । ହେଲେ ସେଇ ପଇସାରେ ପାଠପଢ଼ି ଘର ଚଳେଇବା ଅସମ୍ଭବ ହୋଇପଡୁଥିଲା । ସେଥିରେ ପୁଣି ସାନ ଭାଇଭଉଣୀଙ୍କ ପଢ଼ା ଖର୍ଚ୍ଚ । ହେଲେ ବୋଉର ସେଇ ଚିରାପଣତ ମୋତେ ସବୁବେଳେ ଅଣନିଃଶ୍ୱାସୀ କରିଦିଏ । ଠିକ୍‌ରେ ପଢ଼ିଲି କି ନାଇଁ, କୋଉଥିରେ ମାର୍କ କମୁଛି ସେଥିପାଇଁ । ସାଙ୍ଗମାନେ କହନ୍ତି ତୋ ମା ଚାକିରି କରିଛନ୍ତି କି ? ଏତେ ଟିକିନିଖି ଖବର କେମିତି ରଖୁଛନ୍ତି । ସତ କହିବାକୁ ଗଲେ ମୋ ବୋଉ ସପ୍ତମ ପଢ଼ିଚି । ପିଲାଙ୍କୁ କେମିତି ପଢ଼ିବାକୁ ପଡ଼େ ସେ ଜାଣିଛି । ଆଜି ମୁଁ ଯାହାକିଛି ହେଇଛି କେବଳ ମୋ ବୋଉ ପାଇଁ ନୂଆ ଶାଢ଼ୀ ଆଉ ସାନ ଭାଇଭଉଣୀଙ୍କ ପାଇଁ ନୂଆ ଡ୍ରେସ ପଠେଇଥାଏ । ଆଉ ବୋଉ ପାଇଁ ଗୋଟେ ମୋବାଇଲ୍ । ସବୁବେଳେ ଅଫିସରୁ ଆସି ବୋଉ ସହ କଥାହୁଏ ରାତିରେ । ଯୋଉ ଦିନ କାର୍ଯ୍ୟବ୍ୟସ୍ତତାରେ ଫୋନ୍ କରି ନପାରେ ବୋଉ କଲ କରିଦିଏ । ସେଦିନ କାହିଁ ମନଟା ଭାଙ୍ଗିପଡୁଥାଏ । ଯେମିତି ଲାଗୁଥାଏ ବୋଉ ମୋତେ ଡାକୁଛି । ବୋଉ କାହିଁକି ମୋତେ କଲ ବି କରିନି । ଘରକୁ କଲ କଲାପରେ ଜାଣିଲି ବୋଉ ଦେହ ଭଲନାହିଁ । ଅଫିସରେ ଛୁଟି ଆପ୍ଲାଇ କଲି ଛୁଟି ମିଳିଲାନି । ତା ପରଦିନ ଘରକୁ ବାହାରିଲି । ଘରେ ପହଞ୍ଚି ଦେଖେ ବୋଉ ଦେହରୁ ଜ୍ୱର କମୁନି ମେଡ଼ିସିନ ଖାଇକି ବି । ତାପରେ କଟକ ନେଇଆସିଲି । ଡାକ୍ତର ଦେଖିଲାପରେ କହିଲେ ସବୁ ଟେଷ୍ଟ କରିବାକୁ ପଡ଼ିବ । ବୋଉକୁ ସାଲାଇନ୍ ଲାଗିଥାଏ । ବୋଉ ତା ହାତ ବହୁ କଷ୍ଟରେ ମୋ ମୁଣ୍ଡରେ ରଖିଲା । କିନ୍ତୁ କହିଲାବେଳକୁ ଶ୍ୱାସରୁଦ୍ଧ ହେଲା ଭଳି ଲାଗୁଥିଲା । ଆଉ ସଙ୍ଗେ ସଙ୍ଗେ ତା ଆଖିଟା ବନ୍ଦ ହୋଇଗଲା । ମୁଁ ଚିଲେଇ ଥାଏ ଡକ୍ଟର ଡକ୍ଟର । ନର୍ସ ଆସି ଦେଖିଲେ ପଲ୍ସ ଚାଲୁନି । ସେ କିଛି ନକହି ଡାକ୍ତରଙ୍କୁ ଡାକି ଆଣିଲେ । ଡାକ୍ତର କହିଲେ ସରି । କାହିଁକି ହେଲା କେମିତି ହେଲା ପଚାରିବା ପୂର୍ବରୁ ହଠାତ ତଳେ ପଡ଼ିଗଲି । ଚେତା ଫେରିବା ପରେ ବୋଉ ଆଉ ନାହିଁ ।

ପିଲାବେଳେ କଥାଟେ ଶୁଣିଥିଲି ମା ଋଣ କେହି ସୁଝିନାହିଁ ଏଇ ଦୁନିଆରେ । ହେଲେ ମୁଁ ତ ମୋ ମା ଦୁଃଖ ହାରିପାରିଲିନି । ଋଣ ତ ଦୂର କଥା । ଏଇ ଚାକିରି ଆଉ କାହାପାଇଁ କରିବି ଭାବିଲି । ଭାଇ ଭଉଣୀଙ୍କ ପାଇଁ ଚାକିରି ସିନା କଲି ହେଲେ ଅଫିସରୁ ଆସିଲାପରେ କେହି ତା ପଚାରନ୍ତିନି ଆଜି ଖାଇଚି କି ନାହିଁ । କାମ ବ୍ୟସ୍ତରେ ଦେହର ଯତ୍ନ ନଉଚ କି ନାହିଁ । ବୋଉ ସତରେ ତୁ କେମିତି ଅଛୁ, କୋଉଠି ଅଛୁ । ମୁଁ କେମିତି ଅଛି ଟିକେ ମନେପଡୁନି ତୋର । ସତରେ କ'ଣ ଏଇ ଦୁନିଆରେ ମା ବିନା କେହି ମୁହଁ ଦେଖି ପେଟ ଚିହ୍ନିପାରେ । କେତେ ସ୍ୱପ୍ନ ସବୁ ସ୍ୱପ୍ନରେ ରହିଗଲା । ଭାବିଥିଲି ଟିକେ ଭଲରେ ଘରଭଡ଼ା ନେଲେ ବୋଉକୁ ବୁଲେଇବି । ଭଲ ହୋଟେଲରେ ଖୁଆଇବି । ବୋଉ, ତୋର କ'ଣ ମୋ ଉପରେ ଭରସା ହେଲାନି । କେମିତି ତୁ ମତେ ଛାଡ଼ି ଯାଇପାରିଲୁ ।

ଛିମା ଖୋର୍ଦ୍ଧା

# ଅକ୍ଟୋବର ୧୬ର ପବିତ୍ର ରକ୍ଷା ବନ୍ଧନ ଏବଂ ତାର ପ୍ରାସଙ୍ଗିକତା

- ସାଇଶ୍ରୀ ଲୋକନାଥ ପ୍ରସାଦ ସେଠୀ

ଆମ ସଂସ୍କୃତିରେ ଭାଇ ଭଉଣୀର ପବିତ୍ର ତଥା ଅମ୍ଳାନ ସ୍ନେହ ସମ୍ପର୍କକୁ ଶ୍ରଦ୍ଧାର ସହ ପାଳନ କରୁ ଗହ୍ମା ପୁର୍ଣ୍ଣିମା ଅବସରରେ । ଏହି ଦିବସଟିକୁ ମଧ୍ୟ ବଳଦେବଙ୍କର ଜନ୍ମଦିବସ ଭାବେ ପାଳନ କରିଥାଉ । ତେବେ ସାହିତ୍ୟରେ ନୋବେଲ ପୁରସ୍କାର ପାଇଥିବା ମହାନ ସ୍ୱାଧୀନତା ସଂଗ୍ରାମୀ କବି ଗୁରୁ ରବିନ୍ଦ୍ରନାଥ ଟାଗୋର ୧୯୦୫ ମସିହା ଅକ୍ଟୋବର ୧୬ ତାରିଖକୁ ରକ୍ଷା ବନ୍ଧନ ଦିବସ ଭାବେ ଅଭିହିତ କରି ଜାତିଆଣ ବିଭେଦ ଜାତି ହିଂସାର ବିଲୋପ ସାଧନ ପାଇଁ ଯେଉଁ ଆହ୍ୱାନ ଦେଇଥିଲେ ତା'ର ପ୍ରାସଙ୍ଗିକତା ଏବେବି ରହିଛି । ଆସନ୍ତୁ ଜାଣିବା ତାର ଐତିହାସିକ ପଟ୍ଟଭୂମି ।

ଭାରତର ସ୍ୱାଧୀନତା ପୂର୍ବରୁ ଅବିଭକ୍ତ ବଙ୍ଗ ପ୍ରଦେଶ ବର୍ତ୍ତମାନର ପଶ୍ଚିମବଙ୍ଗ । ବାଙ୍ଗଲାଦେଶ, ଓଡ଼ିଶା ଓ ବିହାରକୁ ଅନ୍ତର୍ଭୁକ୍ତ କରୁଥିଲା । ଶାସନଗତ କାରଣ ଅପେକ୍ଷା ବ୍ରିଟିଶ ଉପନିବେଶବାଦୀ ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ଲର୍ଡ କର୍ଜନ ଏହି ବିଶାଳ ଅଂଚଳକୁ ବିଭକ୍ତ କରିବା ପାଇଁ ନିଷ୍ପତ୍ତି ନେଲେ । ଡିସେମ୍ବର ୧୯୦୩ ମସିହାରେ ବଙ୍ଗ ଭଙ୍ଗ ଯୋଜନା ବିଷୟରେ ଲୋକମାନେ ଅବଗତ ହେଲେ । ସେମାନେ ତତ୍କାଳୀନ ବ୍ରିଟିଶ ସରକାରଙ୍କ କୁଚକ୍ରାନ୍ତ ବିଷୟରେ ଜାଣି ଏହାର ଦୃଢ଼ ପ୍ରତିରୋଧ କରିଥିଲେ । ବେଙ୍ଗଲୀ ହୀତବାଦୀ ଏବଂ ସଞ୍ଜିବନୀ ପରି ବିଭିନ୍ନ ସମ୍ବାଦ ପତ୍ର ସରକାରଙ୍କର ଏହି ମନ୍ଦ ଉଦ୍ଦେଶ୍ୟ ବିରୁଦ୍ଧରେ ଦୃଢ଼ ମତ ପ୍ରକାଶ କରିଥିଲେ । କିନ୍ତୁ ଲର୍ଡ଼ କର୍ଜନ ପୂର୍ବ ବଙ୍ଗରେ ଥିବା ମୁସଲମାନ ସମ୍ପ୍ରଦାୟ ଲୋକଙ୍କୁ ତାଙ୍କର ଏହି ଯୋଜନା ସେମାନଙ୍କ ପାଇଁ ବେଶ ଲାଭପ୍ରଦ ବୋଲି ହୃଦୟଙ୍ଗମ କରାଇ ପାରିଥିଲେ । ଅଥଚ ଲର୍ଡ଼ କର୍ଜନଙ୍କର ଏହି ଉଦ୍ୟମ ବ୍ୟର୍ଥଗଲା । ଭାରତୀୟ ଜାତୀୟ କଙ୍ଗ୍ରେସ ଏହାର ୧୯୦୩ ଓ ୧୯୦୪ ମସିହାର ବାର୍ଷିକ ସମ୍ମିଳନୀରେ ଏହି ବିଭକ୍ତିକରଣ ଯୋଜନାର ଦୃଢ଼ ବିରୋଧ କରିଥିଲା । ରାଜା, ନୱାବ ଓ ଜମିଦାରଙ୍କଠାରୁ ଆରମ୍ଭକରି ସାଧାରଣ ଜନତା ପର୍ଯ୍ୟନ୍ତ ବିଭିନ୍ନ ମହଲରେ ବ୍ରିଟିଶ ସରକାରଙ୍କ ଏହି ନିଷ୍ପତ୍ତିକୁ ଘୋର ବିରୋଧ କରିଥିଲେ । ବହୁ ସଙ୍ଗଠନ ମଧ୍ୟ ଏହାର ଦୃଢ଼ ନିନ୍ଦା କରିଥିଲା । ଭାରତରେ ପ୍ରତିଷ୍ଠିତ ବହୁ ଇଂଗାଜୀ ପ୍ରକାଶନ ସଂସ୍ଥା ଯେପରିକି ଷ୍ଟେଟମ୍ୟାନ, ପାୟୋନିଅର, ଇଂଲିଶମ୍ୟାନ ଆଦି ବଙ୍ଗ ଭଙ୍ଗ ଯୋଜନାର ଦୃଢ ନିନ୍ଦା କରିଥିଲେ । ବିଲାତରେ ପ୍ରକାଶିତ ଦୈନିକ ସମ୍ବାଦପତ୍ର ଲଣ୍ଡନ ଟାଇମ୍‌ସ୍ ଓ ମଞ୍ଚେଷ୍ଟାର ଗର୍ଡ଼ିୟାନ ବଙ୍ଗ ଭଙ୍ଗ ଯୋଜନାର ବିରୋଧକରି ଲେଖିଥିଲେ ଯେ ବଙ୍ଗ ପ୍ରଦେଶକୁ ଭାଗଭାଗ କରିବାର କୌଣସି ଯଥାର୍ଥ କାରଣ ନାହିଁ । ତଥାପି ସମସ୍ତ ବିରୋଧ ସତ୍ତ୍ୱେ ୧୯୦୫ ମସିହାରେ ଲର୍ଡ଼ କର୍ଜନଙ୍କ ବଙ୍ଗ ଭଙ୍ଗ ଯୋଜନାକୁ କାର୍ଯ୍ୟକାରୀ କରାଗଲା । ଅନୁମାନ କରାଯାଏ ଯେ ୧୮୯୧ ମସିହାରୁ ଏହି ଯୋଜନାକୁ କାର୍ଯ୍ୟକାରୀ କରିବାପାଇଁ ଚିନ୍ତା କରାଯାଇଥିଲା । ଏହି ଯୋଜନାକୁ ପ୍ରଣୟନ କରିବାର ଦୁଇଟି ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଯାହା ବିଟ୍ରିଶ ସରକାରଙ୍କୁ ସୁହାଇ ଥାନ୍ତା । ପ୍ରଥମତଃ ନୂତନ ପ୍ରଦେଶ ମୁସଲମାନ ବହୁଳ ପ୍ରଦେଶ ହୋଇଯିବ, ଫଳରେ ସେମାନଙ୍କୁ ସଂଗଠିତ କରି ମୁସଲମାନ ମାନଙ୍କ ସ୍ୟାର୍ଥର ଆଢୁଆଳରେ ବିଟ୍ରିଶ ସରକାର ନିଜର ଶାସନ ସୁଦୃଢ କରିପାରିବେ । ଦ୍ୱିତୀୟତଃ ବଙ୍ଗ ପ୍ରଦେଶ ବାସୀ ଓ ବଙ୍ଗଳାଭାଷୀ ଲୋକମାନେ ଏକ ଅଳ୍ପ ସଂକ୍ଷକ ସମୁଦାୟରେ ପରିଣତ ହେବା ଫଳରେ ସେମାନଙ୍କର ଦମ୍ଭ ହ୍ରାସ ପାଇବ । ବିଭାଜନ କରି ରାଜୁତି କରିବାର ଶୈଳୀ ଦ୍ୱାରା ବଙ୍ଗପ୍ରଦେଶରେ ବଢୁଥିବା ଜାତୀୟତା ବାଦ ଶ୍ରୋତକୁ ରୋକାଯାଇ ପାରିବ ବୋଲି ଆକଳନ କରାଯାଇଥିଲା । ଲର୍ଡ଼ କର୍ଜନ ଭାରତକୁ ଏକ ବିଶାଳ ଦେଶ ରୂପେ ସ୍ୱୀକାର କରୁନଥିଲେ । ସେ ସଂଗଠିତ ଏବଂ ଏକକ ଭାରତ ରାଷ୍ଟ୍ର ବିରେଧୀ ଥିଲେ । ଲର୍ଡ଼ କର୍ଜନ ତାଙ୍କର ଏହି ନିଷ୍ପତ୍ତିକୁ ତତ୍କାଳୀନ ଗୃହ ସଚିବ ରିସଲେଙ୍କୁ ଜଣାଇଥିଲେ । ଉଭୟ ଏକମତ ଥିଲେ ଯେ ଏକ ସଂଯୁକ୍ତ ସଂଗଠିତ ବଙ୍ଗପ୍ରଦେଶ ବିଟ୍ରିଶ

ଶାସନ ବିରୋଧରେ ଏକ ଶକ୍ତି ଭାବରେ ଉଭା ହେଉଛି ଏବଂ କଂଗ୍ରେସର ଜାତୀୟତାବାଦୀ ଆନ୍ଦୋଳନ ଏହାର ସୁଫଳ ପାଉଛି । ଲର୍ଡ଼ କର୍ଜନ ମଧ୍ୟ "ବେରାର" କୁ ବମ୍ବେ ପ୍ରଦେଶ ସହ ମିଶ୍ରଣ ଲାଗି ଦିଆଯାଇଥିବା ପ୍ରସ୍ତାବକୁ ବିରୋଧ କରୁଥିଲେ । କାରଣ ତାଙ୍କର ଡରଥିଲା ଯେ ଏକ ସଂଯୁକ୍ତ ମହାରାଷ୍ଟ୍ର ଗଠନ ଦ୍ୱାରା ମରାଠୀ ଜାତି ଶକ୍ତିଶାଳୀ ହୋଇ ଯାଇ ପାରନ୍ତି । ସେହି ଏକା ମାନସିକତା ନେଇ ସେ ବଙ୍ଗ ପ୍ରଦେଶ ବିଭାଜନ କରିବାକୁ ଯୋଜନା କରିଥିଲେ । କାରଣ ସେ ବିଶ୍ୱାସ କରୁଥିଲେ ଯେ ବଙ୍ଗ ପ୍ରଦେଶର ସ୍ୱାଧୀନଚେତା ଚିନ୍ତା ନାୟକ ମାନେ ଭାରତୀୟ ରାଜନୀତିରେ ବ୍ୟାପକ ପ୍ରଭାବ ବିସ୍ତାର କରୁଛନ୍ତି । ଏଣୁ ସେ ବଙ୍ଗାଳୀ ଭାଷୀ ହିନ୍ଦୁ ଓ ବଙ୍ଗାଳୀ ଭାଷୀ ମୁସଲମାନ ମାନଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି କରିବାଲାଗି ଏହି ବିଭାଜନ ଯୋଜନାକୁ ପ୍ରଣୟନ କରିଥିଲେ । ବିଟ୍ରିଶ ଶାସକମାନେ ଭାରତୀୟ ଜାତୀୟ ଏକତା ପ୍ରତି ଆତଙ୍କିତ ବୋଧ କରୁଥିଲେ । ଲର୍ଡ଼ ମିଣ୍ଟୋ ଯେ କି ଲର୍ଡ଼ କର୍ଜନଙ୍କ ପରେ ଦାୟିତ୍ୱ ଗ୍ରହଣ କରିଥିଲେ, ସେ ଲର୍ଡ଼ କର୍ଜନ ଯେଉଁ ଭାବରେ ବିଭାଜନ କରିବାକୁ ଯୋଜନା କରିଥିଲେ ସେ ସେପରି ଭାବରେ ତାଙ୍କ ଯୋଜନାକୁ କାର୍ଯ୍ୟକାରୀ କରିନଥିଲେ ମଧ୍ୟ ତାଙ୍କର ବିଭାଜନ ନିଷ୍ପତ୍ତି ସହ ସମ୍ପୂର୍ଣ୍ଣ ସହମତ ଥିଲେ । ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ସମସ୍ତ ବ୍ରିଟିଶ ଶାସକ ବଙ୍ଗ ବିଭାଜନକୁ ଏକ ଗୁରୁତ୍ୱପୂର୍ଣ୍ଣ ଆୟୁଧ ରୂପେ ଗ୍ରହଣ କରିଥିଲେ, ଯାହା ଦ୍ୱାରା ବଙ୍ଗଭାଷୀ ଜାତୀୟତାବାଦକୁ ପରାହତ କରିବା ସହ ସମଗ୍ର ଭାରତର ଜାତୀୟତାବୋଧକୁ କ୍ଷତିଗ୍ରସ୍ତ ଓ ନଷ୍ଟ କରିବାପାଇଁ ସ୍ଥିର କରିଥିଲେ । ଲୋକମାନଙ୍କ ପ୍ରଚଣ୍ଡ ଅସନ୍ତୋଷ ସତ୍ତ୍ୱେ ବଙ୍ଗ ବିଭାଜନ ହେବା ସମ୍ପର୍କରେ ସରକାର ୧୯ ଜୁଲାଇ ୧୯୦୫ରେ ଲୋକମାନଙ୍କୁ ଅବଗତ କରାଇଥିଲେ । ବ୍ରିଟିଶ ସରକାର ତତକାଳୀନ ବଙ୍ଗ ପ୍ରଦେଶର ମାଲଦା, ତ୍ରିପୁରା ରାଜ୍ୟ ଓ ଆସାମ ରାଜ୍ୟକୁ ନେଇ ଏକ ନୂତନ ପ୍ରଦେଶ ଗଠନ କରିବାକୁ ସ୍ଥିର କଲେ । ସେ ପ୍ରଦେଶକୁ ପୂର୍ବ ବଙ୍ଗ ଓ ଆସାମ କୁହାଯିବା ସହ ଢ଼ାକାକୁ ଏହାର ରାଜଧାନୀ ରୂପେ ଗ୍ରହଣ କରାଗଲା ।

ବଙ୍ଗ ଅଧିବାସୀ ମାନଙ୍କ ପାଇଁ ଏହା ଏକ ଶକ୍ତ ଧକ୍କା ଥିଲା । ବଙ୍ଗବାସୀମାନଙ୍କ ମାନସିକତାରେ ଏହା ଏକ ପ୍ରଚଣ୍ଡ ବିଧ୍ୱସ୍ତକାରୀ ବିସ୍ଫୋରଣ ପରି କାମ ଦେଲା । ସେମାନେ ଅପମାନିତ ଅସମ୍ମାନିତ ଅତ୍ୟାଚାରିତ ତଥା ଠକି ହୋଇଥିବା ପରି ଅନୁଭବ କରିଥିଲେ । ଏହିସବୁ ସରକାରୀ ପ୍ରବଂଚନା ବଙ୍ଗଳାଭାଷୀ ଲୋକଙ୍କ ଏକତା ତଥା ଆତ୍ମସଚେତନତା ପ୍ରତି ଏକ ଯୋଜନା ବଦ୍ଧ କୁଠାରଘାତ ଥିଲା । ଏହାକୁ ପ୍ରତ୍ୟେକ ବଙ୍ଗ ବାସୀ ଓ ବଙ୍ଗଭାଷୀ ଘୋର ବିରୋଧ କରିଥିଲେ । ଏହି ବିରୋଧାଭାଷାକୁ ବଙ୍ଗ-ଭଙ୍ଗ ବିରୋଧୀ ଆନ୍ଦୋଳନ ଭାବରେ ନାମିତ କରାଯାଇଅଛି । ଏହି ବଙ୍ଗ-ଭଙ୍ଗ ବିରୋଧୀ ଆନ୍ଦୋଳନ ସ୍ୱଦେଶୀ ଓ ଅସହଯୋଗ ଆନ୍ଦୋଳନକୁ ଏକ ନୂଆ ରୂପ ଦେଇଥିଲା ।

ସଂଜୀବନୀ ନାମକ ଏକ ବଙ୍ଗାଳୀ ସାପ୍ତାହିକ ସମ୍ବାଦପତ୍ର ବଙ୍ଗ ବିଭାଜନ ଯୋଜନାକୁ ପ୍ରତିହତ କରିବା ପାଇଁ ଅସହଯୋଗ ଆନ୍ଦୋଳନକୁ ଏକ ନୂତନ ଅସ୍ତ୍ରଭାବେ ବ୍ୟବହାର କରିବା ପାଇଁ ପ୍ରସ୍ତାବ ଦେଇଥିଲା । ଏଥିଲାଗି ଜୁଲାଇ ୧୩, ୧୯୦୫ ରେ "ବାଗେର ହାଟ" ନାମକ ସ୍ଥାନରେ ଏକ ଜନ ସମାବେଶର ଆୟୋଜନ କରାଯାଇଥିଲା । ପରେ ଏହି ପ୍ରସ୍ତାବଟି ବିଭିନ୍ନ ଜନ ସମାବେଶରେ ସ୍ୱୀକୃତି ଓ ଆଦୃତି ଲାଭ କରିଥିଲା । ଲୋକମାନେ ଏହାର ମହତ୍ୱ ଉପଲବ୍ଧି କରିପାରିଥିଲେ । ଶେଷରେ ୭ ଅଗଷ୍ଟ ୧୯୦୫ରେ କଲିକତାର ଟାଉନ ହଲରେ ଆୟୋଜିତ ଏକ ବିଶାଳ ଜନସମାବେଶରେ ଏହି ନିଷ୍ପତ୍ତି ନିଆଯାଇଥିଲା ଯେ ବଙ୍ଗ ବିଭାଜନ ଯୋଜନାକୁ ପ୍ରତ୍ୟାହାର କରା ନଯିବା ପର୍ଯ୍ୟନ୍ତ ବିଦେଶୀ ଦ୍ରବ୍ୟ କ୍ରୟ ଓ ବ୍ୟବହାର ନିଷେଧ କରାଯିବା ସହ ଅସହଯୋଗ ଆନ୍ଦୋଳନ ଜାରୀ ରଖାଯିବ । କ୍ରମେ ଏହି ଆନ୍ଦୋଳନର ଧାରା ଯୋର୍ ଧରିଲା ଏବଂ ଲୋକାମାନେ ସ୍କୁଲ କଲେଜ ଆଦି ଅନୁଷ୍ଠାନକୁ ବନ୍ଦ ରଖିଲେ । ବିଦେଶୀ ଦ୍ରବ୍ୟକୁ ଅଗ୍ନି ସଂଯୋଗ କରି ଛକମାନଙ୍କରେ ଦାହ କରିଲେ । ଦେଶଭକ୍ତିର ସଙ୍କେତ ପ୍ରତ୍ୟେକ ଜନସାଧାରଣ ନିଜ ଆଚରଣରେ ପ୍ରତିଫଳିତ କରି ବଙ୍ଗ ବିଭାଜନ ବିରୋଧରେ ନିଜର ଦୃଢ଼ ପ୍ରତିରୋଧ ପ୍ରଦର୍ଶନ କରିଥିଲେ । ଲୋକମାନେ ଜାଣିପାରିଥିଲେ ଯେ ଏହି ବିଭାଜନ ମାଧ୍ୟମରେ ବ୍ରିଟିଶ ସରକାର ହିନ୍ଦୁ ଓ ମୁସଲମାନ ମାନଙ୍କ ଭିତରେ ଶତ୍ରୁତା ସୃଷ୍ଟି କରିବାକୁ ଚାହୁଁଛନ୍ତି ।

ଏଣୁ ଯେତେବେଳେ ଅକ୍ଟୋବର ୧୬, ୧୯୦୫ରେ ବଙ୍ଗ ବିଭାଜନ ଯୋଜନାକୁ ରୂପାୟନ କରାଗଲା । ବଙ୍ଗ ପ୍ରଦେଶ ଅଧିବାସୀମାନେ ଏହି ଦିନଟିକୁ ରକ୍ଷା ବନ୍ଧନ ଦିବସ ଭାବେ ପାଳନ କରିଥିଲେ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସେମାନେ ପରସ୍ପର ହାତରେ ହଳଦିଆ ରଙ୍ଗର ସୁତା ବାନ୍ଧିଥିଲେ, ଯାହାକି ହିନ୍ଦୁ ମୁସଲମାନ ଭାତୃତ୍ୱର ପ୍ରତୀକ ଭାବେ ପରିଗଣିତ ହୋଇଥିଲା । ଏହି ନୂତନ ଚିନ୍ତାଧାରାର ଅଭ୍ୟୁଦୟ କରାଇଥିଲେ ଶ୍ରୀ ରବିନ୍ଦ୍ରନାଥ ଟାଗୋର । ଏହା ସହିତ ସେ ବଙ୍ଗ ବିଭାଜନ ଉପରେ ଅନେକ ଦେଶାତ୍ମବୋଧକ ଲଳିତ ପଦାବଳୀ ରଚନା କରିଥିଲେ । ଯାହା ବଙ୍ଗଭାଷୀ ମାନଙ୍କ ଏକତ୍ୱକୁ ଦୃଢ଼ୀଭୂତ କରିବା ପାଇଁ ଉଦ୍ଦିଷ୍ଟ ଥିଲା । ଏହି ଦିନ ବଙ୍ଗ ବିଭାଜନ ପ୍ରତିବାଦରେ ସମସ୍ତ ବଜାରଘାଟ ବନ୍ଦ ରଖାଯାଇଥିଲା । ପଥପ୍ରାନ୍ତରେ ବନ୍ଦେ ମାତରମର ଧ୍ୱନି ସୁଭି ଥିଲା । ବ୍ରିଟିଶ ସରକାର ଲର୍ଡ଼ କର୍ଜନଙ୍କ ମାଧ୍ୟମରେ ନୱାବ ସଲିମୁଲ୍ଲାହ ଓ ମୁସଲିମ୍ ଲିଗକୁ ନୂତନ ମୁସଲିମ ରାଷ୍ଟ୍ର ଗଠନର ଲୋଭ ଦେଖାଇ ବଙ୍ଗ ବିଭାଜନ ସପକ୍ଷରେ ସମର୍ଥନ ଲାଭ କରିଥିଲେ । ସରକାର ବନ୍ଦେ ମାତରମ ପତ୍ରିକା ଓ ସଙ୍ଗୀତକୁ ଅସିଦ୍ଧ ଘୋଷଣା କରିବା ସହିତ ଜନ ସମ୍ମିଳନୀ ଗୁଡ଼ିକୁ ଉତ୍ପୀଡ଼କ ବଳ ପ୍ରୟୋଗକରି ଭଣ୍ଡୁର କରିବା ପାଇଁ ଯଥେଷ୍ଟ ଉଦ୍ୟମ କରାଯାଇଥିଲା । ତଥାପି ଏହି ଆନ୍ଦୋଳନ ୧୯୦୭ ମସିହା ପର୍ଯ୍ୟନ୍ତ ଜାରୀ ରହିଥିଲା । କିନ୍ତୁ ୧୯୦୮ ରେ ବେଳକୁ ଏହି ଆନ୍ଦୋଳନ ଶିଥିଳ ପଡ଼ିଯାଇଥିଲା । ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯିବା ସତ୍ୱେ ଏହି ବଙ୍ଗ ବିଭାଜନ ବିରୋଧ ଆନ୍ଦୋଳନ ସ୍ୱତଃ ସ୍ଫୁର୍ତ ଥିଲା । କିନ୍ତୁ ଏହା ସଂଘବଦ୍ଧ ବା ଯୋଜନା ମୁତାବକ କାର୍ଯ୍ୟକାରୀ ହୋଇପାରିନଥିଲା । ତେବେ ଏହା ବିଫଳ ହେବା ସତ୍ୱେ ଏହି ଆନ୍ଦୋଳନର ପ୍ରଭାବ ସୁଦୂର ପ୍ରସାରି ହୋଇପାରିଥିଲା । ଏହା ପ୍ରକାରାନ୍ତରେ ଭାରତୀୟ ଶିଳ୍ପ ଉଦ୍ୟୋଗ ପାଇଁ ଏକ ପ୍ରୋତ୍ସାହନ ରୂପେ କାମ କଲା । ଭାରତରେ ଜାତୀୟ ଶିକ୍ଷାକୁ ମଧ୍ୟ ଏହା ପ୍ରେରଣା ଯୋଗାଇଥିଲା । ଜାତୀୟ ସ୍ତରର ବହୁ ବିଶିଷ୍ଟ କବି ଯେପରିକି ରବିନ୍ଦ୍ରନାଥ ଟାଗୋର. ରଜନିକାନ୍ତ ସେନ, ମୁକୁନ୍ଦ ଦାସ ଆଦି କବିମାନେ ଦେଶାତ୍ୱବୋଧକ ସଂଗୀତ ରଚନା କରିଥିଲେ ।

ତନ୍ମଧ୍ୟରୁ ରବିନ୍ଦ୍ରନାଥ ଟାଗୋରଙ୍କର "ଆମାର ସୋନାର ବାଙ୍ଗ୍ଲା' ଗୀତ ଟି କାଳଜୟୀ ହୋଇ ରହିଅଛି । ଏହି ସମୟରେ ଅରବିନ୍ଦ ଘୋଷଙ୍କର ଅମର ସାହିତ୍ୟ କୃତ ସବୁ "ବନ୍ଦେ ମାତରମ" ପତ୍ରିକାରେ ପ୍ରକାଶିତ ହୋଇଥିଲା । ଆଜି ଯେତେବେଳେ ସାରା ଦେଶରେ ଅସହିଷ୍ଣୁତାର ବାତାବରଣ ସୃଷ୍ଟି କରାଯାଉଛି ଜାତି ଧର୍ମ ଆଧାରରେ ମତଦାତାମାନଙ୍କୁ ନିର୍ବାଚନ ପାଇଁ ପ୍ରଭାବିତ କରିବାକୁ ଚେଷ୍ଟା କରାଯାଉଛି, ଉଦ୍ଦେଶ୍ୟ ପ୍ରଣୋଦିତ ରାଜନୀତିଘୃଣା ଓ ହିଂସା ଆଚରଣ ପାଇଁ ଧର୍ମାନ୍ଧ ଲୋକଙ୍କୁ ଉସକାଉଛି, ସେତେବେଳେ ଅକ୍ଟୋବର ୧୬ର ରକ୍ଷା ବନ୍ଧନ ପାଳନର ପ୍ରାସଙ୍ଗିକତା ଅତ୍ୟନ୍ତ ଅନୁଭୂତ ହେଉଛି । ଯେଉଁ ମହତ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି କବି ଗୁରୁ ରବିନ୍ଦ୍ରନାଥ ଟାଗୋର ଏହି ରକ୍ଷା ବନନ୍ଧର ସଙ୍କେତ ମାଧ୍ୟମରେ ସାରା ଦେଶରେ ଜାତୀୟତାବାଦୀ ଭାତୃ ଚେତନାର ପ୍ରସାର କରାଇଥିଲେ । ଏବେ ମଧ୍ୟ ଏକତା ଓ ଅଖଣ୍ଡ ସମାଜ ପାଇଁ ତାର ଆବଶ୍ୟକତା ରହିଛି । ଏଣୁ ଆସନ୍ତୁ ଆଜି ଏହି ପବିତ୍ର ଓ ମହତ ଉଦ୍ଦେଶ୍ୟକୁ ଆମେ ଭାରତ ବାସୀ ଜାତି, ଧର୍ମ ବର୍ଣ୍ଣ, ସାମାଜିକ ସ୍ଥିତି ଓ ଲିଙ୍ଗ ନିର୍ବିଶେଷରେ ଏହି ପୂଣ୍ୟ ସ୍ୱପ୍ନକୁ ସାକାର କରିବା ପାଇଁ ଉଦ୍ୟମ କରିବା ଏବଂ ଭାରତରେ ଭାତୃଭାବର ପ୍ରସାରିତ ହୃଦୟ ନେଇ ସମସ୍ତଙ୍କୁ ଏହି ରକ୍ଷା ବନ୍ଧନରେ ଆବଦ୍ଧ କରିବା, ଯାହା ଗାନ୍ଧିଜୀଙ୍କ ରାମ ରାଜ୍ୟ ପ୍ରତିଷ୍ଠା କରିବା ସ୍ୱପ୍ନର ଏକ ଶକ୍ତ ଭିତ୍ତି ପ୍ରସ୍ତର ସ୍ଥାପନ କରିବା ।

ମଣ୍ଡଳ ଅଧିକାରୀ ମଣ୍ଡଳ ନଂ - ୩
ରେଙ୍ଗାଲି ଜଳସେଚନ ଯୋଜନା ।

# ଏକ୍ସପାଏରି ଡେଟ୍

ମୂଳ ବଙ୍ଗଳା : ଶୀର୍ଷେନ୍ଦୁ ମୁଖୋପାଧ୍ୟାୟ
ଅନୁବାଦ : ସୁଧାଂଶୁ ଶେଖର ଦ୍ୱିବେଦୀ

ଆପଣ କାଟଉ ମସ୍ତାନର ନାଁ ଶୁଣିଛନ୍ତି ?
କାଟୁ ମସ୍ତାନ । ହଁ ହଁ ଶୁଣିଛି । କ'ଣ ହେଲା କି ?
କାଟୁ ମସ୍ତାନ ମୋ ପୁଅ ।
ତା ମାନେ ଆପଣ କାଟୁ ମସ୍ତାନର ବାପା ?
କାଟୁ ମସ୍ତାନ ଯଦି ମୋ ପୁଅ, ତେବେ ମୋତେ ତା ବାପା ନହେବା ପାଇଁ ଆଉ କଣ ଉପାୟ ଅଛି ଯେ ?
ହଁ ତାହାତ ଠିକ୍ । ହେଲେ ଆପଣଙ୍କୁ ଦେଖି...
ଜାଣପାରୁନାହାନ୍ତି ବୋଧହୁଏ । କଥା କ'ଣ କି ମୁଁ ସେ ଲାଇନର ଲୋକ ନୁହେଁ । ଡାକଘରର ସାଧାରଣ କିରାଣୀ । ବାସ୍ ଆଉ ଗୋଟେ ବର୍ଷ ଚାକିରି ଅଛି । ସୁଖର କଥା ଏହି ଯେ ମୋ ରିଟାୟାର ହେବା ପୂର୍ବରୁ ପୁଅ ନିଜକୁ ସ୍ଥାପିତ କରିପାରିଛି । ଠିକ୍ କଥା । ବିଖ୍ୟାତ ପୁଅର ବାପା ହେବା ମାମୁଲି କଥା ନୁହେଁ । କାଟୁ ମସ୍ତାନର ଆମଦାନି ତ ବହୁତ ବେଶୀ ହେଉଥିବ ? ଗତ ପୂଜାରେ ତା ମାଆକୁ ପାଟଶାଢ଼ି ଦେଇଥିବ । ଭଉଣୀକୁ ଦାମୀ ଏଣ୍ଡ୍ରଏଡ଼ ମୋବାଇଲ ଦେଇଥିଲା । ଆଉ ଆପଣଙ୍କୁ ?

ମୋ ହାତରେ ପାଞ୍ଚହଜାର ଟଙ୍କା ଦେଇ କହିଲା, ତମର ଯାହା ଇଚ୍ଛା କିଣିନେବ । ହେଲେ ମୁଁ ଖୋଲାଖୋଲି ଖର୍ଚ୍ଚ କରିପାରେନି । ସେଥିପାଇଁ ବ୍ୟାଙ୍କରେ ରଖିଦେଇଛି । ଠିକ୍ କରିଛନ୍ତି । ମୁଁ ଶୁଣୁଛି କାଟୁର ପ୍ରସିଦ୍ଧି ଖୁବ୍ ବଢ଼ିଯାଇଛି । ବଢ଼ିବନି । ବେଲେଘାଟ ବ୍ଲାକମେଲ ହରିଣଘାଟା ହତ୍ୟାକାଣ୍ଡ, ହାଓଡ଼ା ହାଓଲା ଆଦି ଅନେକ ପ୍ରକାର କେସ୍ ପାଇଁ ଖବରକାଗଜରେ ତା ନାଁ ବାହାରେ । ଡାଙ୍ଗାଖେଲା ଡକେଇତିରେ ତା ନାଁ ତ ହେଡ୍ ଲାଇନରେ ବାହାରିଥିଲା । ଚମତ୍କାର । ଏଇମିତି କଲେ ତା ନାଁ ଆହୁରି ଉପରକୁ ବଢ଼ିଯିବ । ତେବେ ପୁଅ ସହ ଆପଣଙ୍କର ସଂପର୍କ କେମିତି ଅଛି ? ଖରାପ ନୁହେଁ କିନ୍ତୁ ତା ପାଖରେ ସମୟ ଅଭାବ । ପୁଣି କାମର ଚାପ ବହୁତ ବେଶୀ । ତାକୁ ନିଶ୍ୱାସ ମାରିବାକୁ ଫୁରସତ କାହିଁ । ମାସ ମାସ ଘରଛାଡ଼ି ବାହାରେ ରହୁଛି । ମୋ ସହିତ କି ପରିବାର ସହିତ ଭେଟ ହେବା ଦୁର୍ଲଭ । ଛପି ଛପି କେବେ ଝଡ଼ଭଳି ଆସେ । ଦଶ କି ପନ୍ଦର ମିନିଟ ହୋଇନଥିବ ମିନିଷ୍ଟର ଉଦ୍ୟୋଗପତି କିବା କୌଣସି ଭିଆଇପିଙ୍କ ଫୋନ୍ କଲ ଆସିଲେ ସୁପରଫାଷ୍ଟ ଏକ୍ସପ୍ରେସ୍ ଭଳି ପଳେଇଯାଏ । ହଁ ତାହା ତ ଠିକ୍ । ଲେଖା ପଢ଼ା କରି ଉନ୍ନତି କରିବା ପାଇଁ ଅନେକ ସମୟ ଅତିବାହିତ ହୋଇଯାଏ । ତାଠୁ ଭଲ ଏ ଲାଇନ୍ ଧଡ଼ାଧଡ଼ ଆଗକୁ ବଢ଼ିଚାଲ ।

ଗୋଟେ ମଟର ସାଇକେଲ କିଣିଛି । ଶୁଣିବାକୁ ପାଇଛି କ'ଣ ଗୋଟେ ଦାମୀ ମଟର ଗାଡ଼ି କିଣିବ । କସବାରେ ଫ୍ଲାଟ ବି ବୁକ୍ କରିଛି । କାଟୁର ବୟସ କେତେ ? ଏଇ ଛବିଶରେ ପାଦ ଥୋଇଛି ।
ବାଃ ଛବିଶ ବର୍ଷରେ କେତେ ଉନ୍ନତି କରିସାରିଲାଣି । ପିଲାଟିବେଳୁ ତା ଟେଲେଣ୍ଟ ଜଣାପଡ଼ିଥିଲା । ସେହିଦିନଠୁ ତା ମା କହେ ମୋ ପୁଅ ଅନ୍ୟମାନଙ୍କଠାରୁ ଅଲଗା । ଜନ୍ମଜାତ ପ୍ରଭାବଶାଳୀ । ମା କେମିତି ଜାଣିଲେ ? ପିଲାବେଳେ ସ୍କୁଲକୁ ନେବାପାଇଁ ତାକୁ ଆଦୌ ଟିଫିନ୍ ଦିଆହେଉ ନଥିଲା । କାରଣ ସେ ଅନ୍ୟ ପିଲାଙ୍କଠାରୁ ଟିଫିନ୍ ଛଡ଼େଇ ଖାଇଦିଏ । ଆଉ ପରୀକ୍ଷା ସମୟରେ କୋଉ ଟିଚରର ଏତେ ସାହସ ହେଉ ନଥିଲା ତାଠୁ କପି ଛଡ଼େଇ ଆଣିବ । ମୋତେ ଘର ମାଲିକ ଘର ଛାଡ଼ିଦେବାପାଇଁ ଧମକ ଦେଲା । ପାଣି ବନ୍ଦ କରିଦେଲା । କାଟୁ ଆଉ ସହି ପାରିଲାନି । ମାତ୍ର ୧୬ ବର୍ଷ ବୟସରେ ଲୁହା ରଡ଼ଧରି ଘର ମାଲିକକୁ ଗୋଡ଼େଇ ଗୋଡ଼େଇ ଛାତ ଉପରେ କଚାଡ଼ି ଦେଲା । ଲୋକମାନେ କହିଲେ କାଟୁ ତାକୁ ଧକ୍କା ଦେଇଦେଲା । କିନ୍ତୁ ଅସଲ କଥା ହେଉଛି, ଘର ମାଲିକ ଜୀବନ ବିକଳରେ ଛାତ ତଳକୁ କୁଦି ପଡ଼ିଲା । ସେ କ'ଣ ମରିଗଲେ ? ନା ନା ହାତ ଗୋଡ଼ ଭାଙ୍ଗି ଅପଙ୍ଗ ହେଇ ବିଛଣା ଧରିନେଲେ । ତା ପରଠୁ ଆମ ମଧ୍ୟରେ ନିବିଡ଼ ଘନିଷ୍ଠତା । ଓଃ ତାହେଲେ ଆପଣଙ୍କ ପୁଅର ପ୍ରତିଭା ପିଲାଟି ଦିନରୁ ଜଣାପଡ଼ିଥିଲା । ଟେଲେଣ୍ଟ ଆମାଶୟ ରୋଗ ପରି ବ୍ୟାପିଥାଏ ଅଟକେଇ ହୁଏନି । ଠିକ୍ କହିଛନ୍ତି । ମୋ କଥା ଭାବନ୍ତୁ ମୁଁ ପୋଷ୍ଟାଲରେ ଜଣେ ସାମାନ୍ୟ କିରାଣି । ଲୁଣ ତେଲର ଅଭାବ ସବୁବେଳେ ଲାଗିରହେ । ସେମିତି ଭଲ ପରିଚୟ ବି ନାହିଁ । ତାବୋଲି କଣ ଆତ୍ମ ସମ୍ମାନର ହକ୍ ନାହିଁ । ସେତେବେଳେ ମୁଁ ନୂଆ ନୂଆ କଲୋନୀରେ ଘରଭଡ଼ା ନେଇ ରହୁଥାଏ । କ'ଣ କହିବି ଆଜ୍ଞା !" ଇଜ୍ଜତଦାର ଲୋକମାନେ ମୋତେ କଣ କମ୍ ହଇରାଣ ହରକତ କରିଛନ୍ତି । ଟୋକାମାନେ ମୋ ଆଗରେ

ସିଗାରେଟ ଧୂଆଁ ଫୁଙ୍କିଲେ । ପରିବାବାଲା, ମାଛବାଲା, ଖିରବାଲା କେହି ମୋ କଥା ଶୁଣିଲେନି କି ମୋତେ ମହତ ଦେଲେନି । ଦୁର୍ଗାପୂଜା ଚାନ୍ଦା ୫ ହଜାର ନ ଦେଇପାରିଲେ ଘରୁ ବାହାର କରିଦେବେନି ବୋଲି ଧମକ ଦେଲେ । କାଟୁ ମସ୍ତାନର ବାପାଙ୍କ ଉପରେ ଏଭଳି ଦୁର୍ବ୍ୟବହାର ?

ସେତେବେଳେ ମୁଁ କାଟୁ ମସ୍ତାନର ବାପା କୋଉଠି ହୋଇଥିଲି ? ସେତେବେଳେ ତ ସେ ଛୋଟ ପିଲା । ବଡ଼ହୋଇ ଯୋଗ୍ୟ ହେବାପରେ କଲୋନୀର ସମସ୍ତେ ମୋତେ ଇଜ୍ଜତ ଦେଲେ । ଟୋକାମାନେ ମଉସା, ଦାଦା ବୋଲଇ ଡାକିଲେ । ପର୍ବ ପର୍ବାଣୀରେ ମୋ ଗୋଡ଼ ଛୁଇଁଲେ । ଦୋକାନୀ ଅନ୍ୟ ଗରାଖକୁ ହଟେଇ ମୋତେ ଆଗେ ସଉଦା ଦେଲା । କେବଳ ସେତିକି ନୁହେଁ, କଲୋନୀରେ ନକରୁଲ କି ରବିନ୍ଦ୍ର ଜୟନ୍ତୀ ହେଲେ ମୋତେ ହିଁ ସଭାପତି ପଦରେ ରହିବାକୁ ହେଲା । ତାହେଲେ ତ ଗୋଟେ ପ୍ରକାର କ୍ରାନ୍ତି ସୃଷ୍ଟି ହେଲା । ହଁ କ୍ରାନ୍ତି ନୁହେଁ ତ ଆଉ କ'ଣ ? କେହି ଜଣେ ମହାପୁରୁଷ କହିଥିଲେ ବନ୍ଧୁକ ନଳୀରେ କ୍ରାନ୍ତି ସଫଳ ହୋଇଥାଏ । କାଟୁ ମସ୍ତାନ ପାଖରେ ତ ବନ୍ଧୁକ ଥିବ ? ଆଗରୁ ରଖୁଥିଲା । ଦୁଇ ଚାରିଟା ଲାଶ ଯେପର୍ଯ୍ୟନ୍ତ ହୋଇ ନଥାଏ ସେପର୍ଯ୍ୟନ୍ତ ଏ ଲାଇନରେ ଇଜ୍ଜତ ମିଳେନି । ଆପଣ ହାତୁଡ଼ି ହାରୁ ନାଁ ଶୁଣିଥିବେ । ସତେଇଶଟା ମର୍ଡର ହାତୁଡ଼ି ଦ୍ୱାରା ପିଟିପିଟି କରିଥିଲା । କଲିକତାର ପୂର୍ବାଞ୍ଚଳ ତା ଭୟରେ କମ୍ପୁଥିଲା । କିନ୍ତୁ ଅବଶୋଷ କ'ଣ ଜାଣନ୍ତି ? କଣ ? ଏସବୁ ଗୁଣ୍ଡା ବଦମାସମାନଙ୍କର ଗୋଟେ ଏକ୍ସପାଏରି ଡେଟ୍ ଥାଏ । ଏକ୍ସପାଏରି ଡେଟ୍ ? ହଁ ଦିନେ ବିଷ୍ଣୁବାବୁ କାଟଉକୁ ଡାକି କହିଲେ ହାତୁଡ଼ି ଅଧିକ ଗରମ ହେଇଗଲାଣି । ତାକୁ ଥଣ୍ଡା କରିଦେ । ତାହେଲେ କ'ଣ କାଟୁ ...!

ଆଜ୍ଞା ହାତୁଡ଼ି ହାରୁ କାଟୁର ପ୍ରଥମ ବଇନି । ତାପରେ ରାତାରାତି କାଟୁର ମର୍ଯ୍ୟାଦା କାହିଁରେ କାହିଁ ପହଞ୍ଚିଗଲା । ତାପରେ । ତାପରେ ପରାଣ ସେ କିଏ ? ଜୋକା ଇଲାକାର ଡନ୍ । ଜୁଆଖେଳ ପାଇଁ ବହୁତ ବଡ଼ ଆଡ୍ଡା କରିଥାଏ । ସେଥିପାଇଁ ତା ନାଁ ରଖାଗଲା ପତି ପରାଣ । ଜୋକାକୁ ସ୍ୱାଧୀନ ରାଜ୍ୟ ଘୋଷଣା କରିବାକୁ ଚାହୁଁଥାଏ । ବିଷ୍ଣୁବାବୁଙ୍କ ଦାନାପାଣି ବନ୍ଦ କରିଦେଲା । ପୁଣିଥରେ ବିଷ୍ଣୁବାବୁ କାଟୁକୁ ଡକେଇ କହିଲେ ଏକମାତ୍ର ତୁ ହିଁ ମୋ ଭରଷା, ଯା ପାପାମୋଚନ କରିଦେ । ତାମାନେ ପତି ପରାଣ ବି କାଟୁ ହାତରେ ଖଲାସ ହୋଇଗଲା ?

ମୁଁ ଆଗରୁ କହିଛି, ଏ ଲାଇନରେ କେବେ କାହାର ଏକ୍ସପାଏରି ଡେଟ୍ ଆସିଯାଏ କେହି କହିପାରନ୍ତିନି । ପତି ପରାଣକୁ ମର୍ଡର କରିବା ପରେ କାଟୁର ନାଁ ଏତେ ପ୍ରସିଦ୍ଧ ହୋଇଗଲା ଯେ ଆପଣ କଳ୍ପନା କରିପାରିବେନି । ତେବେ କାଟୁର ଭିକ୍ଟିମ୍ଙ୍କ ସଂଖ୍ୟା କେତେ ହେଲାଣି ?

ସେତେ ଅଧିକ ନୁହେଁ । ଆଜିକାଲି ସେସବୁ କାମ ସେ ଛାଡ଼ିଦେଇଛି । ବନ୍ଧୁକ, ପିସ୍ତଲ ଜମା ଛୁଉଁନାହିଁ । ପିସ୍ତଲ ଏବେ ପଲଟୁ । ସେ କିଏ ? କାଟୁର ଡାହାଣ ହାତ । ନୂଆ ପ୍ରତିଭା । ସବୁ ଅପରେସନରେ ପରିଣତି ପଲଟୁ ସମ୍ଭାଳୁଛି । ତଥାପି ଭଗବାନ ସଭିଙ୍କୁ ନିରଙ୍କୁଶ ସୁଖ ଦିଅନ୍ତିନି । ମାନେ ଫୁଁଟୁ ..ଫୁଁଟୁ ପୁଣି କିଏ ? ମୋ ଝିଅ । ଛୋଟ ଅବସ୍ଥାରୁ କାଟୁଭାଇ ତା ହିରୋ । ଏବେ ତାକୁ ୧୯ ବର୍ଷ ହେଲାଣି । କିନ୍ତୁ ଭାଇର ପ୍ରତିଷ୍ଠା ଯଶ ପ୍ରତିଭାକୁ ଆଦୌ ସହିପାରୁନି । ସଫା ସଫା କହିଲାଣି ଭାଇ ଯଦି ଏକାମ ନଛାଡ଼ିବ ତାହେଲେ ସେ ଘର ଛାଡ଼ିଦେବ । ଥରେ ତ ନିଦଗୁଳି ଖାଇ ଆତ୍ମହତ୍ୟା କରିବାକୁ ପ୍ରୟାସ କରିଥିଲା । ସେ କାଟୁ କାମରେ କ'ଣ ପାଇଁ ସମ୍ମତି ଦେଉନି ? କିଏ ତାର ଜଣେ ପ୍ରେମିକ ତାକୁ କୁହାବୋଲା କରି ମୁଣ୍ଡଟାକୁ ବିଗାଡ଼ି ଦେଇଛି । କାଟୁ ଯାହାସବୁ କରୁଛି ସେଗୁଡ଼ା କୁଆଡ଼େ ଅସାମାଜିକ କାମ । ତାର ଗୋଟିଏ ଜିଦ୍ କୌଣସି ପ୍ରକାରେ ସେସବୁ କାମକୁ ବନ୍ଦ କରିବ । ଆଚ୍ଛା ଆପଣ କୁହନ୍ତୁ ତ କାଟୁକୁ ସମାଜ ବିରୋଧ କହିବା କ'ଣ ଉଚିତ ହେବ ? ବିଲ୍‌କୁଲ ନୁହେଁ । ମହା ବିପତ୍ତିରେ ପଡ଼ିଛି ମୁଁ । ଏ ବିପତ୍ତିରୁ ନିସ୍ତାର ପାଇଁ କାଟୁ ଭଉଣୀର ବାହାଘର କରିଦେବ କହୁଚି । ହେଲେ ତା ବାହାଘରରେ କି ସଂକଟ ଦେଖାଦେଲାଣି । କ'ଣ ପାଇଁ ? ଫୁଁଟୁ ତା ଭାଇର ଚାଲାକି ଧରିନେଲା । ଆଉ ଜମା ବାହା ହେବନି ବୋଲି ସଫା ମନା କରିଦେଲା । ସଂକଟ ଏତେ ପରିମାଣରେ ବଢ଼ିଯାଇଛି ଯେ କାଟୁ ମଧ୍ୟ ଦ୍ୱନ୍ଦରେ ପଡ଼ିଯାଇଛି । ପୁଣି ଫୁଁଟୁ କଥା ମାନି ଏ ଲାଇନ ଛାଡ଼ିଦେବ ବୋଲି କହୁଥିଲା । ତା କଥା ଶୁଣି ଆମ ସ୍ୱାମୀ ସ୍ତ୍ରୀ ଦିଜଣଙ୍କ ମୁଣ୍ଡରେ ବଜ୍ରାଘାତ ହେଲା । ସତରେ କାଟୁ ଯଦି ଏ ଲାଇନ ଛାଡ଼ିଦିଏ, ଆମେ ପୁଣି ପୂର୍ବ ପରି ଅନ୍ଧାରରେ ହଜିଯିବୁ । ମୋ ସ୍ତ୍ରୀ କାଟୁମୁଣ୍ଡରେ ହାତ ବୁଲଉ ବୁଲଉ କହିଲା ବାପାରେ, ସେ ଅଶୁଭ କଥାଗୁଡ଼ା କାହିଁକି କହୁଛୁ ? ଫୁଁଟୁ ନିର୍ବୋଧ, ଛୋଟପିଲା ତା କଥା ମାନି ଏ ଲାଇନ ଛାଡ଼ିଦେବୁ ତ କେମିତି ଚାଲିବ ଆମ ସଂସାର ? କାଟଉ ତା ମା କଥା ମାନିଲା । ଗମ୍ଭୀର ହୋଇ ସେ ଚାଲିଗଲା ସିନା ହେଲେ ମୁଁ ଠିକ୍ ଜାଣିପାରଥିଲି ସେ ତା ମାର ପ୍ରସ୍ତାବକୁ ଠିକ୍‌ଭାବେ ସ୍ୱୀକାର କରିନାହିଁ । ପୁଣି ଦିନେ ଫୁଁଟୁର ଜଣେ ସହୀ କହିଲା କିଏ ଜଣେ ପେଣ୍ଟିଙ୍ଗ ବନଉଥିବା ପିଲା ସହି ଫୁଁଟୁର ରିଲେସନସିପ ହୋଇଯାଇଛି । ସେ ତାକୁ ମେରେଜ କରିବ । ଆମେ ସ୍ୱାମୀ ସ୍ତ୍ରୀ ଭାବିଲୁ ସେହି ଟୋକା ଫୁଁଟୁ ମୁଣ୍ଡରେ ବୁଦ୍ଧି ପୁରେଇଛି । ତାକୁ ଧମକେଇବା ପାଇଁ କାଟୁକୁ ଜଣେଇଲୁ । ସେ କ'ଣ ତାକୁ ଧମକେଇଲା ?

ନା କାଟଉ ତା ଭଉଣୀକୁ ଅତ୍ୟନ୍ତ ସ୍ନେହକରେ । ଆମ କଥା ଶୁଣି କହିଲା ମୋ ଭଉଣୀ ଯଦି କାହାକୁ ଭଲ ପାଉଛି ତାକୁ ଧମକେଇବା ଅଧର୍ମ ହେବ । ତାହେଲେ ଏବେ ଉପାୟ କ'ଣ ? ସେଇ ଉପାୟ ଜାଣିବା ପାଇଁ ତ ଆପଣଙ୍କ ପାଖକୁ ଆସିଛି । ତାହେଲେ କୁହନ୍ତୁ ମୁଁ କେଉଁ ପ୍ରକାର ସାହାଯ୍ୟ କରିପାରିବି ? ଆପଣ ତ ଧନୁ ଭାଙ୍ଗିବା ପାଇଁ ପଣ କରିଛନ୍ତି । କାଟଉ ଯେ ପର୍ଯ୍ୟନ୍ତ ତା ଲାଇନ ନ ଛାଡ଼ିଛି ସେ ପର୍ଯ୍ୟନ୍ତ ଫୁଁଟୁକୁ ବାହାହେବେନି । ଏ ବୁଢ଼ା ବୟସରେ ଅଳ୍ପକିଛି ସୁଖ ଭୋଗିବା ଆରମ୍ଭ ହୋଇଥିଲା ତାହାବି ଆପଣ ଛଡ଼େଇ ନେବାକୁ ଚାହୁଁଛନ୍ତି ? କିନ୍ତୁ ଏକ୍ସପାଏରି ଡେଟ୍ କଥା ଆପଣ ତ ଭଲଭାବେ ଜାଣିଥିବେ ?

ଯୋଗ ଫର ଲାଇଫ୍
କଲକତା ।

# କାଳିଝିଅ ଓ ଫେରିବାଲା

-ସଚ୍ଚିଦାନନ୍ଦ କର

ଗୋଟିଏ ଦୁର୍ଘଟଣା ଘଟିଗଲା ।

ଫେରିବାଲାର ସାଇକେଲକୁ ଧକ୍‌କା ଦେଲା କାଳିଝିଅର ସ୍କୁଟି । ଶୂନ୍‌ଶାନ୍ ରାସ୍ତାରେ ।

ରକ୍ତ ଝରୁଥିଲା- କାଳିଝିଅର ପାଦରୁ । ଫେରିବାଲାର ମୁଣ୍ଡରୁ । ଧୂଳି ଲାଗି ଅସନା ହୋଇଥିଲା ପୋଷାକ-ଉଭୟଙ୍କର ।

ଫେରିବାଲା ଝାଡ଼ିଝୁଡ଼ି ଠିଆହେଲା । ଜିନିଷ ସଜାଡ଼ିଲା ।

କାଳିଝିଅ ବି ଝାଡ଼ିଝୁଡ଼ି ହୋଇ ଉଠିଲା । ଧାଇଁ ଯାଇ ଫେରିବାଲାର ମୁଣ୍ଡରୁ ନିଜ ରୁମାଲରେ ରକ୍ତ ପୋଛିଲା ।

- 'ଗାଡ଼ି ଚଲାଇବା ବେଳେ ଅନ୍ୟମନସ୍କ ହେବା ଠିକ୍ ନୁହେଁ ।' ଫେରିବାଲା କହିଲା ।

- 'ନୂଆ ନୂଆ ସ୍କୁଟି ଚଲାଉଛି । କିଛି ମନେ କରିବନି । ବୋଧହୁଏ ମୋର ଭୁଲ ହୋଇଛି । କାଳିଝିଅ ଦୁଃଖ ପ୍ରକାଶ କଲା ।'

ଜିନିଷ ସଜାଡୁ ଥିଲା ଫେରିବାଲା । ମନକୁମନ କହୁଥିଲା । - 'ଝିଅଟା ସଜ ହୁଏନି ବୋଧେ । ଇସ୍ କି ଅସୁନ୍ଦର ଦିଶୁଛି । ଇଏ କ'ଣ ବୁଝିବ ମୋ ଜିନିଷପତ୍ରର ମୂଲ୍ୟ ।'

- 'ମୋର ଡେରି ହେଲାଣି । ମୁଁ ଆସୁଛି ।' କହିଲା କାଳିଝିଅ । ସ୍କୁଟି ଷ୍ଟାର୍ଟ କଲା । ଚାଲିଗଲା ।

ଫେରିବାଲା ସାଇକେଲରେ ବସିଲା । ଗୋଟିଏ ଗୋଟିଏ ପେଡାଲ ମାରି ଆଗକୁ ଚାଲିଲା ।

ସେଦିନ କଲେଜରୁ ଫେରି ଫେରିବାଲା କଥା ଭାବିବାକୁ ଲାଗିଲା କାଳିଝିଅ । ରାତିରେ ବି ଭାବିଲା । ଅନେକ ରାତି ପର୍ଯ୍ୟନ୍ତ ସେ ଭାବୁଥିଲା ସେଇ ଫେରିବାଲା କଥା । ଆଖିରେ ନିଦ ଆସୁନଥିଲା ।

- 'କେତେ ଭଲ ସେଇ ଫେରିବାଲା । ମନକୁ ମନ କହୁଥିଲା କାଳିଝିଅ । ଫେରିବାଲା ବାଲା ପାଇଁ ବଢୁଥିଲା ତା'ର ସହୃଦୟତା ।

ଫେରିବାଲାକୁ ମନରୁ ଭୁଲି ପାରିନଥିଲା କାଳି ଝିଅ ।

ପ୍ରାୟ ସପ୍ତାହକ ପରେ ଦିନେ ସେ ନିଜ ଘରର ଗେଟ୍ ସାମନାରେ ଶୁଣିପାରିଲା ଫେରିବାଲାର ସ୍ୱର । - 'ସାମ୍ପୋ, ସାବୁନ୍, ସ୍ନୋ, ପାଉଡର, ବିନ୍ଦି, ଅଳତା ରଖିବ ।' ଡାକୁଥିଲା ଫେରିବାଲା ।

ତା' ପାଖକୁ ଧାଇଁ ଆସିଲା କାଳିଝିଅ । ତାକୁ ଚିହ୍ନିପାରିଲା । ହସହସ ହୋଇ ଭିତରକୁ ଡାକିନେଲା । ଦୁର୍ଘଟଣା କଥା ମନେ ପକାଇଲା । ମନଇଚ୍ଛା ସେଦିନ ଫେରିବାଲାଠାରୁ ବହୁତ ଜିନିଷ ରଖିଲା ।

ପ୍ରଥମ କରି ସଜ ହେବା ଜିନିଷ ରଖୁଥିଲା କାଳିଝିଅ ।

- 'ଯେତେ ସଜ ହେବାକୁ କହିଲେ ହୁଏନି । ଆଜି ତା'ର କ'ଣ ମନ ହେଇଛି କେଜାଣି ।' ପାଖରେ ଠିଆ ହୋଇଥିବା କାଳିଝିଅର ମା' କହିଲେ ଓ କଥାଶେଷରେ ମୁର୍କି ମୁର୍କି ହସିଲେ ।

- 'ତୁମର କେତେ ପଇସା ହେଲା ?' ମୁର୍କି ହସି ଫେରିବାଲାକୁ ପଚାରିଲା କାଳିଝିଅ ।

- 'ତୁମେ ଆଗ ସଜ ହୁଅ । କେମିତି ଦିଶୁଛ ମୁଁ ଦେଖେ । ତା'ପରେ ଯାଇ ପଇସା ନେବି । ସବୁ ସପ୍ତାହରେ ମୁଁ ଥରେ ଏଇ ଏରିଆକୁ ଆସିଥାଏ ।' ଫେରିବାଲା କହିଲା । ଫେରିବାଲା ।

ସାମ୍ପୋ, ସାବୁନ୍, ସ୍ନୋ, ପାଉଡ଼ର୍, ଟିକିଲି- ଏସବୁରେ ଏବେ କାଳିଝିଅ ଦିଶୁଥିଲା ଗୋରୀ, ସୁନ୍ଦରୀ । ଆଇନା ଆଗରେ ନିଜକୁ ଦେଖି ନିଜେ ଉତ୍‌ଫୁଲ୍ଲିତ ହେଉଥିଲା । ଫେରିବାଲାକୁ ନିଜକୁ ଦେଖେଇବାକୁ ଚାହୁଁଥିଲା । ଜିନିଷର ଦାମ୍ ଦେବାକୁ ବି ଚାହୁଁଥିଲା ।

ଫେରିବାଲାର ଦେଖା ନଥିଲା ।

ଏବେ ନିଜକୁ ଭଲପାଇବାରେ ଲାଗିଥିଲା କାଳିଝିଅ । ବହୁତ ଭଲପାଉଥିଲା । ଖୁବ୍ ଆତ୍ମବିଶ୍ୱାସ ଆସିଯାଇଥିଲା ତା' ମନରେ ।

ଆସୁନଥିଲା ଫେରିବାଲା ।

ବ୍ୟସ୍ତ ହେଉଥିଲା କାଳିଝିଅ ।

ଦିନେ ପୁଣି ଆସିଲା ଫେରିବାଲା । ତାକୁ ଦେଖି ଖୁସି ହେଲା କାଳିଝିଅ । ପଚାରିଲା- 'ଏତେ ଦିନ ହେଲାଣି ଆସୁନଥିଲ ? ମୋତେ ଭୁଲି ଯାଇଥିଲ ବୋଧେ ?'

ଅଳ୍ପ ହସିଲା ଫେରିବାଲା । ଜିନିଷପତ୍ର ଦେଲାବେଳେ ଧୀରେ କହିଲା- 'ଏବେ ତୁମକୁ ସୁନ୍ଦରୀ ବୋଲି କହିପାରିବି କି ?'

- 'ଆଉ କିଛି କହିପାରିବନି କ'ଣ ?' ଅଳ୍ପ ହସି କହିଲା କାଳିଝିଅ ।

ଫେରିବାଲା ମୁର୍କି ହସିଲା । କାଳିଝିଅକୁ ଚାହିଁଲା । ହେଲେ କିଛି କହିପାରିଲାନି ।

ସଲ୍ଲଜ ଭଙ୍ଗୀରେ ଫେରିବାଲାକୁ ଚାହିଁ ରହିଥିଲା କାଳିଝିଅ ।

ଇଏ ଭୋଟେ ଭଲପାଇବା ଜନ୍ମ ନେବାର ସୂଚନା ।

ହେଲେ କିଏ କାହାକୁ ଭଲ ଲାଗୁଥିଲା ? ? ?

'ନିର୍ମାଲ୍ୟ', ନୂଆପଡ଼ା, ନୟାବଜାର, କଟକ

# ବାପାଙ୍କ ପୁରୁଣା ବାକ୍ସ

- ସୁଶାନ୍ତ କୁମାର ନନ୍ଦ

ହେତୁ ପାଇବା ଆଗରୁ ବୋଉ ଆମର ଆରପୁରକୁ ଟିକଟ କାଟି ସାରିଥିଲା । ଆମ ପାଇଁ ବାପା ଥିଲେ ସବୁ କିଛି । କେବେ ବି ବୋଉର ସ୍ନେହ, ଶ୍ରଦ୍ଧା ଓ ଅନୁପସ୍ଥିତିକୁ କମ୍ ହେବାକୁ ଦେଉ ନଥିଲେ ସେ ଆମକୁ । ପୂର୍ବ ଆକାଶରେ ସୂର୍ଯ୍ୟଦେବ ସୁନାର କିରଣ ବୁଣିଦେବା ଆଗରୁ ସକାଳ ହେଇ ଯାଉଥିଲା ବାପାଙ୍କ ଜୀବନରେ । ଖାସ୍ ଆମକୁ ଦୁନିଆରେ ଶହେ ଜଣରେ ଜଣେ କରି ଠିଆ କରେଇବା ପାଇଁ ନିଜର ସବୁ ସୁଖକୁ ପର କରି ଦେଇଥିଲେ ସେ । ଦିନରାତିକୁ ଏକ କରି ଦୁନିଆ ଦାଣ୍ଡରେ ସମୟ ସହିତ ତାଳ ଦେଇ ଆମକୁ ଆଗକୁ ଆଗେଇ ନେଉଥିଲେ ସେ । କୌଣସି ଥିରେ କେବେ ଊଣା ଅନୁଭବ କରିବାକୁ ଦେଉନଥିଲେ ଆମକୁ । ଚାକିରି ସହିତ ସଂସାର ରଥକୁ ଏକା ଏକା ସୁରୁଖୁରୁରେ ବାହି ନେଉଥିଲେ ସେ । ସେ ସମୟରେ ଆମ ଭାଇ ଭଉଣୀ ଦିଟାଙ୍କ ଟିକେ ଟିକେ ସଫଳତା ଥିଲା ତାଙ୍କ ପାଇଁ ସବୁକିଛି । ଯେଉଁଦିନ ଗୀତା ନାନୀ ମୋର ମେଟ୍ରିକ୍‌ରେ ପ୍ରଥମ ଶ୍ରେଣୀରେ ପାସ୍ କଲା, ସେଦିନ ବାପାଙ୍କ ପାଇଁ ଥିଲା ବହୁତ ବଡ଼ ଖୁସିର ଦିନଟାଏ । ଗାଁ ମନ୍ଦିରରେ ପୂଜା କରିବା ସହିତ ସାହି ସାହି ବୁଲି ନିଜ ହାତରେ ମିଠା ବାଂଟି ଥିଲେ ସେଦିନ ସେ । କିନ୍ତୁ ସବୁ ଖୁସି ପରେ ବି ସେଦିନ ଏକା ଏକା ଘର ଭିତରଟାରେ ଅନେକ ସମୟ ଧରି ଲୁହ ଗଡ଼ାଇବାକୁ ଭୁଲି ନଥିଲେ । ଅନେକ ଥର ଦେଖିଛୁ ଆମେ, ଏମିତି ଅନେକ ସମୟରେ ବାପା ଏକା ଏକା ଘର ଭିତରେ ବସି ରହି ସମୟ ବିତାଇବା । ବାପାଙ୍କ ଦୃଷ୍ଟି ଆଢୁଆଳରେ ଲକ୍ଷ କରିଛୁ, ବହୁତ ଦିନରୁ ଚାବି ପକାଇ ରଖିଥିବା କେଉଁ ଅମଳର କାଠ ବାକ୍ସଟା ଭିତରୁ କଅଣ ସବୁ ବାହାର କରି ଦେଖିବା, ପୁନଶ୍ଚ ସାଇତି ରଖିଦେବା । ଯଦିଓ ଆମେ କେବେ ବି ସାହସ କରି ପଚାରି ପାରି ନଥିଲୁ ଏମିତି କି ମୂଲ୍ୟବାନ ଜୀନିଷ ଅଛି ସେ ବାକ୍ସ ଭିତରେ ।

ଏହା ମଧ୍ୟରେ ସମୟ ବହୁତ ଦୂର ଅତିକ୍ରାନ୍ତ କରି ସାରିଲାଣି । ବାପାଙ୍କ ଅକ୍ଲାନ୍ତ ପରିଶ୍ରମ ସହିତ ସମସ୍ତ ତ୍ୟାଗ ବଳରେ ଗୀତା ନାନୀ ମୋର ସରକାରୀ ଚାକିରି କରିବା ସହିତ ବଡ଼ ଘରେ ବାହା ହୋଇ ଖୁସିରେ ଜୀବନ ବିତାଉଥିଲା । ମୁଁ ବି ପାଠ ପଢ଼ା ଶେଷ କରି କୃଷି ବିଭାଗରେ ନିଯୁକ୍ତି ପାଇ ସହରର ଉଚ୍ଚ ଶିକ୍ଷୀତା ଝିଅକୁ ବିବାହ କରି ଗାଆଁଠୁ ଦୂର ସହରରେ ରହୁଥିଲି । କିନ୍ତୁ ଆଜିବି ବାପା ନିଜ ପିତୃ ପୁରୁଷ ଅମଳର ସେହି ଗାଁର ଭିଟାମାଟି ଉପରେ ଗଢ଼ିଉଠିଥିବା ଦୁଇ ବଖରା ଘରେ ଭିତରେ ନିଜର ସ୍ମୃତି ସବୁକୁ ସାଥିରେ ଧରି ଏକା ଏକା ଜୀବନ ବିତାଉଥିଲେ । ଅନେକ ବାର, ଅନେକ ଅନୁରୋଧ ପରେ ବି ସହର ଆସି ମୋ ସହିତ ରହିବାକୁ କୁଣ୍ଠାବୋଧ କରୁଥିଲେ ସେ । କୁଆଡ଼େ ସହରୀ ପାଣି ପବନ ତାଙ୍କ ଦେହକୁ ସୁହାଇବ ନାହିଁ । ଗାଆଁ ମାଟି ବାସ୍ନାର ମୋହକୁ ଏବେ ବି ହୃଦୟରେ ସ୍ଥାନ ଦେଇ ଆପଣେଇ ନେଇଥିଲେ ନିଜ ଜନ୍ମଭୂମିକୁ ।

ସେଦିନ କିନ୍ତୁ ଯୋର୍ କରି ମୋ ସହିତ ବାପାଙ୍କୁ ନେଇ ଆସିଲି ସହରକୁ, ମୋ ସରକାରୀ ବାସଭବନକୁ । ଆସିବା ସମୟରେ ବାପା ଘରୁ ନିଜର ଦୈନନ୍ଦିନ ବ୍ୟବହାର ପାଇଁ କପଡ଼ା କେଇଖଣ୍ଡ ସହିତ ସେଇ ସନ୍ଦେହ ଭରା ବାକ୍ସଟିକୁ ନେଇ ଆସିଥିଲେ ନିଜ ସହିତ । ସହରରେ ପହଁଚିବାର ଦିନ କେଇଟା ପରେ ଘରଣୀଙ୍କର ସନ୍ଦେହି ଆଖି ସହିତ ପିଲାଟି ଦିନରୁ ମନରେ ବସା ବାନ୍ଧି ଦେଇଥିବା ସମସ୍ତ ଉତ୍କଣ୍ଠା ମୋର ଚରମ ସୀମାରେ ପହଂଚି ସାରିଥିଲା । କ'ଣ ପାଇଁ ଗାଆଁ ଘରେ ଅନେକ ମୂଲ୍ୟବାନ ଜିନିଷ ଛାଡ଼ି ଏ ବାକ୍‌ସଟିକୁ କେବଳ ସାଥିରେ ନେଇ ଆସିଲେ ବାପା ! କ'ଣ ଅଛି ଏହା ଭିତରେ ? ନିଶ୍ଚୟ ଟଙ୍କା ପଇସା ଠାରୁ ନେଇ ବୋଉର ସୁନା ଗହଣା ସବୁ କିଛି ସେ ରଖିଥାଇ ପାରନ୍ତି ଏହା ମଧ୍ୟରେ ! ଅନେକ ସମୟରେ ତେଣୁ କରି ଏକା ଏକା ସେ ବାକ୍ସଟିକୁ ଖୋଲି ତା'ର ହିସାବ କରୁଛନ୍ତି ବୋଧ ହୁଏ ନିଜେ ନିଜେ ।

ମଣିଷ ମନର ସନ୍ଦେହ ଯେତେବେଳେ ସୀମା ଅତିକ୍ରାନ୍ତ କରେ, ସେ ସମୟରେ ମଣିଷ ନିଜର ହିତାହିତ ଜ୍ଞାନ ସବୁ ଭୁଲିଯାଇଥାଏ । ସେଦିନର ସବୁ ବିଶ୍ୱାସର ବନ୍ଧଟା ଭାଙ୍ଗିଦେଇ ବାପାଙ୍କ ଅନୁପସ୍ଥିତିରେ ସେହି ପୁରୁଣା ବାକ୍ସର ସନ୍ଦେହ ମୋଚନ ପାଇଁ ହାତୁଡ଼ିଟାଏ ସାହାଯ୍ୟରେ ବାକ୍ସଟିକୁ ଆବୃଦ୍ଧ କରି ରଖିଥିବା କେଉଁ ଅମଳର କଳଙ୍କି ଲଗା ଲୁହା କୋଳପଟା ଭାଙ୍ଗିଦେବା ସମୟରେ ପ୍ରାତଃ ଭ୍ରମଣରୁ ଆସି ପଛପଟେ କେତେବେଳେ ଯେ ବାପା ପହଂଚି ଯାଇଥିଲେ ସେ ଆଡ଼କୁ ଟିକିଏ ବି ନିଘା ନଥିଲା ମୋର । ବାସ୍ ସମସ୍ତ ଉତ୍‌କଣ୍ଠା କେବଳ ବାକସଟିରେ ନିବୃତ ଥିଲା ଯାହା ।

ହାତୁଡ଼ି ସାହାଯ୍ୟରେ କାର୍ଯ୍ୟଟିକୁ ଶେଷ କରି ବାକ୍ସକୁ ଖୋଲିଦେଇ ଚାହିଁ ରହିଥିଲି ତାହା ମଧ୍ୟକୁ । ଘରଣୀଙ୍କର ଉତ୍‌କଣ୍ଠାଟା

ବି ଫିକା ପଡ଼ିଯାଇଥିଲା ସେତେବେଳକୁ ଯାହା ବେଶ୍ ବାରି ହେଇ ପଡୁଥିଲା ତାଙ୍କ ମୁଖ ମଣ୍ଡଳରୁ । କିନ୍ତୁ ପଛରେ ଦଣ୍ଡାୟମାନ ବାପାଙ୍କ ଆଖିରୁ ଏହା ଭିତରେ ବହିଚାଲିଥିଲା ଅନବରତ ଲୋତକର ଧାର । ସେତବେଳକୁ ବାପାଙ୍କ ଉପସ୍ଥିତ ଅନୁଭବ କରି ମଧ ସାହସ ସଂଚୟ କରି ପାରୁ ନଥିଲି ବାପାଙ୍କ ଆଖିରେ ଆଖି ମିଶେଇବା ପାଇଁ । ବାସ୍, ବାକ୍ସ ମଧ୍ୟରେ ଥିବା ବୋଉର ସେ ପୁରୁଣା ଫଟୋ, ରଂଗ ଛାଡ଼ି ଆସିଥିବା ବାହା ହେଇ ଆସିଲାବେଳର ସେ ନାଲିଆ ପାଟ ଶାଢ଼ି ଖଣ୍ଡେ ଆଉ ପୁରୁଣା କଳା ପଡ଼ି ଆସିଥିବା ପାଉଁଜି ଦିପଟ ଉପରେ ଖାଲି ଯାହା ଅଶ୍ରୁଭିଜା ଆଖି ଦୁଇଟା ନିବଦ୍ଧ ରହିଥିଲା ମୋର ।

କିଛି ସମୟ ମଧ୍ୟରେ ସମସ୍ତ ଦୃଶ୍ୟର ଯବନିକା ପଡ଼ିସାରିଥିଲା । ବାପା ତାଙ୍କର ସେହି ପୁରୁଣା ଭଙ୍ଗା ବାକ୍ସଟିକୁ ଧରି ଗାଁ ଅଭିମୁଖେ ବାହୁଡ଼ି ସାରିଥିଲେ, ଯାହାକୁ କି ମୁଁ କିଛି ସମୟ ପୂର୍ବରୁ ରହସ୍ୟର ଉନ୍ମୋଚନ ପାଇଁ ଭାଙ୍ଗି ସାରିଥିଲି । ସେଦିନ ଶତ ଚେଷ୍ଟା କରି ମଧ ଅନୁତାପର ଅଜସ୍ର ଅଶ୍ରୁ ବାହି ମୁଁ ବାପାଙ୍କୁ ଅଟକାଇ ରଖି ପାରି ନଥିଲି । ଅବିଶ୍ୱାସର ବନ୍ଧଟା ମୋତେ ବାପାଙ୍କ ନିକଟରୁ ଏତେ ଦୂରକୁ ନେଇଯାଇଥିଲା ଯେ, ମୁଁ ଆଗକୁ କିଛି ବି ଭାବିବାକୁ ସାହସ କରିପାରୁ ନଥିଲି ।

ସମ୍ପାଦକ ସାଧବ ବୋହୂ
୩୮୫, ଟାଇପ୍-୩, ବ୍ଲକ୍-୧୮
ନିୟୁ ଏ.ଜି. କଲୋନୀ, ଜୟଦେବ ବିହାର,
ଭୁବନେଶ୍ୱର-୧୨



# ସ୍ୱାଧୀନ ଓ ପରାଧୀନ

*- ଶିବ ପ୍ରସାଦ ବାହିନୀପତି*

ରାତି ପାହିଲେ ସ୍ୱାଧୀନତା ଦିବସ । ସ୍କୁଲ, କଲେଜ ଓ କୋଚିଙ୍ଗ୍ ସେଂଟର ମାନଙ୍କରେ ବି ପୂର୍ଣ୍ଣ ପ୍ରସ୍ତୁତି । ସରକାରୀ କାର୍ଯ୍ୟାଳୟ ବନ୍ଦ ପ୍ରାୟ । ଗାଆଁରୁ ସହର ପୂର୍ଣ୍ଣ ପ୍ରସ୍ତୁତିରେ ପ୍ରତୀକ୍ଷାରତ ଆରଦିନଟିକୁ । ରାସ୍ତାଘାଟ ସବୁ ସୁନିର୍ମଳ । କିଣା ସରିଲାଣି ଝାଲେରୀ ପତାକା ଓ ତିଆରି ସରିଛି ବ୍ୟାନର; କାନ୍ଥବାଡ଼ରେ ଥପା ସରିଛି ପୋଷ୍ଟର । ପ୍ରସ୍ତୁତ ହୋଇସାରିଛି ବି ସାହିତ୍ୟ କାର୍ଯ୍ୟକ୍ରମର ଯୋଜନା । କବି ଓ ଲେଖକ ମାନଙ୍କୁ ବଂଟା ହୋଇସାରିଲାଣି ନିମନ୍ତ୍ରଣ ପତ୍ର ଏବଂ ଟେଂଟ୍ ହାଉସକୁ ବଇଣା ଦିଆ ସରିଛି । ରୋଷେୟା ବି ଆଡଭାନ୍ସ ନେବା ସହ ବଡ଼ ବଡ଼ ହଲ ବି ସରିଛଇ ବୁକିଙ୍ଗ । ରାତି ପାହିଲେ ଆମନ୍ତ୍ରିତ ହୋଇ ଆସିବେ କବି, ଲେଖକମାନେ ଏବଂ ନେତା ମନ୍ତ୍ରୀ ସବୁ ।

କାଉ କା' ରାବ ଦେବା ପୂର୍ବରୁ ଆରମ୍ଭ ହୋଇଯିବ କୋଳାହଳ । ଡି ଜେ ବକ୍ସ ଓ କାହାଳୀର ଘୋର ଗର୍ଜନରେ ପ୍ରକମ୍ପିତ ହେବ ଗ୍ରାମରୁ ସହର । ପରିବେଶ ପରିଷ୍କୃତ ହେଲେ ଶବ୍ଦ ପ୍ରଦୂଷଣ । ସରକାରଙ୍କର ସୂଚନାନୁସାରେ ଶବ୍ଦ ପ୍ରଦୂଷଣ ଦଣ୍ଡନୀୟ ଅପରାଧ । କିନ୍ତୁ ସ୍ୱାଧୀନତା ଦିବସରେ ଶବ୍ଦ ପ୍ରଦୂଷଣ ଅପରାଧ ନୁହେଁ । ସେଦିନ ସମସ୍ତେ ଲଗାମ ଛଡ଼ା । ବିଶେଷ ଦ୍ରଷ୍ଟବ୍ୟ ପରିବେଶକୁ ସୁନ୍ଦର ଓ ନିର୍ମଳ ରଖିବାକୁ ବାରମ୍ବାର ଘୋଷଣା ଚାଲିଛି । ସେଇ କେଇ ଘଂଟା ପାଇଁ ପରିବେଶଟି ବହୁତ ନିର୍ମଳ; କାର୍ଯ୍ୟକ୍ରମ ପରେ ପୂର୍ବ ପରି ପ୍ରଦୂଷଣ । ଏଣେତେଣେ ଫିଙ୍ଗା ଯାଇଥିବା ଅଇଁଠା ଖଲିପତ୍ର, ତାକୁ କୁକୁର ଭିଡ଼ି ନେଇ ଚାରିଆଡ଼େ ବିସ୍ତାରି ପକାଇଥିବ । ପଲିଥିନ୍ ବ୍ୟାନ ପାଇଁ ଘନ ଘନ ସୂଚନା ବିଫଳ ପାଲଟିଯିବ । ବିଦ୍ୟାଳୟରେ ପିଲାମାନେ ମଟର ସିଝା ପଲିଥିନ୍ ପ୍ୟାକେଟ୍ ଧରି ଖାଇସାରି ଏଣେତେଣେ ଫିଙ୍ଗୁଥିବେ । ନାନା ପ୍ରକାର ଆତସବାଜିରେ କମ୍ପି ଉଠୁଥିବ ମେଦିନୀ ଆଉ ବାୟୁମଣ୍ଡଳରେ ଆସ୍ତରଣ ଜମେଇ ଚାଲିଥିବ ଅଙ୍ଗାରକାମ୍ଳ । ଯଦି ପଚାରିଯିବ- "ଭାଇ ! ଆଜି ସବୁ ପ୍ରକାର ନିୟମ ଉଲଂଘନ କ'ଣ ପାଇଁ ?" ଉତ୍ତର ଭାସି ଆସିବ- "ଆଜି ସ୍ୱାଧୀନତା ଦିବସ ।" ଅର୍ଥାତ୍ ଆଜି ସମସ୍ତେ ସ୍ୱାଧୀନ, ତେଣୁ ଯାହା ଇଚ୍ଛା ତାହା କରିବେ । କାହା ଇଚ୍ଛାକୁ କେହି ଲଗାମ ଦେଇ ପାରିବେନି । ଏମିତି ତ ଓଡ଼ିଶାରେ ନିୟମ କେବଳ କାଗଜ କଲମରେ; ଗଢ଼ା ହେବ ଓ ଭଙ୍ଗା ବି ହେବ ବାରମ୍ବାର । ଆଜି ତ ସହଜେ ସ୍ୱାଧୀନତା ଦିବସ; ସ୍ୱାଧୀନ ଭାବରେ ଯିଏ ଯାହା କରିଲା କରୁ । କାହାକୁ ବାରଣ କରିବାଟା ମସ୍ତବଡ଼ ଭୂଲ ହେବ । ସ୍ୱ+ଅଧୀନ= ସ୍ୱାଧୀନ । ନିଜର ଅଧୀନରେ ନିଜେ କାର୍ଯ୍ୟରତ । ଯାହା ଇଚ୍ଛା ହେବ ତାହା କରିବେ ; ବାରଣ କଲେ ତୃତୀୟ ବିଶ୍ୱଯୁଦ୍ଧ ।

ହେଲେ ମୁଁ ଏ ପର୍ଯ୍ୟନ୍ତ ବୁଝି ପାରୁନି ଆମେ କେତେ ମାତ୍ରାରେ ସ୍ୱାଧୀନ । ମନକୁ ଆନ୍ଦୋଳିତ କରୁଛି ଗୋଟିଲ ପ୍ରଶ୍ନ ବାରମ୍ବାର- "ସତରେ ଆମେ କ'ଣ ସ୍ୱାଧୀନ ?" ନିଜକୁ ନିଜେ ବାରମ୍ବାର ପ୍ରଶ୍ନ କରିଛି ଓ ନିଜ ଭିତରେ ଉତ୍ତର ଖୋଜିଛି । ଉତ୍ତରରେ କେବଳ ଗୋଟିଏ ଶବ୍ଦ ପାଇଛି- "ନା" । ମତେ ଲାଗେନି ସତରେ ଆମେ ସ୍ୱାଧୀନ ବୋଲି । ସଂସାରରେ କୌଣସି ବି ପ୍ରାଣୀ ସ୍ୱାଧୀନ ନୁହଁନ୍ତି । ସମସ୍ତେ ପରାଧୀନତାର ବେଡ଼ିରେ ବନ୍ଧା ବୋଲି ମୁଁ ଅନୁଭବ କରେ । ମୋ ଅନୁଭବ କେତେ ଦୂର ବାସ୍ତବ ବୁଦ୍ଧିଜୀବି ମହଲରେ ବିଚାର କରି ବୁଦ୍ଧିଜୀବିମାନେ କୁହନ୍ତୁ । ପାଠକମାନେ ବି ଅନୁଭବକୁ ମୋର ଅନୁଭବ କରନ୍ତୁ । କୁହନ୍ତୁ ଆମେ ପ୍ରକୃତରେ ପରାଧୀନ ନା ସ୍ୱାଧୀନ ।

ମୁଁ ଯାହା ଅନୁଭବ କରିଛି କୀଟ ପତଙ୍ଗ ତରୁ ତୃଣ, ଏମିତି କି ପଶୁ ପକ୍ଷୀ ନର ସମସ୍ତେ ପରାଧୀନ । ନିଜ ଅଧୀନରେ କାର୍ଯ୍ୟକୁ ସ୍ୱାଧୀନ ପରକୁ ଆଶ୍ରା କରି ବା ପର ଅଧୀନରେ କାର୍ଯ୍ୟକୁ ପରାଧୀନ କହନ୍ତି । ବୃକ୍ଷଟିଏ ପୋତିଦେଲେ ହେବନି, ତା'ର ଯତ୍ନ ନେବାକୁ ପଡ଼ିବ । ବୃକ୍ଷଟି ବଂଚିବା ପାଇଁ ପ୍ରଥମେ ମାଟି ଉପରେ ନିର୍ଭର କରେ । ମାଟିରେ ହିଁ ତା'ର ଜୀବନ । ପୁଣି ବର୍ଷା ଉପରେ ନିର୍ଭର କରେ ତା'ର ଖାଦ୍ୟ ପାଇଁ । ତା'ର ଯତ୍ନ ନେବା ପାଇଁ ଆମ ମାନଙ୍କର ପ୍ରଚେଷ୍ଟା ଦରକାର । ତେବେ କୁହନ୍ତୁ ବୃକ୍ଷଟି ପରାଧୀନ କି ନୁହେଁ । ଲତାଟିଏ ମାଡ଼ିବାକୁ ଭାଡ଼ି ବା ଅନ୍ୟ

କୌଣସି ବୃକ୍ଷର ସହାୟତା ଲୋଡ଼େ; ସେ ବି ପରାଧୀନ ଅଟେ । କୀଟ ପତଙ୍ଗ ପଶୁ ପକ୍ଷୀ ବି ପରାଧୀନ । ବଂଚିବା ପାଇଁ ପର ଉପରେ ନିର୍ଭର କରନ୍ତି । ମଣିଷ ବି ଠିକ୍ ସେହିପରି ଅଟେ । ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରାଣୀ ପରାଧୀନ ।

ପ୍ରଥମେ ବିଚାର କରାଯାଉ ଆମର ଆଧ୍ୟାତ୍ମିକ ଭାବରେ ତତ୍ତ୍ୱମୂଳକ ପରାଧୀନତାକୁ । ନାରୀ ଓ ପୁରୁଷର ମିଳନରେ ନାରୀର ପୂର୍ଣ୍ଣତା । ବିନା ନାରୀରେ ପୁରୁଷର ବି ପୂର୍ଣ୍ଣତା ନ ଥାଏ । ବଂଶ ରକ୍ଷା ପାଇଁ ଉଭୟ ଉଭୟଙ୍କ ଉପରେ ନିର୍ଭରଶୀଳ । ଏହା ବିଧି ନିର୍ଦ୍ଦିଷ୍ଟ । ଶିଶୁଟିଏ ଜନ୍ମ ହେଲା ପରେ ମାଆ ତା'ର ଯତ୍ନ ନିଏ । ମାଆ ବିନା ଶିଶୁର ଜୀବନ ଧାରଣ ବହୁତ ମାତ୍ରାରେ ଅସମ୍ଭବ । ଶିଶୁଟି ବଡ଼ ହେଲା ପରେ ତା'ର ଦେଖାଶୁଣା ଓ ସମସ୍ତ ଯତ୍ନ ପରିବାର ଉପରେ ପଡ଼େ । ଶିକ୍ଷା ପାଇଁ ଗୁରୁଙ୍କର ଅବଶ୍ୟକତା । ବିବାହ କଲା ପରେ ପୁରୁଷଟି ସ୍ତ୍ରୀ ଉପରେ ଓ ସ୍ତ୍ରୀଟି ପୁରୁଷ ଉପରେ ନିର୍ଭରଶୀଳ । ବୃଦ୍ଧ ହେଲା ପରେ ସେ ପୁଅ ବୋହୂଙ୍କ ଉପରେ ନିର୍ଭର କରେ । ଶେଷରେ ମହାପ୍ରୟାଣ ପରେ ଶ୍ମଶାନ ପର୍ଯ୍ୟନ୍ତ ଜ୍ଞାତି କୁଟୁମ୍ବଙ୍କ କାନ୍ଧରେ ଯାତ୍ରା କରେ ଓ ଦାହ ହୁଏ । ତେବେ ମଣିଷ କେତେ ମାତ୍ରାରେ ସ୍ୱାଧୀନ କୁହନ୍ତୁ । ମୋର ଏ ନିଛକ ବାସ୍ତବତାର ଆଧ୍ୟାତ୍ମିକ ଭାବନାଟିକୁ ବୁଦ୍ଧିଜୀବିମାନେ ବିଚାରକୁ ନେଇ ଉଚିତ୍ ନା ଅନୁଚିତ୍ ଦର୍ଶାନ୍ତୁ ତ ।

ଏ ଗଲା ଅଧ୍ୟାତ୍ମିକତାର ତତ୍ତ୍ୱବାଦି ପରାଧୀନତାର କଥା । ଏବେ ମୋ ବିଚାରରେ ମାନବ କୃତ ପରାଧୀନତାକୁ ବୁଝାଇବି । ଦୀର୍ଘ ଦୁଇଶହ ବର୍ଷ ଧରି ଲୁଟି ଚାଲୁଥିବା ଇଂରେଜମାନେ ୧୯୪୭ ମସିହା ଅଗଷ୍ଟ ମାସ ୧୪ ତାରିଖର ଅର୍ଦ୍ଧରାତ୍ରିରେ ଆମ ଦେଶରୁ ବିଦାୟ ନେଲେ । ଆମେ ତା' ପରଦିନ ପାଳିଲେ ସ୍ୱାଧୀନତା ଦିବସ । ଆଗରୁ ଭାରତବର୍ଷକୁ ମୋଗଲ ମାନଙ୍କ ଲୁଟତରାଜର ଶିକାର ହେବାକୁ ପଡୁଥିଲା; ପରେ ପରେ ଇଂରେଜ । ରାଜତନ୍ତ୍ର ବେଳେ ରାଜା ମହାରାଜା ମାନଙ୍କର ପ୍ରଜା ମାନଙ୍କ ପ୍ରତି ଅକଥନୀୟ ଅତ୍ୟାଚାର ବି ନ କହିବା ଭଲ ।

ଛାଡ଼ନ୍ତୁ; ଇଂରେଜ ଚାଲିଗଲେ ବୋଲି ଆମେ ଭାବି ନେଲେ ଯେ ଆମେ ସ୍ୱାଧୀନ । କିନ୍ତୁ ମୁଁ କହୁଛି ଆମେ ଏବେ ସୁଦ୍ଧା ପରାଧୀନ । ନିଜ ଇଚ୍ଛାନୁସାରେ ଆମେ ବଂଚିବା ଆମ ପାଇଁ ଦୁର୍ବିସହ । ଅହଙ୍କାର, ସ୍ୱାର୍ଥ ଆମ ପାଇଁ ପରାଧୀନତାର ବାଟକୁ ପରିଷ୍କାର କରି ଚାଲିଛି । ଯୋଦ୍ଧାମାନେ ଆମ ଦେଶ ପାଇଁ ବଳିଦାନ ଦେଇଛନ୍ତି ନିଜକୁ ସେମାନେ ମହାପୁରୁଷ, ଆମର ଚିର ନମସ୍ୟ । ସେମାନେ ନିଜ ସ୍ୱାର୍ଥ ବଦଳରେ ସମାଜର ହିତ ପାଇଁ ନିଜକୁ ତିଳତିଳ ଜାଳିଦେଇ ଆମକୁ ସ୍ୱାଧୀନତା ଦେଇଛନ୍ତି । କିନ୍ତୁ ଆମେ ଆଜି ଆମ ନିଜର ସ୍ୱାର୍ଥ ପୂରଣ ପାଇଁ ଏବଂ ନିଜର ଅହଂଭାବକୁ ଚରିତାର୍ଥ କରିବାକୁ ସମାଜର ତଥା ଜନତାଙ୍କର ଅହିତ କରି ଚାଲିଛେ । ଉଚ୍ଚ ପଦବୀର ଆଶା, ତୁଚ୍ଛା ସମ୍ମାନ, ନିଜର ଅର୍ଥନୈତିକ ଅଭିବୃଦ୍ଧି ଆମକୁ ଅନ୍ଧ କରି ଦେଇଛି । ନିଜର ସୁବିଧା ପାଇଁ ଅନ୍ୟକୁ ଅସୁବିଧାରେ ପକାଇବାର ଦୁର୍ବାର ପ୍ରୟାସ ସୂଚେଇ ଦେଉଛି ଆମେ ପରାଧୀନ । ଅହଂଭାବ ବହନ କରି ଅସମ୍ମାନ କରିବା ଓ ଅସାମାଜିକ କାର୍ଯ୍ୟରେ ଲିପ୍ତ ହେବା କ'ଣ ଆମ ସ୍ୱାଧୀନତା ? ସନ୍ତ୍ରାସବାଦୀ ର କମାଣ ମୁନ ପରିଚୟ ଦିଏ ଆମେ ପରାଧୀନ । ବଧୂହତ୍ୟା, ଶିଶୁଭ୍ରୂଣ ହତ୍ୟା, ଯୌତୁକ ପ୍ରଥା, ଯୌନ ବ୍ୟଭିଚାର ଏସବୁ କ'ଣ ଆମ ସ୍ୱାଧୀନତାର ଲକ୍ଷଣ ? ମଦଭାଟିରେ ଉଡ଼ି ଯାଉଥିବ ରୋଜଗାର ରାଶି, ଜୁଆଖେଳରେ ସର୍ବସ୍ୱାନ୍ତ ହୋଇ ଯାଉଥିବ ପରିବାର; କିନ୍ତୁ ଗରିବର ପେଟରେ ମୁଠାଏ ଦାନା ଭରିବାକୁ ସମସ୍ତେ ଅସକ୍ଷମ । ଏଠି ତେଲିଆ ମୁଣ୍ଡରେ ତେଲ, ଏଠି ଜୋର ଯା'ର ରାଜ୍ୟ ତା'ର; ଏଠି ଦୁଃଖୀ ସବୁବେଳେ ଅଶ୍ରୁସିକ୍ତ ଆଉ ବଣିକ ଘରେ ଧନଦୌଲତ ଆମର ।

ଏଠି ରାଜନୀତିର ଛକା ପଞ୍ଝା ଖେଳ ଜୋର୍‌ଦାର । ରାଜା, ମନ୍ତ୍ରୀ ସମସ୍ତେ ଜଣେ ଜଣେ ଖାଦକ; ଖାଦ୍ୟ ଏଠି ଦୀନ ଦୁଃଖୀର ଶୋଣିତ । ଏଠି ରାଜନେତା ଠାରୁ କୁଜିନେତା ଙ୍କ ଦୌରାତ୍ମ୍ୟ ପ୍ରବଳ । ଶୁଣିଥିଲି ପୁରାଣ ଶାସ୍ତ୍ରରେ ଧନୀକ ବନିବା ପାଇଁ ତୀବ୍ର ପ୍ରତିଯୋଗୀତା କଥା । କିନ୍ତୁ ଏଠି ସବୁ ଓଲଟା, ଗରିବ ବନିବାକୁ ପ୍ରତିଯୋଗିତା । ସରକାରୀ ଅନୁଦାନରୁ ବଂଚିତ ପ୍ରକୃତ ଗରିବ । ଚାକିରିଆ ଓ ବଣିକର ଛାତ ଉପରେ ଛାତ, ଘରର ପ୍ରତ୍ୟେକ ସଦସ୍ୟର ଗୋଟାଏ ଗୋଟାଏ ପଡ଼ି କାର୍ଡ଼ ବା ରେସନ୍ କାର୍ଡ଼ । ଯାହାର ଆଶ୍ରା ପଲିଥିନ୍ ତଳେ ଓ ବୃକ୍ଷ ମୂଳରେ, ସେଇଠି ହିଁ ତାର ସରିଯାଏ ଜୀବନକାଳ । ସମସ୍ତ ସରକାରୀ ଯୋଜନାରୁ ସେ ବଂଚିତ, କାରଣ ଲାଂଚ ଦେବାକୁ ତା' ପାଖେ ନଥାଏ ସମ୍ବଳ ।

ଓଡ଼ିଆ ବୋଲି ଗର୍ବ କରିବାକୁ ଆମ ପାଖରେ କିଛି ବି

ପ୍ରମାଣ ନାହିଁ ଆଉ । କାରଣ ଆମେ ବିଦେଶୀ ଢାଂଚାରେ ବଂଚିବାକୁ ପସନ୍ଦ କରୁ । ବିଦେଶୀ କିନ୍ତୁ ଆମ ଢାଂଚାରେ ବଂଚିବାକୁ ପସନ୍ଦ କଲେଣି । ଓଡ଼ିଆର ସାଙ୍କେତିକ ବସ୍ତ୍ର ଧୋତି ପଞ୍ଜାବି ଏବେ ବିଲୋପର ଅନ୍ତିମ ସୀମାରେ । ଶାଢ଼ୀ ଛାଡ଼ି ପୋଷାକରେ ଆଦର । ନମସ୍କାର ବଦଳରେ କୋଳାଗ୍ରତ, ହାତକୁ ହାତ ମିଳେଇ ହ୍ୟାଣ୍ଡସେକ୍ ଯେମିତି ବିଦେଶୀଙ୍କ ପରି । ପିତୃ ଦିବସ, ମାତୃ ଦିବସ, ବନ୍ଧୁ ଦିବସ ନୂଆ ଢାଂଚାରେ । ସ୍ୱାଧୀନତା ସଂଗ୍ରାମୀଙ୍କ ଦିବସ ଫିକା ପଡ଼ିଯାଏ ସିନା; କିନ୍ତୁ "ଭାଲେଂଟାଇନ୍ ଡେ" ଟା ପୂରା ଧୂମ୍‌ଧାମ୍ । ପାର୍କରୁ ନଈକୂଳ ପ୍ରେମୀ ଯୁଗଳଙ୍କ ଭିଡ଼ ।

ଗୋପବନ୍ଧୁ କହିଥିଲେ-

"ମିଶୁ ମୋର ଦେହ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ,
ଦେଶର ସ୍ୱରାଜ ପଥରେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।"

କିନ୍ତୁ ଏବେ ଓଲଟା ଚାଲିଛି । ଆଜିର ଜନତାଙ୍କ ଭାଷାରେ-

"ମିଶୁ ମୋର ସ୍ୱାର୍ଥ ଏ ଦେଶ ମାଟିରେ
ଦେଶବାସୀ ଚାଲି ଯାଆନ୍ତୁ ଗର୍ବରେ
ଦେଶର ସ୍ୱରାଜ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ସର୍ବ ଅହଙ୍କାର ।"

ଧନ୍ୟ ଏ ସ୍ୱାଧୀନତା ଆଉ ଧନ୍ୟ ଆମେ ଜନତା । ଏଇ ଆମ ସ୍ୱାଧୀନତା । ଯୋଉଠି ନାରୀ ପାଲଟିଛି ଭୋଜ୍ୟ ଦ୍ରବ୍ୟ । ନାରୀଟି ମାଆ, ଭଗ୍ନୀ ଓ ଜାୟା, ତିନି ରୂପରେ ବିରାଜମାନ । ସର୍ବଶ୍ରେଷ୍ଠ ରୂପ ମାଆ । ପର ସ୍ତ୍ରୀ ମାଆ ଓ ପର ଝିଅ ଭଗ୍ନୀ ପଦବାଚ୍ୟ । କିନ୍ତୁ ନିଜର କାମକୁ ଚରିତାର୍ଥ କରିବାକୁ ପୁରୁଷ ପଶୁ ପାଲଟି ଯାଉଛି । ସ୍ୱାଧୀନତା ହରେଇ ବସୁଛି ନାରୀ । ପରିଗଣିତ ହେଉଛି ଧର୍ଷିତା ନଚେତ୍ ଗଣିକାରେ । ଏଥିରୁ ଜଣା ପଡୁଛି ଆମେ କେତେ ସ୍ୱାଧୀନ । ଯୋଉଦିନ ରାତ୍ରି ଅର୍ଦ୍ଧେ ନାରୀ ଏକାକିନୀ ନିର୍ଦ୍ଦ୍ୱନ୍ଦେ ବିଚରଣ କରି ପାରିବ ପଥରେ; ଜାଣିବ ସେଦିନ ଭାରତ ପ୍ରାପ୍ତ କଲା ସ୍ୱାଧୀନତା । ମୋ ସ୍ୱ ଲିଖିତ ଏକ କବିତାରେ ଦୁଇ ଧାଡ଼ି:-

"ନିଶାର୍ଦ୍ଧେ ଯେଦିନ ନାରୀ ବିଚରିବ ପଥ
ସେଦିନ ଦେଖିବେ ଜନ ସ୍ୱାଧୀନ ଭାରତ ।"

ଏଣୁ ଏଥିରୁ ପ୍ରମାଣିତ ଯେ ଆମେ ଏବେ ବି ପରାଧୀନ । ଯେ ଯାଏଁ ଦୟା, କ୍ଷମା, ସତ୍ୟ, ଶାନ୍ତିର ଉପଲବ୍ଧି ହୋଇ ପାରିନି, ସେତେଦିନ ଯାଏଁ ଏ ଭାରତ ପରାଧୀନ । ଗୋଟିଏ ଦିନ ସ୍ୱାଧୀନତା ଦିବସ ପାଳି ବାଃ ବାଃ ନେବାରେ ସାର୍ଥକତା ବା କ'ଣ ?

*ଭାଟପଡ଼ା, ନିରାକାରପୁର, କଣାସ(ପୁରୀ)*

VS ACADEMY
(A WAY TO SUCCESS)
FOR +2 & +3 ARTS (ALL SUBJECTS)
& ALSO H.S.C (CLASS VIII TO X)
Where Ordinary Converts into Extraordinary
MATRUMANGALA CAMPUS, TINIKONIA BAGICHA, CUTTACK - 1
CONTACT : 8270602223 , 8328896892

# ଭାଇରାଲ୍ ଭିଡ଼ିଓ

**- ଅନିରୁଦ୍ଧ ସାମନ୍ତରା**

ଗାଆଁ ମଝିଦେଇ ଲମ୍ବି ଯାଇଥିବା କଂକ୍ରିଟ ରାସ୍ତାକୁ ଦୀର୍ଘ ସମୟ ଧରି ଅପେକ୍ଷା କରିଛି କଳ୍ପନା । ଆଜି ଯେମିତି ହେଲେ ତା' ନନା ଆସିଲା ମାତ୍ରେ ସିଧା ସିଧା କହିଦେବ । ନନା ଯାହା କୁହନ୍ତୁ ପଛେ ଏଥର ସହର ଯିବ ହିଁ ଯିବ । ନନା ମନା କଲେ ବି ଏଥର ଜିଦ୍ ଧରିବ । ସମ୍ଭାବନା ଥିବା ସତ୍ୱେ ସ୍ୱପ୍ନକୁ ହାତ ମୁଠାରେ ଧରି ଆଉ ଅଧିକ ଦିନ ସେ ଅପେକ୍ଷା କରି ପାରିବନି । ପିଲାଟି ବେଳରୁ ସ୍ୱପ୍ନ ଦେଖି ଆସିଛି ସହର ଯିବାକୁ ନେଇ । । ତା' ଜୀବନକାଳରେ ବହୁତ ଅଳ୍ପ ଥର ଯାଇଛି । ହେଲେ ପ୍ରତିଥର ଭଳି ଆଉ ବୁଲିବାକୁ କି ଦେଖିବାକୁ ନୁହଁ, ସେ ଚାହେଁ ସବୁ ଦିନ ପାଇଁ ସେଇଠି ରହିବ । ସହରଠାରୁ ବହୁଦୂର । ମଫସଲ ଗାଁରେ ଘର । ଗାଆଁ କହିଲେ ୧୬/୧୮ ଖଣ୍ଡ ଘର । ସବୁ ପୁରୁଣା କାଳିଆ ଛପର ଘର । ଏବେ ଏବେ ବିଜଳିର ବାସ୍ନା ବାଜିଛି । ରାସ୍ତାଘାଟ, ଶିକ୍ଷାକଥା କହିଲେ ନସରେ । ରବୀନ୍ଦବାବୁଙ୍କ ଏକମାତ୍ର ଝିଅ କଳ୍ପନା । ସ୍ତ୍ରୀଙ୍କ ମୃତ୍ୟୁ ପରେ ସେ ନିଜେ ବାପା ଆଉ ମାଆ ହୋଇ ପାଳନ କରିଆସିଛନ୍ତି । ପଂଚାୟତ ହାଇସ୍କୁଲରେ ଦଶମ ପରେ ଗାଆଁ ପାଖ ସରକାରୀ କଲେଜରେ +୨ ପଢ଼ି ଥାର୍ଡ଼ ଡିଭିଜନ ରେ ପାସ୍ କରିଛି । ଆର୍ଥିକ ଅଭାବ କାରଣରୁ ଆଉ ଆଗକୁ ପଢ଼ିନି, କି ପଢ଼ିବାକୁ ଇଚ୍ଛା ବି କରିନି । ପାଠ ଛାଡ଼ି ୪ ବର୍ଷ ଖଣ୍ଡେ ହେଲାଣି ଘରେ ହିଁ କାମ ଦାମ କରି ରହିଛି ।

ପିଲାଟି ବେଳରୁ ଅନେକ ଶୁଣିଛି ସହର ବିଷୟରେ । ତା' ପିଲା ବେଳର ବହୁ ସାଙ୍ଗ ସାଥି ସହର ରେ ରୁହନ୍ତି, ସେ ବି ସହର ଯିବ, ସେଠି ରହିବ । ସେଠି ଯାଇ କିଛି କାମ କରିବ । ଆଉ ସହରୀ ଜୀବନ ବିତାଇବ । ହେଲେ ଘରେ ନନାକୁ ଏକୁଟିଆ ଦେଖି ତା ସ୍ୱପ୍ନକୁ ବହୁ ଦିନ ଧରି ସାଇତି ରଖିଛି ।

କାନ୍ଧରେ ଲଙ୍ଗଳ ଧରି ନନା ଆସି ପହଂଚିଲେ । ଭିତରକୁ ଯାଇ ନନା ପାଇଁ ଖାଇବା ନେଇ ଆସିଲା । କିଛି ନକହି ସବୁଦିନ ଭଳି ନିରାଶ ହୋଇ ମୁହଁ ଶୁଖାଇ ନନା ପାଖେ ବସିଲା । କଳ୍ପନାର ଆବେଗକୁ ବେଶ୍ ଭଲ ବୁଝିପାରୁଥିଲେ ।

ନନା ! ତା'ର ଉଦାସ ମୁହଁକୁ ଚାହିଁ ପଚାରିଲେ,

- 'ପୁଣି ସେଇ କଥାନା ?'

- 'ନାଇନନା...'

- 'କହିଲୁ ? ସହର ସହର ହେଉଚୁ, ସେଠି ତୁ ଏକଲା କଣିଷ କ'ଣ କରିବୁ ? କୋଉଠି ରହିବୁ ? କଣ ଖାଇବୁ ? ହଁ....

- 'ନାଇ ନନା'

ମିକି କହୁଥିଲା ସେ ଯୋଉ ପାର୍ଲର ରେ କାମ କରୁଛି ସେଇ ମ୍ୟାଡାମ୍ ଙ୍କୁ କହିଛି ମୋ କଥା । ମୁଁ ଗଲେ ସେଇଠି କାମ କରିବି । ଆଉ ମୋର ରହିବା ପାଇଁ ତା ଫ୍ଲାଟ ପାଖାପାଖିରୁ ବି କଥା ହେଇଛି ।

- 'ହଁ ରେ ମା, ହେଲେ ଏକଲା ଝିଅ ଟେ ପୁଣି.....'

- 'ନନା ତୁମେ ବି ଆସି ଯାଅନା, ସେଠି ଆମେ ମିଶି ରହନ୍ତୋ । ଭଲ ହୁଅନ୍ତା ।'

- 'ନାରେ ମା ନା.... । ଏମିତି ଶସ୍ତାରେ କ'ଣ ସେଠି ବଂଚି ହେବ ? ଏଠି ପାଖାଳ ମୁଠାରେ ମୋ କାମ ଚଳୁଛି, ଗାଁ ଟା ଛୋଟ ହେଲେ ବି ଲୋକଙ୍କ ଭିତରେ ସ୍ନେହ ଶ୍ରଦ୍ଧା ଅଛି, ହେଲେ ସହର ରେ କିଏ କାହାର ।'

- 'ଆମ ଗାଁ ସନାଦାଦା ତ' ତାଙ୍କ ପୁରା ପରିବାର ସଙ୍ଗେ ଘର ଛାଡ଼ି ସହର ଚାଲିଗଲେ, ହେଲେ ତୁମେ କାଇଁ ମନା କରୁଚ ଯେ....

- 'ସେ ଯାଉ ରେ ମା, ମୁଁ ଏକୁଟିଆ, ଜମିଟିକୁ ଛାଡ଼ି ସହର ଯାଇ ପାରିବିନି । ପୁଣି ଜାଣିଛୁ କେତେ ଟଙ୍କା ଗାଁରେ ବାକି ପଡ଼ିଛି, ଏମିତି ଅବସ୍ଥାରେ ଗାଁ ଛାଡ଼ି ଗଲେ ଭୁଲ ହେବ ।'

- 'ତା ହେଲେ ଥାଉ ନନା, ମୋର ବି ଆଉ ସହର ଯିବାର ନାଇ । ମୁଁ ବି ଯିବିନି ।'

- 'ନାଇ ରେ ମା ତୁ ଯିବୁ । ତୋ ଯିବା ପାଇଁ ମହାଜନବାବୁ ଙ୍କୁ ଟଙ୍କା କଥା କହିଥିଲି, ସେ ଡକାଇଥିଲେ, ମୁଁ ଯାଉଛି ଟଙ୍କା ନେଇ ଆସିବି । ତୁ କାଲି ବାହାରିବୁ ।

ନନା ମୁହଁରୁ ଏତକ ଶୁଣିବା ପରେ ଚିନ୍ତାରେ ପଡ଼ିଗଲା କଳ୍ପନା । ଖୁସି ହେବ ନା ଦୁଃଖ କରିବା । ଗୋଟିଏ ପାର୍ଶ୍ୱରେ

ସ୍ୱାଧୀନତା ର ସହ ସୁନେଲି ସହରରେ ବଂଚିବାର ସ୍ୱପ୍ନ ଆରପଟେ ପରାଧିସ୍ତ ମଫସଲର ସୀମିତ ଜୀବନ ତ ନନା । ହେଲେ "କୁଛ୍ ପାନେ କେ ଲିୟେ, କୁଛ୍ ଖୋନା ପଡ଼ତା ହୈ ।" କିଛି ନ ବିଚାରି ନିଜ ସ୍ୱପ୍ନ ସହର ଅଭିମୁଖେ ପାଦ ବଢ଼ାଇଲା କଳ୍ପନା ।

ପରଦିନ ସକାଳୁ ଝିଅକୁ ସହରରେ ଛାଡ଼ି ଆସିବା ପାଇଁ ନନା ସାଙ୍ଗରେ ବାହାରିଲେ । ଝରକା ପାଖରେ ବସି ବୁଲାଇ ବୁଲାଇ ଦେଖି ନେଉଥିଲା ତା ଗାଆଁ, ଘର, ବିଲବାଡ଼ ସବୁ । ପିଲାଟିବେଳରୁ ମନରେ ଉଙ୍କି ମାରୁଥିବା ପ୍ରଶ୍ନ ଆଜି ଆହୁରି ସନ୍ଦୀହୀନ ଲାଗୁଥିଲା । ବସି ଭିତରେ ସେ ସତରେ ଆଗକୁ ବଢୁଛି, ନା ଗଛଲତା, ଗାଁ, ଆକାଶ, ପାହାଡ଼, ନଈ ସବୁତାକୁ ବିଦାୟ ଦେଇ ପଛକୁ ଫେରୁଛନ୍ତି । ସମୟ ପାଖେଇ ପାଖେଇ ଆସେ, ଗାଁ ସରି ସରି ଯାଏ । ଧିରେ ଧିରେ ସବୁଜ ବନାନୀ ହୁଏ, କଂକ୍ରିଟ ବଣର ନଜିର ଆସେ । ପଶୁପକ୍ଷୀଙ୍କ ରାବ ବଦଳରେ ଟ୍ରାଫିକରେ କୋଳାହଳ ଶବ୍ଦରେ କାନ ଫାଟି ପଡୁଥାଏ । ଏସବୁ ମଧ୍ୟରେ ଶେଷରେ ଠିକଣା ସହରରେ । ମିକି ଅପେକ୍ଷା କରିଥାଏ । ବୁଝାସୁଝା କରି ଝିଅର ଦେଖାର ଦାୟିତ୍ୱ ମିକି ହାତରେ ଦେଇ, ସେଇ ବସ୍ ରେ ହିଁ ଫେରି ଗଲେ ନନା ।

ସୁଉଚ୍ଚ ଅଟ୍ଟାଳିକା, ଅସ୍ତବ୍ୟସ୍ତ ଜୀବନ, ଯୁଆଡ଼େ ଚାହିଁଲେ ଗହଳି, ପେଁ.... ପେଁ.... ଶବ୍ଦ । ସବୁ ଦୌଡୁଛନ୍ତି । ନିଶ୍ୱାସ ପ୍ରଶ୍ୱାସ ନେବାକୁ କାହା ପାଖେ ଫୁରୁସତ୍ ନାଇ । ଏସବୁ ଦେଖି ଭୟ ସହ ଉତ୍ସାହ ବି ବଢୁଥିଲା । ସେ ବି ଆଙ୍କିବାକୁ ଯାଉଥିଲା ସେମିତି ଏକ ଭବିଷ୍ୟତ ।

ମିକି କଳ୍ପନାକୁ ନେଇ ନିଜ ଘରକୁ ଚାଲିଗଲା । ତହିଁ ଆର ଦିନ ଦୁହେଁ ମିଶି ବାହାରିଲେ । ପୂର୍ବରୁ ମିକି ରାଜଧାନୀ ପାର୍ଲର ମ୍ୟାଡାମ୍ ଙ୍କୁ କଳ୍ପନା କଥା କହି ଥିଲା, କଥା ମୁତାବକ ସେଇଠି ଜଏନ୍ କଲା । ଦିନକୁ ୮ ଘଂଟା କାମ ମାସକୁ ୮୦୦୦ ଟଙ୍କା । ପାର୍ଲରରୁ ଫେରିବାର ରାସ୍ତାରେ ସେଇ ପାଖାପାଖି ଘର ଭଡ଼ାରେ ନେଲା । ଭଡ଼ା ୪୦୦୦ ଟଙ୍କା । ନୂଆ ନୂଆରେ ନନା କଥା ମନେ ପକାଇ ବହୁତ କାନ୍ଦିଲା । ପରେ ନିଜକୁ କହିଲା ନା, ତା ନନାର କିଛି ହେବନି । ସେ ପରିଶ୍ରମ କରି ନନାରସବୁ ଋଣ ସୁଝି ଦେବ । ନନା କୁ ସହର ନେଇ ଆସିବ । ଏଠି ସେମାନେ ଖୁସିରେ ରହିବେ ।

ପ୍ରତିଦିନ ଅନେକ କଷ୍ଟମର ଆସନ୍ତି । ଫେସିଆଲ କରନ୍ତି, ଆଇବ୍ରୋ ସାଇଜ୍ କରନ୍ତି । ସେମାନଙ୍କ ସହ ଭଲରେ ମିଶି ଯାଏ କଳ୍ପନା । ଧିରେ ଧିରେ ସବୁକାମ ବି ସହଜରେ ଶିଖିନିଏ । ସହରର ଚାଲିଚଳଣି, କଥାବାର୍ତ୍ତା ସହ ଭାରି ଅଭ୍ୟସ୍ତ ହୋଇସାରିଥାଏ । ଇଛା କରିଥିଲା ପ୍ରଥମ ଦରମା ପାଇବା ସଙ୍ଗେ ସଙ୍ଗେ ନନାକୁ ପଠାଇବ ହେଲେ ଘରଭଡ଼ା, ଖାଇବା, ପର୍ସନାଲ ଖର୍ଚ୍ଚରେ ସବୁ ଶେଷ । ଆଠଶହ ଖଣ୍ଡେ ଟଙ୍କା ହାତରେ ରଖିଛି । ମିକିଠୁ ପୁଣି କିଛି କରଜ କରିଥିଲା । ଏଇଟା କଣ ଗାଁ ହେଇଛି ଯେ ଅଳପ ଟଙ୍କାରେ ଚଳି ହେଇଯିବ । ବୁଝିଛି କଳ୍ପନା, ନିରାଶ ପାଲଟିଛି ।

କଷ୍ଟେ ମଷ୍ଟେ ବିତାଇ ଚାଲିଛି ସହରୀ ଜୀବନ, ହେଲେ ସ୍ୱପ୍ନରେ ଦେଖିଥିବା ସୁଖ ନାଇ । ମାସକ ପରେ ଝିଅକୁ ଦେଖା କରିବାକୁ ନନା ସହର ଆସନ୍ତି । ପଚାରି ପଚାରି ରାଜଧାନୀ ପାର୍ଲରରେ ପହଂଚି ବାହାରେ ଅପେକ୍ଷା କଲେ । କିଛି ସମୟ ପରେ ପଦାକୁ ଆସିଛି କଳ୍ପନା । ଝିଅକୁ ଦେଖି ନିର୍ବାକ୍ ହୋଇ ମୁଣ୍ଡ ଗୁଡ଼ ଗାଡ଼ିଛନ୍ତି ନନା । ନନାକୁ ମୁଣ୍ଡିଆ ହୋଇ ଭଲ ବନ୍ଦ ପଚାରୁଛି, ହେଲେ ସେ ନୀରବ । ବୁଝିପାରିଛି ନୀରବତାର କାରଣ । ନନାକୁ ବୁଝାଇ କହୁଛି ଆଜିକାଲି ସହରରେ ଏସବୁ କମନ୍ । ଚୁଡ଼ିଦାର ଏଠି କେହି ପିନ୍ଧନ୍ତନି । ତା ପିନ୍ଧିବା ଭଳି ପୋଷାକ ହିଁ ଧାରଣ କରନ୍ତି । ମଫସଲ ଲୋକ ସେତିକି ସାହସିକ ଶକ୍ତି ନାଇ ସହରୀ ସଂସ୍କୃତିକୁ ସହଜେ ଆଦରି ନେବେ ।

ଘରୁ ନେଇ ଆସିଥିବା ପରିବା ବ୍ୟାଗ୍‌ଟିକୁ ଝିଅ ହାତକୁ ବଢ଼ାଇ, ନିଜ ଯତ୍ନ ନେବାକୁ କହି ଫେରନ୍ତି । ସେଇ ଏକା କଥା ତାଙ୍କ ମୁହଁରେ ଖେଳେଇ ହେଉଥାଏ ।

"ଏ କି ସଂସ୍କୃତି!!! ମଥାରେ ଟିକିଲି ନାଇ ହାତରେ କାଚ ଖଣ୍ଡେ । ଭିଡ୍ ଡିଫେଂଟ ବାନେନ ।"

ଶେଷରେ କଳ୍ପନା ବି ସେ ସବୁର କବ୍‌ଜାରେ ରହିବ ନନାର ଅନୁମାନ ବାହାରେ ।

ଅନ୍ୱେଷ,

ଘରମାଲିକର ପୁଅ । ବହୁଦିନ ଧରି ନଜରରେ ରଖିଛି କଳ୍ପନାକୁ । ଅନେକ ଥର ସୁଯୋଗ ଖୋଜିଛି ତା ସହ ସମ୍ପର୍କ ଲଗାଇବାକୁ । ପ୍ରୟାସ ବି କରିଛି । ସେଥିପାଇଁ କଳ୍ପନା ବାହାରିବା ଟାଇମରେ ଜାଣି ଜାଣି ସେଂଟ ପକାଇ, ଷ୍ଟାଇଲ୍ ମାରି ରେଡ଼ି ହେଇଛି । ଧିରେ ଧିରେ ନିଜ ବାଇକ୍‌ରେ ପାର୍ଲରକୁ ନେବା ଆଣିବା କରିଛି । ଶେଷରେ ତା ମିଠା କଥାରେ ଫସାଇଛି କଳ୍ପନାକୁ । ଲଭ୍‌ର ଲାଳସା ଦେଇ କଳ୍ପନାକୁ ନିଜର କରିଛି । ଧିରେ ଧିରେ ବହୁତ ଆଗେଇଛି ସମ୍ପର୍କ । ଅନ୍ୱେଷ ପ୍ରତିଦିନ ତା ବାଇକରେ

ବୁଲାଇ ନିଏ । ସଂଧ୍ୟାରେ ଗୁପ୍‌ଚୁପ୍ ଖୁଆଏ । ଦୁହେଁ ମିଶି କ୍ୟାଣ୍ଡେଲ ନାଇଟ୍ ଡିନର କରନ୍ତି, ସେକେଣ୍ଡ ସୋ ଦେଖି ଘରକୁ ଫେରନ୍ତି । ସହର ଆସିବା ନୂଆରେ ମିକି ବାରମ୍ବାର ବୁଝାଇଥିଲା । ଅଜଣା ଲୋକ ସହ ମିଶିବୁନି, କାହା ବାଇକ୍ ରେ ବସିବୁନି । ସେ ସବୁ ପାଶୋରି ସାରିଛି । ଅନ୍ୱେଷକୁ ଭଲ ପାଇ ବସିଛି । ତା ପ୍ରତି ବହୁତ ବିଶ୍ୱାସ ଅଛି କଳ୍ପନାର ।

ଏକୁଟିଆ ଲୋକ । ଭଲ ଲାଗୁନି । ଝିଅ କଥା ଭାରି ମନେ ପଡ଼ୁଛି । ଚାରିପାଂଚ ମାସ ପରେ ସହର ଆସିଛନ୍ତି ନନା । ହେଲେ କଳ୍ପନା ଆଜି ଛୁଟିରେ । ପାର୍ଲର ଆସିନି । ମିକି ପାଖରେ ବି ତା' ଖବର ନାଇ ଆଜି । କିଛି କହିନି । ଘରକୁ ଯାଇ ଦେଖିଲେ । ତାଲା ଝୁଲିଛି । ସକାଳଠୁ ଫୋନ୍ ବି ଅଫ୍ । ଅନେକ କଥା ଭାବି ଭାବି ପିଣ୍ଡାରେ ଅପେକ୍ଷା କଲେ । ପାଖ ପଡ଼ୋଶୀ ସବୁଠି ଏକା ଉତ୍ତର ପାର୍ଲର ଯାଇଥିବ । ଚିନ୍ତାରେ ବସିଥିବାବେଳେ ଗେଟ୍ ପାଖରେ ଡିସ୍କବ୍ରେକ୍ ଲଗାଇ ଅଟକିଲା ବାଇକଟେ । ବିକ୍ରମାଦିତ୍ୟ ଉପରେ ବେତାଳ ଓହଳିବା ପୋଜରେ କଳ୍ପନା । ଓହ୍ଲାଇ ଗେଟ୍ ଖୋଲି ଦେଖେ, ନନା ଘର ଆଗରେ । ଆଖିରେ ଲୁହ ।

ଘରକୁଡାକି ନେଲା କଳ୍ପନା । ନନା ନିଜ ମଳିନ ଚକ୍ଷୁରେ ଝିଅର ଅବତାରକୁ ଦେଖୁଥାନ୍ତି । ପୂର୍ବରୁ ଯାହା ପିନ୍ଧିଥିଲା ଛାଡ଼ । ହେଲେ ଯେ କି ଡ୍ରେସ୍ ଉପରୁ କାନ୍ଧଛାତି ଦର ମେଲା ତଳକୁ ଆଣ୍ଠୁ ଲୁଚିନି । ଏମିତି ବେଶରେ ଦେଖି ହୃଦୟ ଭାଙ୍ଗି ଗଲା । ଆଉ କଳ୍ପନାର ସହରେ ରହିବା ପସନ୍ଦ କଲେନି । ସାଙ୍ଗରେ ଫେରି ଆସିବାକୁ କହିଲେ । କଳ୍ପନା ରୋକ୍ ଠୋକ୍ ଶୁଣାଇ ଦେଲା, "ତୁମେ ଚାଲିଯାଅ ନନା, ମୋର ଗାଁକୁ ଯିବାର ନାଇ କି ସେଠି ରହିବାର ନାଇ । ଏଠି ମୋତେ ଠିକ୍ ଲାଗୁଛି । ମୁଁ ଏଠି ଠିକ୍ ଅଛି । ତୁମେ ଆଉ ଏଠିକି ବାରବାର ଆସିବା ଦରକାର ନାଇ ।"

– 'ନା.... ତୁ ଏଠି ଆଉ ରହିବୁନି ।'

– 'ନନା....... (ଚିଲେଇ)'

– 'ହଁ....'

– 'ନା.... ମୁ ଯାଉନି । ତୁମେ ଯାଇ ପାର ।'

– 'ଜବାବ ଦେଉଛୁ ମୁହଁରେ ? କିଏ ସେ ଟୋକା ?'

– 'କିଏ ?'

– 'ଯୋଉ ବାଇକରେ ତୋ ସହ.......'

– 'ଓଃ... ସେଇ'

– 'ଅନ୍ୱେଷ । ଏ ଘର ମାଲିକର ପୁଅ । ଆମେ ପରସ୍ପରକୁ ଭଲ ପାଉ । ମୁଁ ତାକୁ ବିବାହ କରିବାକୁ ଚାହେଁ ।'

– 'ତୋର ଏତେ ସାହସ !'(ହାତ ଉଠାଇ)

– 'ନନା....,

ହାତ ଟେକିବନି କହି ଦେଉଛି । ମୁଁ ଏବେ ମାଇନର ନୁହଁ । ମୋତେ ମାରିବାର ଅଧିକାର ତୁମର ଏବେ ନାଇ । ମୁଁ ଏଥର ମୋ ନିଷ୍ପତ୍ତି ନେଇ ପାରିବି । ଯଦି ପୁଣି ହାତ ଉଠାଅନା ଦେଖ ଭଲ ହେବନି କହି ଦେଉଛି....'

– 'କ'ଣ କେସ୍ ଦେବୁ ??'

– 'ହଁ.... ଦେବି..'

– 'ଯା' ରେ ମା ଦେଇ ଯା', ଏଇଥିପାଇଁ ତ ଜନ୍ମ ଦେଇଥିଲି ତୋତେ, ଏଇଥିପାଇଁ ତ ପାଠ ପଢ଼ାଇଥିଲି, ଏଇଥିପାଇଁ ତ ସହରକୁ ଛାଡ଼ିଲି ତୋତେ ? ଦେବୁନି କାଇଁ ଦେବୁ... ତୁ ଦେବୁ । ଠିକ୍ ଅଛି ରେ ମା ଏଣିକି ତୋ ଇଚ୍ଛା ।'

ନନା ଏଥର ସବୁଦିନ ପାଇଁ ସହରରୁ ବିଦାୟ ନେଇ ଫେରିଲେ ଗାଁକୁ । ପ୍ରତି ମୁହୂର୍ତ୍ତରେ ପ୍ରତିଧ୍ୱନିତ୍ୱ ହେଉଥିଲା କଳ୍ପନାର ପ୍ରତିବାଦର ସ୍ୱର । ପେଟକୁ ଭୋକ ନାଇ । ଆଖିକୁ ନିଦ ଆସେନି । ଏକମାତ୍ର ଝିଅ ମାଆ ନଥିବା ସତ୍ୱେ କୌଣସି ଅଭାବ ନ କରି ପାଠ ପଢ଼ାଇ ଏତେ ବଡ଼ କରିଛନ୍ତି । ସ୍ୱପ୍ନ ବି ଗଢ଼ିଥିଲେ ସୁନ୍ଦର ବରଟିଏ ଖୋଜି ବାହାଦେବେ । ହେଲେ ଆଜି ସବୁ ସ୍ୱପ୍ନ ଚୁରମାର୍ । ପ୍ରତି ମୂହୁର୍ତ୍ତରେ ଆଖିରୁ ଧାର ଧାର ଲୁହ ବୋହି ତାଙ୍କ ମୁହଁକୁ ଧୋଇ ଦେଉଥାଏ । ଅସରାଏ କୋହ ଦୁଲକାଇ ଦିଏ ଦିହକୁ ।

କଳ୍ପନା ଧିରେ ଧିରେ ନିଜ ଇଜ୍ଜତ ହରାଇ ବସେ । ସହରୀ ନିଶାରେ ଶ୍ରୀହୀନା ସାଜେ । ଆଉ ଏପରି ଲୋକ ନିନ୍ଦା ଘେନି ଏପରି ଏକା ବଂଚିବାକୁ ଚାହେଁନା । ଯେମିତି ହେଲେ ଏଥର ଜଣାଇବ ଅନ୍ୱେଷକୁ । ବାହା ହେବାକୁ କହିବ । ରାତିକ ବିତି ଯାଉ । ସକାଳକୁ ଅପେକ୍ଷା... ପ୍ରତିଦିନ ଭଳି ଠିକଣା ଟାଇମରେ ହାଜର । କଳ୍ପନା ବି ରେଡ଼ି । ବହୁଦିନ ଧରି ବୁଲିଛି ତା' ସହ । ବହୁତ ବିଶ୍ୱାସ ରଖିଛି । କଥାବାର୍ତ୍ତା ହୋଇ ହୋଇ ହୋଇ ଶେଷରେ କିଙ୍ଗସ୍ ହୋଟେଲରେ ପହଂଚିଲେ । ଦୁଇଜଣଙ୍କର ଫେଭ୍ରେଟ୍ । ଅନେକଥର ଏଇଠି ଲଂଚ ଡିନର କରିଛନ୍ତି । ଲଂଚ ମଗାଇ ଖାଇବା ଆରମ୍ଭ କରିଛନ୍ତି ।

– 'ଅନ୍ୱେଷ...'

– 'ହଁ...'

- 'ତୁମକୁ କିଛି କହିବାର ଥିଲା ।'

- 'କୁହ, ଏମିତି କି କଥା ରଖିଛ ?'

- 'ଅଛି । ତୁମେ କଥା ଦିଅ ମୋତେ ସତ କହିବ ।'

- 'ଆରେ... ଏ କି କଥା କହୁଛ । ମୁ କାଇଁ ତୁମକୁ ମିଛ କହିବି ।'

- ତଥାପି..

- ଠିକ୍ ଅଛି ବାବା ଠିକ୍ ଅଛି । କଥାଟା ତ କଣ କୁହ ଆରେ ।

- ଆମେ କେବେ ସାଦି କରିବା ?

- ବାହାଘର !!! (ଅଧା ବାଟ ରେ ଭାତ ମୁଠା ଧରି)

- ହଁ ।

- ଏ କ'ଣ କହୁଛ । ତୁମେ ମୋ ଫ୍ରେଣ୍ଡ ।

- କଣ କହୁଛୁ ? ମୁଁ ତୁମ ଫ୍ରେଣ୍ଡ ? ଥରେ ମୁହଁକୁ ଚାହିଁ କୁହତ ?

- ହଁ.. ହଁ.. ତୁମେ ମୋ ସାଙ୍ଗ ।

- ଓଃ... ତା' ମାନେ ଆମ ମଧ୍ୟରେ ଯା' ସବୁ ଘଟି ଯାଇଛି...

- ଫ୍ରେଣ୍ଡଲି ....

- ୟୁ... ଚିଟର (ସାର୍ଟ କଲର ଧରି)

- ଛାଡ଼ କଳ୍ପନା, ଭଲ ହେବନି କହୁଛି, ଏମିତି ସଭିଙ୍କ ଆଗରେ କରିବା । ଇଟି ଇଜ୍ ଭେରି କେଜୁଆଲ ।

- କ'ଣ କେଜୁଆଲ !!

- ହଁ ହଁ କେଜୁଆଲ । ଭେରି କେଜୁଆଲ । ତୁମ ପରି ମୋର ଅନେକ ଫ୍ରେଣ୍ଡ ଅଛନ୍ତି । ତୁମ ଭଳି ମୁଁ ସେମାନଙ୍କ ସହ ବିତାଇଛି, ଏମିତି କେତେ କଣ....

- କେତେ ଜଣ ମାନେ

- ହଁ... ଯା' ତୁମ ସହ

- ଛିଃ... ଧକ୍କେବାଜ୍

- ମୁଁ ନୁହଁ କଳ୍ପନା । ସହରର ସବୁ ସେମିତି ।

- ହେଲେ ତୁମେ ତ କହିଥିଲ ମୋତେ ଭାରି ଭଲ ପାଅ । ତୁମେ ବି ଜାଣ ମୁଁ ତୁମକୁ କେତେ ଭଲ ପାଏ ।

- ତ ? କଣ ହେଲା ?

- କିଛି ନୁହଁ କିନ୍ତୁ, ତୁମେ ମୋତେ ବାହା ହେବ । ନଚେତ୍ ମୁଁ କଣ କରିବି ଦେଖିବ ?

(ଏଥର ହାଉଳି ଖାଇଲା ଅନ୍ୱେଷ । ଅନେକ ଝିଅ ଗଲେଣି ହେଲେ ଏମିତି କେହି ପ୍ରତିବାଦ କରି ନଥିଲେ । କାଳେ କଳ୍ପନା କିଛି ଅଘଟଣ ଘଟାଇ ବସେ ଭୟରେ ପୁଣି ଛଳନା କରି...)

- ଠିକ୍ ଅଛି ଡାର୍ଲିଂ... ଠିକ୍ ଅଛି ।

- ନାଇ ସତ କୁହ ?

- ସତ ହିଁ କହୁଛି ଆମେ ବାହା ହେବା ।

- ଆଉ ଯା' ସବୁ କହିଲ ?

- ଆରେ ବୋକୀ ମଜା କରୁଥିଲି । ଜାଣିପାରିଲୁନି ?

- ନା... ଆଉ ଦିନେ ସେମିତି କହିବନି । ଜାଣିଛ କ'ଣ ଲାଗିଲା ମୋତେ ?

- କ'ଣ ?

- କିଛି ମୋମେଂଟ ପାଇଁ ମୋ ହାର୍ଟ ବିଟ୍ ରହିଗଲା ।

- sorry... କାନ ଧରୁଛି ।

- THANK GOD, ତୁମେ ରାଜି ହେଲ ।

- ଚାଲଯିବା ଏଥର ।

- କୁଆଡ଼େ ?

- ତୁମ ରୁମ୍‌କୁ

- ହଁ... (ଲାଜେଇ ଲାଜେଇ)

ବାହାରି ପଡ଼ିଲେ ନିଜ ରୁମ୍ ଅଭିମୁଖେ । ଯିବା ରାସ୍ତାରେ ମେଡ଼ିକାଲ୍ ଷ୍ଟୋର ଠାରେ ଗାଡ଼ି ଅଟକାଇଲା ଅନ୍ୱେଷ । ଅଳ୍ପ ସମୟ ଅପେକ୍ଷା କରିବାକୁ କହି ଦୌଡ଼ି ଦୌଡ଼ି ଯାଇଥିଲା । ବୁଝି ସାରିଥିଲା କଳ୍ପନା । ଲାଗରେ ହସୁଥିଲା । କିଛି ସମୟ ଭିତରେ ଦୁହେଁ ପହଂଚିଲେ ରୁମରେ ।

ଫ୍ରେସ୍ ହେବାକୁ ଗଲା କଳ୍ପନା । ଏଣେ ହରଡ଼ ଘଣାରେ ଅନ୍ୱେଷ । କଳ୍ପନା ଯେ ଶେଷରେ ଏମିତି ରିଆକ୍ଟ ହେବ ସେ ଜାଣି ନଥିଲା । ଯେମିତି ହେଲା ଏ କାହାଣୀକୁ ଏଠି ବନ୍ଦ କରିବାକୁ ହେବ । ନଚେତ ସେ ଫସିଯିବ । ତେଣୁ ଡେରି ନକରି ମେଡ଼ିକାଲ୍ ଷ୍ଟୋରରୁ ନେଇ ଆସିଥିବା ନିଦ ବଟିକା ଗୁଡ଼ିକୁ ବୋତଲରେ ମିଶାଇ ଦେଲା । ଅପେକ୍ଷା କଲା । କଳ୍ପନା ଫେରିବା ପୂର୍ବରୁ ନିଜ ମୋବାଇଲର ଭିଡ଼ିଓ ଟିକୁ ଅନ୍ କରି କପବୋର୍ଡ଼ରେ ଥୋଇଦେଲା । କଳ୍ପନା ବାହାରକୁ ଆସିବା ପରେ, ଅଧା ଢାଳି ବଢ଼ାଇ ଦେଇ କହିଲା ନିଅ ମୁଁ ଅଧା ପିଇ ନେଇଛି, ଏତକ ପିଇ ନିଅ ।

ଅଚେତ ଅବସ୍ଥାରେ ବେଡ଼୍‌ରେ କଳ୍ପନା । ପୁଣି ଶିକାରୀ ସାମ୍ନାରେ ବିରାଟ ଶିକାର । ମୁକୁଳିବାର ପ୍ରଶ୍ନ ହିଁ ନାଇ । ତା'

ପାଟି ବନ୍ଦ କରିବାକୁ ଅନ୍ୱେଷ ପାଖରେ ଏଇ ଏକମାତ୍ର ରାସ୍ତା । ଦୁହିଁଙ୍କ ଡ୍ରେସ୍ ବେଡ୍ ତଳେ, ଆଉ ଦୁଇ ଜଣ ବେଡ୍ ଉପରେ । ବେଡ୍ ଉପର ର ସମସ୍ତ ଲୀଳା ଖେଳକୁ ନିଶବ୍ଦରେ କଏଦ କରୁଥିଲା ମୋବାଇଲ । କିଛି ମୂହୁର୍ତ୍ତର କଳଙ୍କ ବୋଲି ସାରିବା ପରେ ଶେଯ ଛାଡ଼ିଲା ଅନ୍ୱେଷ । ଭିଡ଼ିଓଟିକୁ ଅଫ୍ କଲା । ନିଦ ଭାଙ୍ଗିନି । ସେମିତି ପଡ଼ିଛି କଳ୍ପନା । ତା' ନିଦ ଭାଙ୍ଗିବା ପୂର୍ବରୁ ରେକର୍ଡ଼ କରିଥିବା ଭିଡ଼ିଓ ସହ ମେସେଜ୍ ଟେ ସେଣ୍ଡ କରି ଚାଲିଗଲା ।

କିଛି ସମୟ ପରେ ଚେତା ଫିଟିଲା । ସମୟ ଦିନ ଦିପହରୁ ଯାଇ ସିଧା ରାତିବାର । ମୂର୍ମୁର୍ଷୁ ସ୍ଥିତିରେ କଳ୍ପନା । ଦେହ ସାରା ଅଜଣା ବ୍ୟଥା । ଦିହରେ ପୋଷା କନାଇ । ପାଦ ତଳୁ ଚାଦରଟି ଘୋଡ଼ି ନେଲା ଦେହଟାକୁ । ଅନ୍ୱେଷ... ଅନ୍ୱେଷ... ଡାକ ଦେଲା ହେଲେ ପ୍ରତିଉତ୍ତର ନାଇ । ନିବୁଜ କୋଠରୀର ନିଃଶବ୍ଦତା ଭିତରେ ଉପହାସ କରି ପ୍ରତିଧ୍ୱନିତ୍ୱ ହେଉଥିଲା ତା ଡାକ । ଅନ୍ୱେଷତାକୁ ଏଭଳି ଅବସ୍ଥାରେ ଛାଡ଼ିଯିବ ତା ବିଶ୍ୱାସ ହେଉ ନଥିଲା । ପଚାରିବା ପାଇଁ ଫୋନ ଖୋଲିଲା । ଦେଖେତ ଅନ୍ୱେଷର ନମ୍ବରରୁ ମେସେଜ୍ ଆଉ ଭିଡ଼ିଓଟେ । ଭିଡ଼ିଓ ଡାଉନ୍‌ଲୋଡ଼୍ ବେଳକୁ ପଢ଼ିନେଲା ମେସେଜ୍‌ଟିକୁ ।

– 'ଦେଖି ନିଅ କଳ୍ପନା, ଭଲରେ ଟିକେ ଦେଖି ନିଅ । ଆମ ଭିଡ଼ିଓ ହିଁ । ଆଉ ଦିନେ ମୋ ଆଗରେ ବାହାଘର କଥା ଟେକିବନି । ଯଦି ବାଧ କରନା, ମୁଁ ଏବେ କଣ କରିବି ଭଲରେ ଜାଣିଚ । ମୁଁ ଯଦି ଏ ଭିଡ଼ିଓଟିକୁ ମାର୍କେଟରେ ଛାଡ଼େ ତ ମୁଣ୍ଡ ଉଠାଇ ବାରିବ ନାହିଁ, ଆଉ ତୁମ ନନା ଏହା ଦେଖିବା ପରେ ଲୋକଲଜ୍ଜାରେ ଆତ୍ମହତ୍ୟା କରିବେ । ଭଲରେ ଭଲରେ କହୁଛି ପାଟି ବନ୍ଦ କରି ସିଧା ସିଧା ଗାଁକୁ ଚାଲିଯାଅ, ନଚେତ୍... । ଏଥର ତୁମ ଇଛା । ଗୁଡ଼୍‌ବାଏ ।

ହୃଦୟ ଫାଟିଗଲା । ଅନ୍ୱେଷ ଏମିତି ବ୍ଲାକମେଲିଂ କରିବ । ତା ଭଲପାଇ କୁ ଏମିତି ଠିକଣା ଦେବ । ବିଶ୍ୱାସର ପ୍ରତିଉତ୍ତରରେ ଏଭଳି ବିଶ୍ୱାସ ଘାତକତା କରିବ ସ୍ୱପ୍ନରେ ସୁଧା ଭାବିନଥିଲା । ଏଥର ଚିହ୍ନି ସାରିଥିଲା ଅନ୍ୱେଷକୁ । ଚିହ୍ନି ସାରିଥିଲା ସହରୀ ରାକ୍ଷସକୁ । ତା ସହର ନିଶା ଏକାବେଳକୁ ଭାଙ୍ଗିଗଲା ।

ସଙ୍ଗେ ସଙ୍ଗେ ମିକିକୁ ଫୋନ୍ କରି ସମସ୍ତ ଘଟଣା ଜଣାଇଲା । ସେ ବି ଝିଅ । ବହୁତ ଦିନ ଧରି ସହରରେ ରହି ଆସିଛି । ଭଲରେ ଚିହ୍ନିଛି ସହରକୁ । କେତେ ସତର୍କତାର ସହିତ ବଂଚିବାକୁ ପଡ଼େ । ଆଜି କାଲି ସହରମାନଙ୍କରେ ଏ ଘଟଣା ସବୁ ଅତି ସାଧାରଣ ହୋଇ ପଡ଼ିଲାଣି । ଅଫିସ୍, ପାର୍କ, ମନ୍ଦିର, ଥିଏଟର କୋଉଠି ଖାଲି ନାଇ । ଏମିତି ଏ ସହରର ନର ରୂପ ଧାରୀ ଶିକାରୀ ମାନଙ୍କ ପଞ୍ଝାରେ ଅନେକ ଶିକାର ହୁଅନ୍ତି ।

ତହିଁଆର ଦିନ ସକାଳୁ ସକାଳୁ ମିକି ଆସି ପହଂଚିଲା । କଳ୍ପନାକୁ ବୁଝାଇ କହିଲା

– ' ଭଲ ହେବ ଗାଁକୁ ଫେରି ଯାଆ । ଗାଁରେ ରହି ନନାର ସେବା କରେ । ତୋତେ ଏଠି ଆଉ ଭଲରେ ଦେଖେଇଦେବେନି, ଭଲ ହେବ ତାକୁ ପଦେ ବି ଜବାବ ନଦେଇ ଚାଲିଯାଆ ।

– ନା, ମୁଁ ଆଉ ବଂଚିବିନି ମିକି ।

– ଚୁପ୍ କର ।

– ଏ ଲାଜରେ କେମିତି ମୁହଁ ଉଠାଇବି ? କାହା ପାଇଁ ବଂଚିବି ?

– ବଂଚିବାକୁ ହେବ ତୋତେ । ଥରେ ଭାବେ ତୋ ନନାର କଥା । ତାଙ୍କୁ ଏକା କରି କଣ ଏମିତି ଚାଲିଯିବୁ ?

– ହେଲେ ନନା ଜାଣିଲେ.......

– କାନ୍ଦେନା ରହ ! ଏବେ କାନ୍ଦି କିଛି ଲାଭ ହେବନି । ଯାହା ସବୁ ଘଟିଗଲା ମନରୁ କାଢ଼ିନେ । ତୋର କିଛି ହେବନି ।

– ମୁଁ ଏଇ କ୍ଷଣି ଚାଲିଯିବି ଗାଁକୁ । ନନା କଥା ଭାରି ମନେ ପଡୁଛି ।

– ହଁ ଠିକ୍ ଅଛି । ଆଜି ହିଁ ବାହାରିପଡ଼ । କହିଦେଉଛି ଆଉ କିଛି ବି ପାଗଳାମି କରିବୁନି । ତୋ ନନା ଲାଗି ତତେ ବଂଚିବାକୁ ହିଁ ପଡ଼ିବ ।

ହୁତ୍ ହୁତ୍ ହୋଇ ଜଳୁଥିଲା ତା ଅନ୍ତର । ନିଜର ବୋଲି ଇଜ୍ଜତକୁ ହରାଇ ବସିଲା । ଏଥର ଏଇ ସହରରେ ଆଉ ରହିବାର ନାହିଁ । କିଛି ସ୍ୱପ୍ନ ନାହିଁ । ପୁଣି ଫେରିଆସିବ ସେଇ ମଫସଲକୁ ଘର କାମ କରିବ । ରାନ୍ଧିବାଢ଼ି ନନାକୁ ମୁଠେ ଖାଇବାକୁ ଦେବ । ସେମିତି ପଡ଼ି ରହିବ ଗାଁରେ । ତା'ର ଆଉ ସହର ଲୋଡ଼ା ନାହିଁ । ଶେଷରେ ପୁଣି ଫେରିଲା ଗାଆଁ ଅଭିମୁଖେ ।

ଦିନେ ଝରକା ଫାଙ୍କରୁ ଯେଉଁ ବଡ଼ ବଡ଼ କୋଠାକୁ ଦେଖି ଆନନ୍ଦରେ ଡେଉଁଥିଲା ଆଜି ସେ ସବୁ ପଛର କଳା ଚେହେରା ଗୁଡ଼ିକୁ ମନେ ପକାଇ ନିଜକୁ ଧିକ୍କାର କରୁଥିଲା । ଏଠି ହଜାର ହଜାର ଅନ୍ୱେଷ । ତା ଭଳି ଲୋକ ହାତରେ ପ୍ରତିଦିନ ଏଠି ହଜାର ହଜାର ନିରୀହ କଳ୍ପନା ଶିକାର ହୁଅନ୍ତି । ଧିରେ

ଧିରେ ସେଇ କଂକ୍ରିଟ୍ ଜଙ୍ଗଲରୁ ମୁକ୍ତି ମିଳୁଥିଲା । ଏତକ ସମୟ ମଧ୍ୟରେ ସବୁଜ ଜନନୀକୁ ମଧ୍ୟ ସହର ଗ୍ରାସ କରିସାରିଥିଲା । ଦେଖୁ ଦେଖୁ ସହର ଡେଇଁ ମଫସଲ ଆଡକୁ ବଢ଼େ ବସ୍ । ତା ଆସିବା ଖବର ଜାଣି ରାସ୍ତା କଡ଼ ବୃକ୍ଷଲତା ସବୁ ନିଦାଘର ତେଜ ସମ ଜଳିବାକୁ ଲାଗେ । ସୂର୍ଯ୍ୟମୁଖୀ ସବୁଦିଗ ବଦଳାଇ ବିମୁଖୀ ହୁଏ । ଗାଁରେ କାହାକୁ ଖବର ନାହିଁ । କଳ୍ପନା ଆଜି ଫେରୁଛି । ଗାଁ ମୁଣ୍ଡରେ ଓହ୍ଲାଇଲା । ଶେଷ ମୁଣ୍ଡରେ ଘର । ଧିରେ ଧିରେ ପାଦ ପକାଇ ଆଗକୁ ବଢ଼େ । ଗାଁ ଟି ପୁରା ଖାଁ ଖାଁ । ଶେଷ ମୁଣ୍ଡରେ ଗହଳି । ଗହଳି ଭିତରୁ କାନ୍ଦ ବୋବାଳ ଶବ୍ଦ । ଭୟରେ ପାଦର ଗତି ଧିମେଇ ଯାଏ । ଗହଳି ମଧ୍ୟରୁ ସମସ୍ତଙ୍କ ନଜର ଫେରେ କଳ୍ପନା ଦିଗକୁ । କର୍କଶ ଚେହେରା ସବୁ । ଗହଳି ଭାଙ୍ଗି ଭିତରକୁ ପଶି ଦେଖେତ କାଠ ପାଲଟି ଯାଏ ଦିହ । ଓଠ ପାଟି ଶୁଖିଯାଏ । ପାଦ ତଳୁ ମାଟି ଖସି ଯାଏ । ମହମ ପରି ମିଳେଇ ଯାଏ ତା ହୃଦୟ । ବଂଶ ମର୍ଯ୍ୟାଦା ହରାଇ ବାଉଁଶ କୋକେଇ ଉପରେ ଚିର ନିଦ୍ରାରେ ତା ନନା ।

ଆଜି ସକାଳୁ ବିଲହିଡ଼ ଉପରୁ ତାକୁ ମୃତ ଅବସ୍ଥାରେ ପାଇ ଟୋକା ମାନେ ଗାଁକୁ ଉଠାଇ ଆଣିଛନ୍ତି । ମୃତ୍ୟୁର କାରଣ ଅସ୍ପଷ୍ଟ ଲାଗୁଥିଲେ ବି ସେଇ । ଭିଡ଼ିଓ ଦୁଇଦିନ ହେବ ସମସ୍ତଙ୍କ ହାତରେ ବୁଲିଲାଣି । ଗାଆଁଟା ସାରା ଲୋକ ଜାଣିଲେ । ଗତକାଲି ରାତିରେ ଏହି ଘଟଣାକୁ ନେଇ ପଂଚାୟତ ବସିଥିଲା । ପଂଚାୟତରେ ଝିଅର କର୍ମ ପାଇଁ ଅନେକ ଲୋକ ଲଜ୍ଜା ସହିବାକୁ ପଡ଼ିଲା । ଶେଷରେ ପଂଚାୟତରେ ରାୟ ମିଳିଥିଲା ନିର୍ବାସନ ଦଣ୍ଡ !!

ରାତି ସାରା ଆଖିରେ ନିଦ ନାଇ । କେତେ ସେବା କରିଥିଲା । କେତେ ଗେହ୍ଲା କରୁଥିଲା କଳ୍ପନାକୁ । ମାଆର ଊଣା ପଣିଆ କେବେ ବି ଅନୁଭବ କରାଇ ନଥିଲା । ଏପୁତ୍ର ମାନସିକ ଧାରୀ ଦୁନିଆରେ ବି କଳ୍ପନାକୁ କୋଳରେ ପାଇ ବେଶ୍ ଗର୍ବ କରୁଥିଲା । ବଂଶ ବୃଦ୍ଧି ନୁହଁ ବଂଶ ମର୍ଯ୍ୟାଦା ହିଁ ଶ୍ରେୟ ଭାବି ବଂଚିଥିଲା । ଶେଷରେ ତା' ଝିଅ ଏମିତି କରିବ କଳ୍ପନା ବାହାରେ ଥିଲା । ଏମିତି ଚିନ୍ତାରେ ଚିନ୍ତାରେ ରାତି ପାହିଗଲା । ଶେଷରେ ଲୋକ ଲଜ୍ଜା ଭୟରେ ଗାଁ ଉଠିବା ପୂର୍ବରୁ କୀଟନାଶକ ଔଷଧ କାଚଟିକୁ ଧରି ଚାଲିଗଲା । ଶେଷରେ ଯାହା ଘଟିଗଲା ।

ନନାକୁ ଏଭଳି ଅବସ୍ଥାରେ ଦେଖି ନିର୍ବାକ । ସେଇ ଗହଳି ମଧ୍ୟରେ ବି କିଛି ଏମିତି କଥା କାନରେ ପଡୁଥିଲା-

– 'ହେଇଟି ଆଇଲା ଅଲାଜୁକୀ, ଛତରଖାଇ, ସୁନାଭଳି ବାପଟାକୁ ମାରିଦେଲା ।'

– 'ସହର ଯାଇଥିଲା, ସହର ଇଜ୍ଜତ ବିକି ଆଇଲା ।'

– 'ଛି... ଛି... କି ପାପ କରିଥିଲା କେଜାଣି ରବି, ଏମିତି ଝିଅକୁ ଜନ୍ମ ଦେଲା ।'

– 'ଖବର ଜାଣି ମରିଗଲାନି କାଇଁ, ବାପ ମୁହଁ ଦେଖି ଆଇଛି । ଡାହାଣୀଖାଇ....'

ଏଇ ସବୁ ଶୁଣି ଜୀବନ ଥାଇ ବି ମୃତ ସମ ଅନୁଭବ କରୁଥିଲା ନିଜକୁ । ଲୋକ ଲଜ୍ଜାରେ ଭାଙ୍ଗି ପଡ଼ିଲା । ଶେଷରେ ହାର ମାନିଯିବା ପରେ ବି ଅନ୍ୱେଷ ଏଭଳି କରିବ ଜାଣି ନଥିଲା । ବୋଧେ ସହରରେ ପ୍ରାୟ ଏମିତି । ଆଉ କାହା ପାଇଁ ବଂଚିବ । ଯଦି ବଂଚିବ ଏ ସମାଜକୁ ତାକୁ ସମ୍ମାନର ସହ ବଂଚିବାକୁ ଦେବନି । ଗୋଟିଏ ଭୁଲ୍ ପାଇଁ ଜୀବନ ତମାମ ଶାସ୍ତି ଭୋଗିବାକୁ ପଡ଼ିବ । ଆତ୍ମାକୁ ନୁହଁ, ଶରୀରକୁ ମାପ କାଠି କରି ବିଚାର କରେ ଏ ଦୁନିଆ । ନା ଏମିତିକା ଜୀବନ ତାର ବଂଚିବାର ନାଇ । ଜୀବନର ଏକମାତ୍ର ସାହାରା ବୋଲି କେବଳ ନନା ମାତ୍ର ଥିଲେ । ସେ ବି ଚାଲିଗଲେ । ନିଷ୍ପତ୍ତି ନେଲା ଭିଡ଼ିଓ ଭାଇରାଲ ହେବା ପୂର୍ବରୁ ନିଜେ ଏ ଦୁନିଆରୁ ସବୁଦିନ ପାଇଁ ନିଶ୍ଚିହ୍ନ ହୋଇଯିବ ।

ସନ୍ଧ୍ୟାବେଳ । ଗାଆଁ ମଶାଣି ଭୂଇଁ ରେ ପାଖାପାଖି ଜଳୁଥିଲା ଦୁଇଟି ଚିତା । ଗୋଟିଏ ପାର୍ଶ୍ୱରେ ବଂଶ ମର୍ଯ୍ୟାଦା ହରାଇ ବାପା, ଆରପାର୍ଶ୍ୱରେ ନୂତନତାର ବୁଢ଼ିଆଣୀ ଜାଲରେ ଛନ୍ଦି, ପ୍ରତାରଣାକୁ ପ୍ରତିହତ କରି ପାରି ନ ପାରି ପରାସ୍ତ ହୋଇଥିବା କଳ୍ପନା । ଶେଷରେ ଜଳିବାର ପ୍ରୟାସ ରେ ଜାଳୁଥିଲା ତା ସ୍ୱପ୍ନକୁ, ତା' ଇଜ୍ଜତକୁ । ଶାନ୍ତ ହେଲା । ମୁଠାଏ ପାଉଁଶରେ ସୀମିତ ରହିଲା ସବୁ କିଛି ।

*କଲ୍ୟାଣସିଂହପୁର, ରାୟଗଡ଼ା*

# ବାବୁ !

- ବଳବନ୍ତ ସାହୁ (ବବଲୁ)

ସୁଦୀର୍ଘ ଅଟ୍ଟାଳିକା ର ଫଳକରେ ଲାଗିଥିବା ଇଟା ଖଣ୍ଡିକ ଖୁବ୍ ତାସଲ୍ୟ କରେ ପାହାଚ ତଳ ମାଟିକୁ.. । ଗର୍ବରେ ଗାଇଚାଲେ ନିଜ ପ୍ରଶଂସାର ଭାଗବତ । କାନଡେରି ଶୁଣେ ପାହାଚ ତଳ ମାଟି । ହେଲେ ପ୍ରକାଶ କରିପାରେ ନାହିଁ ଛାତିତଳର ଜମାଟ୍ ବାନ୍ଧିଥିବା କୋହକୁ । କହିପାରେନି ନିଜେ ନିଭଉଥିବା ସହନଶକ୍ତିର ଗଭୀରତାକୁ.. । କହିପାରେନି ଦୁଇମାଟିର ଫରକ୍‌କୁ । ପାହାଚ ତଳ ମାଟି ଜିଏଁ ମାଟି ପାଇଁ, ଆଉ ଫଳକର ଇଟା ଜିଏଁ ଆକାଶ ପାଇଁ.. । ଇଟା ଭୁଲିଯାଇଥିବା ତା' ଦୁର୍ଗନ୍ଧ ଅତୀତକୁ ଆଉ ଭାଟିରେ ସହିଥିବା ଅସହ୍ୟ ଜ୍ୱାଳାକୁ.. । ହେଲେ ମାଟି କେବେ ଭୁଲେ ନାହିଁ କିଛି.. । ଅବିକଳ ମାଟି ପରି ମଣିଷ– 'ବାବୁ' । ବାବୁ ଜିଇଁଥାଏ ମାଟି ପାଇଁ.. । ବାବୁ କହିଲେ ସାହେବି ବାବୁ କି ପୋଲିସ ବାବୁ ନୁହଁ ! ସେ ବାବୁମାନଙ୍କର ତ' ବଡ଼ ବଡ଼ ପେଟ ଥାଏ । ଖାଇବା ପାଇଁ, ପିଇବା ପାଇଁ । ମୁଣ୍ଡରେ ମୁଣ୍ଡେ ବୁଦ୍ଧି ଥାଏ । ପର ଥାଳରୁ ଝାମ୍ପିବା ପାଇଁ । ପର ବିଶ୍ୱାସକୁ ପିଇବା ପାଇଁ ଆଉ ପର ଯୌବନପଲଙ୍କରେ ଦିନରାତି ଶୋଇବା ପାଇଁ.. । ହେଲେ ଏ ବାବୁର କଣ ଅଛି ଯେ ? ଯାହା ଅଛି ସବୁ ଗୋଟେ ଗୋଟେ କଳଙ୍କର ଭାର । ଏଇ ଜଡ଼ ଦେହ, ହାଇ କ୍ୱାଲିଟି ନାମ, ପୁରସ୍କାର ପାଇଥିବା ଦଶ ବାର ହାତ ଜମି, ନିଜର ଭାବୁଥିବା ଗଛଲତା ପାହାଡ଼୍ ପରବତ୍ ଆର୍ ପାରବତି ନନୀ । ଯାହାକେ କେଭେ ନନୀ ଡାକି ନାଇଁ, ମାଆ.. ଡାକିଛେ ମାଆ' । ଏ ସବୁ ହିଁ ତା କୁଟୁମ୍ । ବାବୁ କମାଏ, ପାର ରାନ୍ଧେ । ସମସ୍ତେ ଖାଆନ୍ତି । ଆଗେ ଗଛଲତା ପାହାଡ଼ ପର୍ବତ ମାନେ ବି କମଉଥିଲେ । ଯଦି ବି' ଖାଉନଥିଲେ । ଏବେ କିନ୍ତୁ ସେମାନେ ନକମାଇ ଏମିତି ଖାଉଛନ୍ତି ଯେ ଦିନେ ଦିନେ ଉପାସ ରହିବାକୁ ପଡ଼େ ବାବୁ ଆଉ ପାର କୁ । ଯେଉଁ ଦିନଠୁ ସରକାରର ଆଖି ପଡ଼ିଛି ଗଛଲତା ଆଉ ପାହାଡ଼ ପରବତ୍ ଉପରେ ।

ସରକାର୍ ର ଆଖି ବହୁତ ତୀକ୍ଷ୍ଣ । ସେ ଆଏକ୍ ପକାଲେ ରହସି ! ଡାକରା ଆସିଲା ଗାଁକୁ । ମଝା ଖୁଲି ଗଣା ରଡ଼ିଲା– 'ଶୁନ ଶୁନ.. ! ଆମର୍ ଗାଁ'ର ଡୁଙ୍ଗରୀ କେ ସରକାର୍ ନେଇଯିବା ପରେ.. ହୋ..ଶୁନ ଶୁନ ଶୁନ.. ।' କାଳିଆ କସରା ପଛେ ପଛେ, ବାବୁ ବୁଣୁଥିଲା କିଛି ସ୍ୱପ୍ନ । ଥରି ଉଠିଲା ପାଦ । ଘୁରିବାକୁ ଲାଗିଲା ତା' ଆଖି ଡୋଳାର ପୃଥିବୀ । ମୁଡ଼େ ଛିଣ୍ଡି ପଡ଼ିଗଲା ଆକାଶ । ପାଦ ତଳୁ ଧସିଗଲା ମାଟି । ଯେମିତି ହେଇଥିଲା ବାଇଶ ବର୍ଷ ପୂର୍ବେ । ଇସ୍କୁଲ ରେ ଶୁଣୁଥିଲା ଯେତେବେଳେ ତାର୍ ମାଆ ବୁଆ ଆର୍ ନାଇଁନ... ! ଧାଇଁ ଯାଇ ଦେଖିଥିଲା ରାଜଧାନୀ ମୁହାଁ ଟ୍ରେନ୍‌ଲାଇନ୍‌କୁ । କିଛି ତାଜା ରକ୍ତ ଆଉ ମାଂସରେ ସବୁଦିନ ପାଇଁ ଲିଭିଯାଉଛି ତା ମାଆ ଆର୍ ବୁଆ ଡାକ... । ଲିଭିଯାଇଛେ ତା ସେନେହ ପେରେମ ରାଗ୍ ରୁଷା ଆଉ ସମ୍ପର୍କର ଜୁଇ । ଲିଭିଯାଇଛନ୍ ଆଏକ୍ ବୁଜି ବିଶ୍ୱାସ କରୁଥିବାର ଜିଅନ୍ତା ମାହାପୁରୁ ଦୁଇ । ସେଥିପାଇଁ ବୋଧେ ବାବୁ ଏବେ ବି ଥରିଉଠେ ରାଜଧାନୀ ମୁହାଁ ଟ୍ରେନ୍‌ଲାଇନ୍‌କୁ ।

ବୁଝାସୁଝା କରି ଜାଣିଲା ଡୁଙ୍ଗରୀ ଫଟା ହେଇ ଟ୍ରେନ୍ ଲାଇନ୍ ତିଆରି ହେବ । ରାଜଧାନୀ କେ.. । ଗଛଲତା ସଫା କରି ସେନେ ଗଢ଼ି ଉଠିବା ବଡ଼ ବାରୁଦ କାରଖାନା ଟେ । କାରଖାନାରେ ଭୁଲ ଟିକେ ଅଧେ ହେଇଗଲେ ଲିଭିଯିବା ମାଟିକୁ ମାଆ କହୁଥିବାର ବାବୁ ପରି ହଜାର୍ ହଜାର୍ ଲୋକର ସପନ୍ ଆଉ ଜୀବନ୍ । ବାବୁର ବୁଦ୍ଧି ହଜିଗଲା । ଗାଁର ବଡ଼ବଡ଼କିଆ ଲୋକମାନଙ୍କୁ କହିଲା । ଫତୁଆ ହେଇ ଥାନା ଗଲା । ଗୁହାରୀ ଗଲା । ହେଲେ କାହାର ଛାତିରେ ଦମ୍ ଅଛେ ? କିଏ ମାଆର ଗୁରସ୍ ପିଇଛେ ? ହେଡ୍ ସବୁ ବୃର୍ଥା.. ସବୁ ଡବା ଗୁରସ୍ ! ସେ ଥାନାବାବୁ ବି' ଆଉ ସେ ଓକିଲ ବାବୁ ବି' । କାନ୍ଦି କାନ୍ଦି ବୁଝିଲା ଆଉ ପାହାଁ ଦେଲା ହାଇକୋର୍ଟ ରେ । ସେ ଦିନ ବି' ଦଶ ବରଷ ପୁରିଗଲା । ତା' ଭିତରେ ଡୋରି ବନ୍ଧାହେଲା ପାର' ର ପାଠପଢ଼ାରେ । ଭଙ୍ଗାହେଲା ରାଜ୍ ଜୁଟକ ଲେଖେ ଖଡ଼ି ଶୁଝିଥିବାର ବିହାଘର୍ । ହେଲେ ଫଏସଲା ଦିନ ଘୁଂଚି ଚାଲୁଥିଲା । ସେ ଦିନ ଆସୁଛେ ବୋଲି ନିଦ ନାହିଁ ବାବୁ ଆଖିରେ । ଛନେ ଆଖି ବୁଜିଲେ

ସପନେ ଆସୁଛେ ଓକିଲ ବାବୁ ର ମୁହୁଁ । କହୁଛେ– 'ତୁ ହାରିବୁ.. ତୁ ହାରିବୁ..' । ବାବୁ ଜବାବ୍ ଦେଉଛେ– 'ନାଇଁ! 'ମୁଇ ନାଇଁ ହାରେ..ବାବୁ! ମୋଟା ମୋଟା ଟଙ୍ଗା ଥି । ଦୁଇ ମିନଟିଆ ତେଲ ମାଲିସ ଥି । ମକେ ନାଇଁ ଡରାହୀ.. ନିଜେ ଡର । ଜାଗଲା ଗଛ ସିନା ଡରସି ଅଦିନିଆ ପାଏନ୍ କେ, ମାଟିର ମଞ୍ଜି କାଣା କେଭେ ଡରସି..!' ଫୋନ୍ କଟ୍ କଲେ ଓକିଲ ବାବୁ ।' ନିଜେ କହିଥିବା କଥାର ଗମ୍ଭୀରତାକୁ ନେଇ ସମ୍ଭାବନାର ଉଷ୍ମତାରେ ଗଜୁରୀ ଉଠିଲା ସେ ମଞ୍ଜି ।

ନିଦ୍ ଭାଙ୍ଗିଗଲା ବାବୁର । କାନ୍ଥର ଘଂଟାକୁ ଦେଖୁ ଦେଖୁ, ଘଂଟା କହୁଥାଏ– ସମିଆ ଅଛେ ରେ ବାବୁ.. ଇଛନେ୍ ଦେଢ଼୍ ବାଜିଛେ । ବାବୁ ବେଖାତିର କରି ଉଠିଛି । ନିତ୍ୟକର୍ମ ସାରିଛି । ମୁଡ଼ିଆ ଟେ ମାରିଛି ମାଁ ମାଉଳିକୁ । ସବୁଦିନ ପାର କୁ ଦେଖିପକାସି ଥରେ, ହେଲେ ଭୁଲିଯାଇଛି ସେଦିନ । ଆଉ ବାହାରିପଡ଼ିଛି ଟିଟିଲାଗଡ଼ର ରାଜଧାନୀ ମୁହାଁ ଟ୍ରେନ୍ ଅଭିମୁଖେ । ଧର୍ମର ଫଳାଫଳ ଆଶରେ.. । ହଠାତ୍ ଫୋନ୍ କ୍ରିଂ କ୍ରିଂ.. । ଫୋନ୍ ଉଠାଇ କାନ ପାଖକୁ ନେଉ ନେଉ..

–ହେଲୋ..!

–ହେଲୋ..ବାବୁ ତ?

–ହଁ..! କିଏ...?

–ଯିଏ ବି' ହୁଏ, ତୁ ଯମ ଭାବିନେ । ଆଜି ତୁ ଗଲୁ ଆଉ.. ତୋ ସବୁ ସଂପାଂଚିବି ।

–କଣ! କିଏ କହୁଛ..??

–ସପନରେ ବି' ଜାଣିବୁ ନାହିଁ, ମୁଁ କିଏ । ହା..ହା..ହା..ସ..ବୁ.. ନିଲାମରେ ତୋର.. ।

ଗୋଡ଼ ଗୁଡ଼ିକ ଥକି ପଡୁଥାଏ ନିଲାମ ପଦର ଭାରରେ । ତୀବ୍ର ବେଗରେ ସମାଧାନ କରୁଥାଏ ମସ୍ତିଷ୍କ । ମନମାନସରେ ଆଙ୍କି ହେଉଥାଏ ପାହାଡ଼୍ , ପରବତ୍ ର ଦୃଶ୍ୟ । ତଥାପି ବାବୁ ଚାଲୁଥାଏ ଜୀବନପଥରେ । ତା' କଟୁଆନ୍ ର ନିର୍ଦ୍ଦେଶରେ । ଅବିରତ ଭାବେ ଯୋଗାଡ଼ କରୁଥାଏ ସାହସ ଆଉ ଆତ୍ମବିଶ୍ୱାସ । ମନେ ପକାଉଥାଏ ତା' ପୁରସ୍କାର ପାଇଥିବା ମୁହୁର୍ତ୍ତକୁ । ସେଦିନ..' ହଜାର ହଜାର ଜନତା କିପରି ବାଃ ବାଃ କରିଥିଲେ ବାବୁକୁ । ମାଟି ଆଉ ଗଛଲତା ପ୍ରତି ଥିବା ତା' ପ୍ରେମକୁ । ନିଜକୁ ଭୁଲି ପ୍ରକୃତିକୁ ଭଲପାଇବାର ତା ଅଦ୍ଭୁତ ନିଶାକୁ । ଆଉ ଥରେ ଫୋନ୍ ବାଜିଲା । ବାବୁ ପ୍ରସ୍ଥାନ କଲା ଭାବନା ରାଜ୍ୟରୁ... । କାନ ପାଖକୁ ନେଉ ନେଉ– 'ଡନ୍ ଡନାଡନ୍ ଡନ୍' । ଫୋନ୍ କଟ୍ । ସ୍ୱରରୁ ସ୍ପଷ୍ଟ ବାରି ପାରୁଥିଲା ବ୍ୟାଘ୍ର ଗର୍ଜନ । ବାବୁ ମନରେ ଶତ ଶତ ପ୍ରଶ୍ନବାଚୀର ହିମାଳୟ । ତଥାପି ହିମାଳୟ ମୁଣ୍ଡାଇ ଚାଲୁଥାଏ । ଆଗକୁ..ଆଗକୁ.. । ତାଜା ରକ୍ତ ଜୁଡୁବୁଡୁ ବସ୍ତା ଭିତରୁ କାହା ମୁହଁ ଦେଖିଛି କେଜାଣି ? ବାବୁ ବେହୋସ୍ । ବୋଧେ, ପୂର୍ଣ୍ଣିମା ରାତିର କ୍ଷୀଣ ଆଲୁଅରେ ମଧ୍ୟ ତତ୍‌କ୍ଷଣାତ୍ ଚିହ୍ନିପାରିଛି ଆତ୍ମୀୟ ଜଣଙ୍କୁ.. । କିଛି ସମୟ ପରେ ଚେତା ଫେରିଛି । ସପନ୍ ଶୂନ୍ୟ ହୋଇ ଜୀବନ୍ ଶୂନ୍ୟ ହୋଇ । ଦେଖିଛି ! ପାର ମାଆ ଦେହରେ ସଇତାନ୍‌ର ନଖ ଚିହ୍ନ । ଜୀବନ୍ ନାହିଁ ମାଆର । ପବନ୍ ଟିକେ ବଢୁଛି ଯାହା ନାକ ବାଟେ । ମୁହଁରେ ଅଲିଭା କଳଙ୍କ ଦାଗ । ଗୋଟିଏ ଆଖିରେ ସାତଜନ୍ମର ଅବଶୋଷ ପୁଣି ଆଉ ଗୋଟେ ଆଖିରେ ତାସଲ୍ୟ ହସ । ସମାଜ ପ୍ରତି, ସମାଜର ବାବୁମାନଙ୍କ ପ୍ରତି । ଆଉ ଥରେ ବାବୁ ମୁଡ୍ ନେ ଛିଣ୍ଡି ପଡ଼ିଗଲା ଆକାଶ । ପାଦ ତଳୁ ଧସିଗଲା ମାଟି । ବାବୁ ମୁହଁରେ ଲୋକଲଜ୍ଜାର କୁତବ୍‌ମିନାର । ଦୌଡ଼ିଯାଇ ଛାତିରେ ଚାପିଧରିଲା ପାରକୁ । ଲୁଚେଇ ଦେଲା ଛାତିରେ କେହି ଦେଖିନେବା ଆଗରୁ । ଗଦ୍ ଗଦ୍ ବହିଯାଉଥିବା ଗଙ୍ଗା ଯମୁନାକୁ ପୋଛିଦେଲା ତା ପାପୁଲିରେ । କିଛି ମୁହୁର୍ତ୍ତ ଅନ୍ତରାଳେ, ମଲାଜହ୍ନ ଆଡ଼କୁ ହାତ ଉଠାଉ ଉଠାଉ ଉଡ଼ିଗଲା ପାରର ଜୀବନ୍ ବାୟୁ ଖଣ୍ଡିକ । ବାବୁର ବି' ଯାଉଥିଲା । ହେଲେ ଯାଉ ଯାଉ ରହିଗଲା ବୋଧେ ଭୋଗିବା ପାଇଁ ସାତଜନ୍ମର ପାପଭାର । ଛାତିପିଟି ରଡ଼ିଉଠିଲା ମାଟି– 'ପାର..ମାଆ...' । ମାଆ ଡାକ କ୍ଷୀଣ ହୋଇଆସୁଥିଲେ ବି ବଢ଼ି ଆସୁଥାଏ ପ୍ରକୃତିର ସମବେଦନା । ଉଦିତପ୍ରାୟ ସୂର୍ଯ୍ୟ ଲୁଚିଯାଉଥାନ୍ତି ପାହାଡ଼ ଉହାଡ଼ରେ ଆଉ ସୁସକି ସୁସକି କାନ୍ଦୁଥାଏ ପବନ୍ । ସତରେ କେତେ ସମ୍ବେଦନ ଏ ପ୍ରକୃତି! ସମବେଦନାରେ ଆହୁରି ଅସହ୍ୟ ହେଉଥାଏ ବାବୁ ଛାତିରେ । ସେ ବେହୋସ... ।

ଭିନ୍ନ ଗୋଟେ ଅସମ୍ବେଦନ ପରିବେଶରେ.. ଆଖି ଖୋଲିଥାଏ ବାବୁ! ଯେଉଁଠି ବିଚାର କରାଯାଏ ଧନୀ ଗରିବର ପାର୍ଥକ୍ୟ । ମୋଟା ମୋଟା ଟଙ୍କାରେ ଲୁଚାଯାଏ ପାଶବିକତାର ହିମାଳୟ । ଚେନ୍ କଡ଼ିରେ ବନ୍ଧାହୁଏ ମଣିଷପଣିଆ । ଫାସି

ଖୁଂଟରେ ଝୁଲିଥାଏ ନିରୀହତା । ଆଜାଦ୍ କରିଦିଆଯାଏ ମହାବଳ ବ୍ୟାଘ୍ରମାନଙ୍କୁ । ଯେପରି ସେମାନେ ଝାମ୍ପି ପାରିବେ ନିରୀହମାନଙ୍କ ଆଖିର ନିରୀହତାକୁ.. । ବାବୁ ଚେଷ୍ଟା କରୁଥାଏ ମନେ ପକେଇବା ପାଇଁ ତା ପାଶବିକତା । ଯେଉଁଠି ପାଇଁ ତା' ଚରିତ୍ର ଉପରେ ବନ୍ଧାହୋଇଛି ଗୋଟେ ନର୍କକୁଣ୍ଡ । ଉତ୍ତର ପାଉନଥାଏ ବାବୁ । ଉତ୍ତର ବଦଳରେ ପାଉଥାଏ ବରଂ ବାବୁପଣିଆର ପାବାର୍ । ଲାଠି ମାଡ଼ରେ ଫୁଲି ଫୁଲି ଉଠୁଥାଏ ବାବୁର ଦେହ । ଶୀତଳତାର ସ୍ପର୍ଶ ଦେଉଥାଏ ପୋଲିସ୍ ବାବୁଙ୍କ ଦେହର ଉଷ୍ମତାକୁ । ପୋଲିସ୍ ବାବୁ ଥକିଗଲେ ହେଲେ ବାବୁ ଥକିଲା ନାହିଁ ତା' ଉତ୍ତର ଖୋଜିବାରେ । ନୂଆଁ ବାବୁ ଆସିଲେ । ନୂଆଁ ବାଡ଼ି ଆସିଲା ହେଲେ ବାବୁ ଉପରେ ଭାର ସମାନ । ବାବୁ ଖୋଜୁଥାଏ ତା' ପାଶବିକତା । ସେ ପାଇଗଲା ଯେତେବେଳେ ଥକିପଡ଼ିଲା ଅନ୍ୟ ଏକ ପାଶବିକତା ।

ପୋଲିସ୍ ବାବୁ କହିଲେ– କ'ଣ କରିଛୁ ? ମନେ ନାହିଁ । କି କଣିଷ ବେ ତୁ..? ନିଜ ଝିଅକୁ...ଛି..ଛି.. । ଶଳା ଲାଜ ନାହିଁ, ପୁଣି ପଚାରୁଛି କଣ କରିଛି ! କି କି ମଣିଷ ଅଛନ୍ତି ? ଭଗବାନ ! (ଦୀର୍ଘ ଶ୍ୱାସ ନେଇ..) ଆବେ ଶଳା ଯାହା ତୋ ଘରେ କରୁଥିଲୁ କରୁଥିଲୁ... । ତା' ବିନା ଇଚ୍ଛାରେ ବି' । ମରିବ ନାହିଁ କଣ ବଂଚିବ ?

ବାବୁ ସବୁ ବୁଝିଗଲା । ଯା' ପରେ ଚେଷ୍ଟା ବି କଲାନି ପ୍ରମାଣ ଜାଣିବା ପାଇଁ । ପୋଲିସ୍ ବାବୁ ନିର୍ଦ୍ଧୁମ୍ ମାଡ଼ରେ ମଧ୍ୟ ସେ ହଜିସାରିଥିଲା ଗୋଟେ ଭାବନା ରାଜ୍ୟରେ । ଜେନ୍ନେ କେବଳ ପ୍ରଶ୍ନ ଆଉ ପଶ୍ଚାତାପର ହିମାଳୟ । ମାଟି, ପାଣି, ପବନକୁ ଭଲପାଉଥିବା ବାବୁ କିପରି ସାଜିଗଲା ପଶୁ ଠାରୁ ହୀନ । ଜରି ଗୋଟାଲି ଝିଅଟାକୁ ପାଳିଲା ବାର ବର୍ଷ । ମେଂଟାଇବା ପାଇଁ ତା' ପାପ ଲାଳନା । ବାହାନା କରି ଡାକୁଥିଲା ଝିଅ ବଦଳରେ ମାଆ ବୋଲି । ଛି' କେତେ ନୃଶଂସ ସେ । ରଜନୀର ନିସ୍ତବ୍ଧତା ମଧ୍ୟରେ କଳାପରଦାକୁ ଚିରିଫାଡ଼ି ଦେଇ ବିରତ ଭାବେ ଥାନା ଭିତରକୁ ମାଡ଼ିଆସୁଥିବା ଝିଙ୍କାରୀ ସହ ବାବୁ କାନରେ ପ୍ରତିଧ୍ୱନିତ ହୋଇଉଠିଲା..

ପାପୀ..

ଛି' ବଳାତ୍କାରୀ...

ମଣିଷଖିଆ...

ପାହାଡ଼୍, ପରବତ୍ ଖିଆ...

ଗଛପତର୍ ଖିଆ...

ବଳାତ୍କାରୀ...

ମଣିଷଖିଆ...


ପାପୀ...

ଅସହ୍ୟ । ଝାମ୍ପି ଆଣିଲା ପୋଲିସ୍ ବାବୁ ବନ୍ଧୁକଟାକୁ । ଜାଣିଥିବା ହିସାବେ ଦବେଇଚାଲିଲା ବନ୍ଧୁକଙ୍କୁ.. ଯେ ପର୍ଯ୍ୟନ୍ତ ଢୋ ଢୋ ବନ୍ଧୁକ ଶବ୍ଦରେ ଧୋଇହୋଇନଯାଇଛି ତା' ଶରୀରର କୂଢ଼ କୂଢ଼ ପାଶବିକତା । ଯାହା ଦେଇଥିଲେ ଓକିଲ ବାବୁ ଆଉ ପୋଲିସ୍ ବାବୁ । ପରିଣାମରେ କିଛି ହେଲାନି କାହାର । ହେଲା ବାବୁପଣିଆର ଜୟ ଆଉ ମଣିଷପଣିଆର ପରାଜୟ । ନିରନ୍ଧ୍ର ଅନ୍ଧାରରେ ଲୁଚି ଯାଉଥିବା ଜହ୍ନ ଦେହେ, ଆସ୍ତେ ଆସ୍ତେ ବୋଲି ହୋଇଯାଉଥିଲା ମଳାରକ୍ତର ଛିଟା । ଯେଉଁ ରକ୍ତଛିଟା ଉପହାସ କରୁଥିଲା, ଦୁଇ ଇଂଚର ଓସାର ଛାତି ଆଉ ହୃଦୟଧାରୀ ବାବୁମାନଙ୍କୁ... ।

*ଭୂଷଳାଡ଼, ସିନ୍ଧେକେଲା, ବଲାଙ୍ଗୀର*


CBSE XII
2018 RESULT
ROUT CLASSES
For Mathematics
MATH SCORE
Akankshya Baisakh
DAV PUBLIC SCHOOL, CDA, Cuttack
98/100
Sidhartha
DAV, Chandrasekharpur, BBSR
96/100
Amit Pradhan
DAV Public School, CDA, Cuttack
95/100
Madhusmita Agasti
DAV PUBLIC SCHOOL, CDA, Cuttack
94/100
Nitu Mohapatra
91/100
Sarthak Satapathy
Mother's Public School, BBSR
90/100
Triparna Mishra
Delhi Public School
89/100
Bidyut
DAV Public School, Unit-8, BBSR
89/100
Namrata Jena
83/100
& many more....
ROUT CLASSES
Blooming the Hidden Treasure
94384 09975 / 97763 55340
94384 09975
routclasses@gmail.com
www.routclasses.com
Sector-6, CDA (Cuttack), Sailashree Vihar,
VSS Nagar, BJB Nagar, Bomikhal (BBSR)
YouTube

# IBMS No.1 INSTITUTE | IBM'S






| BANK | SSC | RLY | OAS |
|---|---|---|---|
| PO/CLERK | +2/GRADUATE | Tech./Non Tech. | BED |

**CALCULATE 763X592 IN SECONDS**
**Charge your Brain**
**With the power of VEDIC MATHS.**

Free Registration For the
MATHS (QA) SPEED TECHNIQUE WORK SHOP
AT Our Badambari Branch
By Praharaj Sir .Con:0671-6540190

## 0671-6540190 M-9238500190
## Register Your Name For Free Class

All India Topper



Lopa Mudra Mohanty

### EXCLUSIVE FEATURES

- COMPLETE SIGN-UP SYSTEMS
- ENTRY BY 20 MINUTE PRE INTERVIEW & FREE CLASSES.
- WITH YOU SCORING OF 65%
- STUDENT FORUM CLASSES
- COMMON TEST STARTS FROM THE DATE OF ENTRY WITH COMPLETE EXPLANATION.

101 SPEED TEST
25 COMMON TEST
25 COMPLETE TEST &
IT CONTINUES TILL
YOU SCORE 65%



"I Get 6 job in 7 Month" Joined IOB PO. Calcutta.

Ankita Bhawani
Indian Overseas Bank PO



NARESH BARIK
VIJAYA BANK PO



Ruchi Smita Behera
Corporation Bank



Sandeep Mohanty
Bank Of India PO

Binayak Sahoo
Rank-8(MBA KIIT).
Debendra Bal
Gen Bed Rank -80
Srikant Behera(SBI CBI Clerk)
Loka Nath BeheraE.O & (SBI CLERK)

IBM'S CHANDI CHHAK & PALAMANDAP(Near Barabati Gas)CTC

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡକ୍ଟର ବିଭୁଦତ୍ତ ଖଣ୍ଡାୟତରାୟ